Digitized by srujanika@gmail.com

ନଗମଣି

ଦ୍ୱିତୀୟ ଭାଗ

ଲେଖକ—ଶ୍ରୀ ଚନ୍ଦ୍ରମଣି ଦାସ

ପ୍ରକାଶକ—ଶ୍ରୀ ଅରକ୍ଷିତ ଦାସ

ପଞ୍ଚମ ସଂସ୍କରଣ—୧୯୬୯

ପ୍ରକାଶକଙ୍କ ଦ୍ୱାରା ସ୍ୱତ୍ୱସ୍ୱତ୍ୱ ସଂରକ୍ଷିତ

ଦାଶରଥି ପୁସ୍ତକାଳୟ, କଟକ-୨

[illegible]

Digitized by srujanika@gmail.com

ନରବଳି

(ଦ୍ୱିତୀୟ ଭାଗ)

ମହେନ୍ଦ୍ର ବାବୁ ନିତି ମାଳତୀକୁ ପଚାରନ୍ତି,—"ମୋତେ ତ ସେଦିନୁ କହିଲଣି ସେଠାକୁ ନେଇଯିବାକୁ, କାହିଁ ଏ ପର୍ଯ୍ୟନ୍ତ ତ କିଛି ଖବର ଦେଲ ନାହିଁ ?" ମାଳତୀ ମୁରୁକି ହସି କହେ—"ଆଉ ବେଶି ହେଲେ ଦୁଇଦିନ କି ତିନିଦିନ ଅପେକ୍ଷା କରନ୍ତୁ । ମୁଁ ତ ବଳେ ଆପଣଙ୍କୁ ଯିବାଦିନ ଜଣାଇ ଦେବି ।"

ତିନିଦିନ ପରେ, ନିଶବ୍ଦ ରାତି । ମାଳତୀ ମହେନ୍ଦ୍ର ବାବୁଙ୍କ ଗୋଡ଼ ଘଷି ଦେଉଁ ଦେଉଁ କହିଲା—"ଆପଣ କବାଟ ଆଉଜେଇ ଶୋଇଥାନ୍ତୁ, ମୁଁ ଅଧଘଣ୍ଟା ମଧ୍ୟରେ ଗୋଟାଏ ଜାଗାରୁ ଆପଣଙ୍କ ଯିବା ଖବର ବୁଝି ଆସୁଛି ।" ମହେନ୍ଦ୍ର ବାବୁ ହଠାତ୍ ତା' ହାତ ଧରି ପକାଇ କହିଲେ,—"ନା, ନା, ତମେ ଏତେ ଅନ୍ଧାର ରାତିରେ ଏକୁଟିଆ ଯାଅ ନାହିଁ । ସମସ୍ତେ ତ ନିଦରେ ଶୋଇଲେଣି, ଚାଲ ମୁଁ ବି ତମ ସାଙ୍ଗରେ ଯିବି । ସାଙ୍ଗେ ସାଙ୍ଗେ ଫେରି ଆସିବା ।"

ମାଳତୀ ବଡ଼ ଅଡ଼ୁଆରେ ପଡ଼ି ଟିକିଏ ରହି କହିଲା,—"ଆପଣ ଶୁଅନ୍ତୁ, କାହିଁକି ମୋ ସାଙ୍ଗରେ ଯିବେ ? କାଳେ ଯଦି କିଏ ଉଠିବ ତାହାହେଲେ ବଡ଼ ଖରାପ କଥା ହେବ, ମୁଁ ଶୀଘ୍ର ଫେରି ଆସିବି ଯେ ।"

Digitized by srujanika@gmail.com

ମହେନ୍ଦ୍ର ବାବୁ ତା' ମନ ରଖିବା ପାଇଁ ଏତକ ପଚ୍ଛୁରୁ ଥିଲେ, କାରଣ ମାଳତୀ ସେଇଁଠୁ ଖବର ବୁଝିବାକୁ ଯାଉଛି, ସେ ତ ସେ ଜାଗା ଆଗରୁ ଦେଖିଛନ୍ତି—ସେ ସ୍ଥାନର ମାହାତ୍ମ୍ୟ ଭଲ କରି ବୁଝିଛନ୍ତି । ତେଣୁ ସେ ମାଳତୀକୁ ଆଉ କିଛି କହିଲେ ନାହିଁ । ମାଳତୀ କବାଟ ଆଉଜେଇ ପଦାକୁ ଆସିଲା । ମହେନ୍ଦ୍ର ବାବୁ ତା ସାଙ୍ଗେ ସାଙ୍ଗେ ଉଠି ଆସି ତାର ସୁଗୋଲ ବାହୁଟିକୁ ଚିପି ଦେଇ କହିଲେ,—"ମୁଁ ଅନାଇ ଶୋଇଛି, ତମେ ଚଞ୍ଚଳ ଫେରି ଆସିବ ।"

ମାଳତୀ ଅନ୍ଧାର ଭିତରେ ହସି ଦେଇ ଅନ୍ଧାରେ ଅନ୍ଧାରେ କୁଆଡ଼େ ଉଭେଇ ଗଲା । ମହେନ୍ଦ୍ର ବାବୁ କବାଟ ଆଉଜେଇ ଆଣି ଖଟ ଉପରେ ଶୋଇଲେ । ମାଳତୀ ତାଙ୍କର ଯିବା କଥା ବୁଝିବାକୁ କହିବା ବେଳଠୁଁ ତାଙ୍କ ମନଟା କେମିତି ଗୋଟାଏ ଅଜଣା ଭୟରେ ଶଙ୍କି ଯାଇଛି । ସେ କୋଠାର କଡ଼ି ଗୁଡ଼ାକ ଆଡ଼େ ଅନାଇଁ ଭାବି ଚାଲିଛନ୍ତି,···କିଏ ଜାଣେ କପାଳରେ ଯେ କ'ଣ ଅଛି ? ଡକାୟତଙ୍କ ଦଳ ଭିତରୁ ଖବର ଅନ୍ତର ନେଇ ପୁଣି ଥରେ ନିଜର ଲୋକଙ୍କ ପାଖକୁ ଫେରି ଆସିବା ଯାହା, ଥରେ ମରି ପୁଣି ଥରେ ବଞ୍ଚିବା କଥା ଠିକ୍ ସେଇଆ,—ସେହି ଭଳି ଆଶ୍ଚର୍ଯ୍ୟ ! ସେମାନେ ଟିକିଏ ସନ୍ଧ ସୂଚନା ପାଆନ୍ତି, ମୁଁ ତାଙ୍କୁ ଧରିବାକୁ ବା ତାଙ୍କର ସର୍ବନାଶ କରିବାକୁ ଅସିଛି, ତାହାହେଲେ ମୋର ମୁଣ୍ଡ ଏ ଦେହ ସଙ୍ଗରେ ସେମାନେ ରଖିବେ ତ ! ତାଙ୍କର ଛାତି ଭୟରେ ଥରି ଉଠିଲା । ଭାବିଲେ, ନା, ସେ ଜାଣୁ ଜାଣୁ ମୃତ୍ୟୁକୁ ବରଣି କରି ଆଣିବେ ନାହିଁ । ଆଗ ଥାଉଁ ଥାଉଁ ଜଳନ୍ତା ଅଗ୍ନିକୁଣ୍ଡକୁ ଡେଇଁବେ ନାହିଁ । ଏ କଦର୍ଯ୍ୟ ବୃକଶା ଛାଡ଼ି ଦେବେ, କିନ୍ତୁ ପରମୁହୂର୍ତ୍ତରେ ଏ ରହସ୍ୟ-ଜନକ ଘଟଣା ଭେଦ କରିବା ପାଇଁ ମନରେ ଭାରି କୌତୂହଳ ଆସେ, ଆଗ୍ରହ ଆସେ—ମନ ଭିତରୁ ପୁଣି ସାହସ ସଞ୍ଚାର ଉଠେ । ଇମିତି

Digitized by srujanika@gmail.com

ଏପାଖ ସେପାଖ କେତେ କ'ଣ ଭାବୁ ଭାବୁ ଆସ୍ତେ କବାଟ ମୁକୁଳା ହେଲା । ମହେନ୍ଦ୍ର ବାବୁ ଭାବନା ରାଇଜରୁ ଫେରିଆସି ଦୁଆର ମୁହଁକୁ ଅନାଇଁ ଦେଲେ, ମାଳତୀ କବାଟ ଦେବାକୁ ଝଞ୍ଜିର ହାତରେ ଧରି ଠିଆ ହୋଇ ହସୁଛି ।

ମହେନ୍ଦ୍ର ବାବୁ ବିଛଣାରୁ ଉଠିପଡ଼ି କହିଲେ,—"ଏତେବେଳ-ଯାଏ କ'ଣ କରୁଥିଲ ? ମୁଁ ଏନାଇଁ ଅନାଇଁ ଭାବୁଥିଲି, ତମେ ଯେଉଁଠିକୁ ଯାଇଥିଲ, ସେ ଜାଗାଟା ଯଦି ମୁଁ ଦେଖି ଥାଆନ୍ତି, ତାହାହେଲେ ତମକୁ ଆଣିବାକୁ ଚାଲିଯାଇଥାନ୍ତି । ହଉ, ହଉ, କବାଟ ଦେଇ ଚଞ୍ଚଳ ଆସ ।"

ମାଳତୀ ହାତର କାଣି ଆଙ୍ଗୁଠିଟାକୁ ମୁହଁ ପାଖରେ ଦେଖାଇ ବିସ୍ମିତ ହୋଇ କହିଲା,—"ଏତେ ପାଟି କରୁଛ ନା ଚୁପ୍ ! କିଏ ଯଦି ଉଠିବ !" ମହେନ୍ଦ୍ର ବାବୁ ଟିକିଏ ହସି ଦେଇ ପାଟି ବନ୍ଦ କରି ଦେଲେ, ହଉ, ଆଗେ ଖଟ ପାଖକୁ ଆସ ।

ମାଳତୀ କବାଟ ଝିଞ୍ଜିରିଟା ଆସ୍ତେ ଦେଇ ଗୋଡ଼ ଟିପି ଟିପି ଖଟ ପାଖକୁ ଗଲା । ମହେନ୍ଦ୍ର ବାବୁ ବଡ଼ ଆଗ୍ରହରେ ଏକ ରକମ ତାକୁ ଖଟ ଉପରକୁ ଉଠାଇ ଆଣି ତା ବେକ ଚାରି ପାଖରେ ନିଜ ବାଁ ହାତଟିକୁ ବୁଲାଇ ଚୁପ୍ ଚୁପ୍ କରି ପଚାରିଲେ,—"ଆଜକୁ ପ୍ରାୟ ପନ୍ଦର ଦିନ ହେବ ମୋତେ ଠିକ ଠିକ ଆସିଲଣି, ଆଜ ମୋ ଯିବା କଥା କ'ଣ ବୁଝିଲ ଶୁଣେ ?"

ମାଳତୀ ତାଙ୍କର ଛାତି ଆଡ଼କୁ ଆଉରି ଟିକିଏ ଆଉଜି ଯାଇଁ ବଡ଼ ଅଭିମାନ କଲା ପରି ଚୁପ୍ କରି କହିଲା,—"ଆଚ୍ଛା, ମୋ ଦେହ ଛୁଇଁ କହିଲ, ସେଠାକୁ ଯିବା ପରେ ମୋତେ ଭୁଲିଯିବ କି ନାହିଁ ? ସେଠି ଯେତେ ଯେତେ ସୁନ୍ଦରୀ ତରୁଣୀ ଅଛନ୍ତି, ତାଙ୍କୁ ଦେଖି ମୋତେ ଯଦି ଭୁଲିଯାଅ........ !"

Digitized by srujanika@gmail.com

ମହେନ୍ଦ୍ର ବାବୁ ମାଳଣୀକୁ ଆଉରି ଟିକଏ ଘୁଞ୍ଚି ଆଡ଼କୁ ଡାକି ଆଣି କଅଁଳେଇ କହିଲେ, "କାହିଁକି ? ଏ କଥା ତ ଦିନେ ମୁଁ ତମ ମୁହଁରୁ ଶୁଣି ନାହିଁ । ତମକୁ ଭୁଲିବି କି ନାହିଁ, ଏ କଥା ତମେ କ'ଣ ଏତେଦିନ ଯାଏ ଜାଣି ପାରି ନାହିଁ ? ଚନ୍ଦ୍ର ସୂର୍ଯ୍ୟ ଓଲଟି ଗଲେ ବି ମୁଁ ତମ ଛଡ଼ା ଆଉ କାହାକୁ ଆଖି ଟେକି ଚାହିଁବି ନାହିଁ । ତମେତ ମୋ ସାଙ୍ଗରେ ଥିବ, ଦେଖିବ ନାହିଁ ମୋ କଥା ସତ କି ମିଛ ?"

ମାଳଣୀର ମୁହଁ ଉଜ୍ଜ୍ୱଳି ଉଠିଲା । ଆସ୍ତେ କହିଲା,—"ଆଉ ମୋଟେ ଦୁଇଦିନ ପରେ ଆପଣ ସେଠିକୁ ଯିବେ । କେଉଁଠୁ ଆପଣ କିପରି ଯିବେ ସେ କଥା ମୁଁ ଠିକ୍ କରିଛି, ମୁଁ ନିଜେ ଆପଣଙ୍କ ସାଙ୍ଗରେ ଯାଇ ସବାରି ଚଢ଼ାଇ ଦେଇ ଆସିବି ।"

ମହେନ୍ଦ୍ର ବାବୁଙ୍କ ଛାତି ଥରି ଉଠିଲା । ମୋଟେ ଆଉ ଦୁଇଦିନ ପରେ କେଉଁ ଅଜଣା ସ୍ଥାନକୁ ଚାଲିଯିବେ ! ତାଙ୍କ ଆଖି ଆଗରେ ଝଲସି ଉଠିଲା ସେଦିନକାର ମୁଣ୍ଡ ଛିନ୍ନ ଦୁଇଟା ଗଣ୍ଡିର ଭୀଷଣ ଦୃଶ୍ୟ । ତାଙ୍କ କପାଳରେ ଯେ ଭଲ ନାହିଁ ତ ! ସେ ବଡ଼ ବିବ୍ରତ ହୋଇ ପଡ଼ିଲେ; କିନ୍ତୁ ପର ମୁହୂର୍ତ୍ତରେ ସବୁ ଭାବନାକୁ ସମ୍ଭାଳି ନେଇ ମାଳଣୀ ଆଡ଼କୁ ଅନାଇଁ କହିଲେ,—"ବେଶ୍, ଏତେଦିନକେ ମନରୁ ଗୋଟାଏ ଚିନ୍ତା ଗଲା । ମାଳଣୀ, ତମର ଏ ଉପକାର ମୁଁ ଜୀବନରେ ଭୁଲି ପାରିବି ନାହିଁ । ତମେ ପରା କହିଥିଲ କାଳୀପୀଠ ସହିତ ସ୍ୱାମୀ ବାବାଙ୍କୁ ଆଉ କ'ଣ ଉପହାର ଦେବାକୁ ?

ମାଳଣୀ ଟିକଏ ହସି ଦେଇ କହିଲା—"ମଲା, ଆପଣ ତ ସ୍ୱାମୀ ବାବାଙ୍କୁ ନ ଦେଖି, ସେ ଲୋକର ଭଲ ମନ୍ଦ ନ ବୁଝି ସ୍ୱାମୀ ବାବାଙ୍କର ଏତିକି ଦେଖିକି ଭକ୍ତଶିଷ୍ୟ ପାଲଟି ଗଲଣି । ସେଠିକୁ ଗଲେ ମୁଁ ଭାବୁଛି ଦୁନିଆକୁ ଭୁଲିଯିବେ ।" ମହେନ୍ଦ୍ର ବାବୁ ଆନନ୍ଦରେ ମାଳଣୀର ଓଠଟିକୁ ହଲାଇ ଦେଇ କହିଲେ,—"ହଁ ଦୁନିଆକୁ ଭୁଲିଯାଇ ପାରେ;

Digitized by srujanika@gmail.com

କିନ୍ତୁ ତମକୁ ମୁଁ କେବେ ଭୁଲି ପାରିବି ନାହିଁ । ମୋ ଗୁଣ, କୁହ— ସ୍ୱାମୀ ବାବାଙ୍କୁ ଉପହାର ଦେବାକୁ ପ୍ରଥମେ ଆଉ କ'ଣ କ'ଣ ଲୋଡ଼ା ?" ମାଳତୀ ଭାରି ଖୁସି ହୋଇ କହିଲା,—"ନା, କାଳୀଙ୍କ ପୀଠ ତ ଅଛି, ଆଉ ବିଶେଷ କିଛି ଲୋଡ଼ା ନାହିଁ । କେବଳ ଗୋଟାଏ ବଡ଼ ଛୁରୀ ଏବଂ ଦୁଇ ତିନିଟା ଭଲ ମଦ ବୋତଲ ହେଲେ ହେଲା । ଇଂରେଜମାନେ ଯେଉଁ ବଡ଼ ବଡ଼ ଚକ ଚକିଆ ଛୁରୀ ବିକି ଆଣନ୍ତି, ସେହି ଛୁରୀରୁ ଗୋଟାଏ ହେଲେ ଚଳିବ ।"

ମହେନ୍ଦ୍ର ବାବୁଙ୍କର ଦେହ ଛୁରୀ ନାଁ ଶୁଣି ଶୀତେଇ ଉଠିଲା । କିନ୍ତୁ ଉପରେ ଉପରେ ଭାରି ଆନନ୍ଦିତ ହୋଇ କହିଲେ,—"ଏତିକି ମାତ୍ର ? ଆଚ୍ଛା ମୁଁ କାଲି ସକାଳୁ ଯାଇଁ କିଣି ଆଣିବି; କିନ୍ତୁ କିପରି ସ୍ୱାମୀ ବାବାଙ୍କୁ ଦେବାକୁ ହେବ, କିପରି ତାଙ୍କୁ ପ୍ରଣାମ କରିବାକୁ ପଡ଼ିବ ସେ କଥା ମୁଁ କିଛି ଜାଣେନା, ତମେ ମୋ ସଙ୍ଗେ ସାଙ୍ଗେ ଥାଇ ସବୁ ବତାଇ ଦେବ ।"

ମାଳତୀ କହିଲା—"ସେ କଥା ପାଇଁ କାହିଁକି ଭାବନା ପଡ଼ୁଛି ? ଲୋକ ଅଛନ୍ତି ସବୁ ବତାଇ ଦେବେ ।" ମହେନ୍ଦ୍ର ବାବୁ କହିଲେ — "କାହିଁକି ତମେ ତ ମୋ ସଙ୍ଗେ ସଙ୍ଗେ ଥିବ !" ମାଳତୀ କହିଲା— "ଆପଣଙ୍କର ସେଠି ତିଳେ ମାତ୍ର କିଛି ଅସୁବିଧା ହେବ ନାହିଁ । ମୁଁ କେବଳ ଗୋଟାଏ ଜାଗାରେ ଆପଣଙ୍କୁ ସବାରିରେ ବସାଇ ଦେଇ ଆସିବି । ଆଉ ବେଶୀ ହେଲେ ୧୦।୧୫ ଦିନ ପରେ ସେଠାରେ ଆପଣଙ୍କ ସଙ୍ଗରେ ମୋର ଦେଖା ସାକ୍ଷାତ । ଏଠି ଆହୁରି କେତେକ କାମ ବାକୀ ଅଛି । ମନରେ କିଛି ଭାବିବେ ନାହିଁ । ଆପଣଙ୍କର କିଛି ଅସୁବିଧା ହେବ ନାହିଁ । ଆପଣ ଦିନେ ମାତ୍ର ସେଠି ରହିଲେ ଦୁନିଆକୁ ଭୁଲିଯିବେ ଯେ ! ବର୍ତ୍ତମାନ ବହୁତ ରାତି ହେଲାଣି ଶୋଇ ପଡ଼ନ୍ତୁ ।" ମହେନ୍ଦ୍ର ବାବୁ ଆଉ କ'ଣ କହିବା ପୂର୍ବରୁ ମାଳତୀ ଆଲୁଅ ଲିଭାଇ ସାରିଥିଲା ।

Digitized by srujanika@gmail.com

ତହିଁ ଆରଦିନ ସକାଳୁ, ମହେନ୍ଦ୍ର ବାବୁ ଜଳଖିଆ ଖାଇସାରି ଗୋଟାଏ ଛୁରୀ କିଣିବାପାଇଁ ବଜାରକୁ ବାହାରିଲେ ଏବଂ ଚାଲିବେଳେ ପ୍ରାଣଧନ ବାବୁଙ୍କ ସ୍ତ୍ରୀ ସୁରବାଳାଙ୍କୁ କହିଗଲେ, —"ଅଫିସରେ ଆଜି ବେଶୀ କାମ ଅଛି, ଫେରୁ ଫେରୁ ରାତି ହେବ । ତାଙ୍କପାଇଁ ଖାଇବାକୁ ରଖିବେ ନାହିଁ ।" ଯାଉ ଯାଉ ବାଟରେ ଭାବି ଭାବି ଚାଲୁଥାନ୍ତି । ସେ ଜାଣୁ୨ ମରଣ ମୁହଁକୁ ଯିବେ କାହିଁକି ? ମାଳତୀକୁ ଧରାଇ ଆଣି ତା'ଉପରେ ପରସ୍ତେ ମାଡ଼ି ବସିଲେ ତ ସେ ସବୁ ଗୋଟି୨ କରି କହିଯିବ । ତେଣିକି ସେ ଡକାୟତ ଦଳଟା ପୋଲିସ ସନ୍ଧାନରୁ ଖସିଯିବା ସହଜ ନୁହେଁ । କିନ୍ତୁ ପର ମୁହୂର୍ତ୍ତରେ ତାଙ୍କର ମନେ ପଡ଼ିଲା, କଥା କହୁ? ମାଳତୀ କେତେଥର ତ କହିଛି ସ୍ୱାମୀ ବାବାଙ୍କର ଯେଉଁମାନେ ଶିଷ୍ୟ, ସେମାନଙ୍କ ପାଖରେ ଏପରି ହଳାହଳ ବିଷ ଅଛି ଯେ, କୌଣସିଠାରେ ଧରା ପଡ଼ିବାର ଲକ୍ଷଣ ପାଇଲେ ସେମାନେ ସଙ୍ଗେ ସଙ୍ଗେ ସେ ବିଷ ପାଟିରେ ଦେଇ ମରିଯିବେ । ମାଳତୀ କମ ଯିଆଣିଆ ନୁହେଁ, ଯଦି ପୋଲିସ ଧରିବା ପର ମୁହୂର୍ତ୍ତରେ ତାକୁ ପାଟିରେ ଦିଏ, ତାହା ହେଲେ ଏତେ ପରିଶ୍ରମ ବୃଥା ହୋଇଯିବ । ଇମିତି କେତେ କଣ ଭାବି ଭାବି ଠିକ୍ କଲେ, ଯାହା କରମରେ ଥିବ ହେବ ପଛକେ, ସେ ସେଠିକୁ ଯିବେ । ଆୟୁଷ ଥିଲେ ଫେରିବେ, ନଚେତ୍ ନାହିଁ ।

ତା' ପରେ ସେ ସିଧା ଚାଲିଲେ ଗୁପ୍ତବିଭାଗୀୟ ପୋଲିସ ସାହେବଙ୍କ ପାଖକୁ । ପୋଲିସ ସାହେବ ତାଙ୍କୁ ଆଗ୍ରହରେ ବସାଇ କେତେ କଥା ପଚାରିଲେ । ମହେନ୍ଦ୍ର ବାବୁ ବିଶେଷ କିଛି ନ କହି କହିଲେ ଏ ଚେଷ୍ଟା ସହଜ ନୁହେଁ । ଧରା ପଡ଼ିବାର ଖୁବ୍ ସମ୍ଭାବନା; କିନ୍ତୁ ବଡ଼ କଷ୍ଟକର । ମୁଁ ମୋ ଜୀବନକୁ ପାଣିଛଡ଼ାଇ ତାହା କରିବାକୁ କାଲିଠାରୁ ଯାଉଛି । ମୁଁ ଯେତେ ଶୀଘ୍ର ପାରେ ବଞ୍ଚିଥିଲେ ସମସ୍ତ ଖବର ଗୁପ୍ତ ଭାବରେ ଏଠିକୁ ଜଣାଇବି । ମହେନ୍ଦ୍ର ବାବୁ ଜୀବନକୁ ପାଣି

Digitized by srujanika@gmail.com

ଛଡ଼ାଇ ଏତେ ବଡ଼ କେଶଟା ଧରିବାକୁ ଯାଉଥିବାରୁ ପୋଲିସ ସାହେବ ତାଙ୍କୁ ଧନ୍ୟବାଦ ଜଣାଇଲେ ଏବଂ ଭବିଷ୍ୟତର କେତେ ରଙ୍ଗିନ ଆଶା ତାଙ୍କ ଆଗରେ ଆଙ୍କି ଗଲେ । ତାପରେ ମହେନ୍ଦ୍ର ବାବୁ ବିଦାୟ ନେଇ ଗୋଟାଏ ବଡ଼ ଛୁରି କିଣିବାକୁ ବଜାରକୁ ଆସିଲେ ।

ମହେନ୍ଦ୍ର ବାବୁ ବଜାରରୁ ବସାକୁ ଫେରୁ ଫେରୁ ପ୍ରାୟ ପାଞ୍ଚଟା । ପ୍ରାଣଧନ ବାବୁ ମାଲି ମକଦ୍ଦମା କାମ ନେଇ କୌଣସି ଗଡ଼ଜାତକୁ ଯାଇଥାନ୍ତି । ସେଥିପାଇଁ ଘରେ ସ୍ୱାଧୀନତା ଉପଭୋଗ କରିବାରେ ସମସ୍ତେ ବ୍ୟସ୍ତ । ମହେନ୍ଦ୍ର ବାବୁ ଫାଟକ ଫିଟାଇ ଭିତରକୁ ପଶି ଆସିଲାକ୍ଷଣି ଝୁନି ବଗିଚା ଭିତରୁ ଡାକିଲା—"ମହେନ୍ଦ୍ର ବାବୁ ; ଆପଣଙ୍କ ଅଫିସରେ କ'ଣ ଏତେ କାମ ପଡ଼ୁଛି ଯେ, ଅଠିଆ ଅଠିଆ ସିଆଡ଼େ ରହୁଛନ୍ତି ?"

ମହେନ୍ଦ୍ର ବାବୁ ଅନ୍ୟ ମନସ୍କ ହୋଇ ତାଙ୍କର ଭବିଷ୍ୟତ କଥା ଭାବୁଥିଲେ । ସେ ହଠାତ୍ ବଗିଚା ଭିତରକୁ ଅନାଇଁ ଦେଇ ଦେଖିଲେ ଝୁନି ଭଲ ନାଲିଜରିଆ ଶାଢ଼ୀ ପିନ୍ଧି ଗୋଲାପ ଗଛରୁ ଗୋଟାଏ ଫୁଲ ଛିଣ୍ଡାଉ ଛିଣ୍ଡାଉ ତାଙ୍କର ଆଡ଼େ ଅନାଉଛି । ମହେନ୍ଦ୍ର ବାବୁ ଝୁନିକୁ ଦେଖି ପକାଇଲା କ୍ଷଣି ତାଙ୍କର ଭାବନା ସବୁ ଅଦଳ ବଦଳ ହୋଇଗଲା । ଝୁନିର ସୁନ୍ଦର ବେଶଭୂଷା, ସୁଢ଼ଳ ମୂର୍ତ୍ତି, ଚଞ୍ଚଳ ଚାହାଣୀ, ଉଚ୍ଛଳ ଯୌବନ, ତାଙ୍କ ମନରେ କ୍ଷଣିକ ପାଇଁ କେତେ ରଙ୍ଗିନ ଆଶା ଆଙ୍କି ଦେଲା । ସେ ସିଧା ଘର ଆଡ଼କୁ ନ ଆସି ବଗିଚା ଭିତରକୁ ଗଲେ; ଆଉ ଝୁନି କଥାର ଉତ୍ତର ଦେବାକୁ ଯାଇ କହିଲେ—"ଅଫିସରୁ ଜଣେ ବାବୁ ଛୁଟି ନେଇଛନ୍ତି, ତାଙ୍କପାଇଁ ଅଧିକ କାମ କରିବାକୁ ପଡ଼ୁଛି ।" ଝୁନି ଅଧରରେ ମୃଦୁ ହସ ଆଙ୍କି ମନଭୁଲା ଭଙ୍ଗୀରେ ମୂର୍ତ୍ତି ଦୋଳାଇ କହିଲା,—"ବେଶ୍ ଆସ୍ତା ଅଫିସରୁ ଜଣେ କିଏ ଛୁଟି ନେଉଛି ବୋଲି ତ ଆପଣ ଓଳିଏ ଉପାସ ରହୁଛନ୍ତି, ଆଉ ଦୁ'ଜଣ କିଏ ଛୁଟି ନେଲେ ତ ଆପଣ ଆହାର

Digitized by srujanika@gmail.com

ନିଦ୍ରା ବି ଛାଡ଼ି ଦିଅନ୍ତେ !" ମହେନ୍ଦ୍ର ବାବୁ ଟିକିଏ ହସି କହିଲେ,—"ନା ସବୁଦିନେ କ'ଣ ଏପରି ହେଲେ ଆଉ ଚଳିବ ?" ଚୁନି ଏଥି ମଧ୍ୟରେ ଗୋଟିଏ ସୁନ୍ଦର ବଡ଼ ସଜ ଗୋଲାପ ଛିଣ୍ଡାଇ ମହେନ୍ଦ୍ର ବାବୁଙ୍କ ହାତକୁ ବଢ଼ାଇ ଦେଇ ହସି ହସି କହିଲା,—"ଆପଣ ସକାଳଠାରୁ କାଗଜ ପତ୍ର ଘାଣ୍ଟି ଘାଣ୍ଟି ବହୁତ କ୍ଳାନ୍ତ ହୋଇ ପଡ଼ିଛନ୍ତି । ଏହି ଗୋଲାପ ଫୁଲଟି ନିଅନ୍ତୁ, ଆପଣଙ୍କର କ୍ଳାନ୍ତି କେତେକ ପରିମାଣରେ ଦୂର ହୋଇଯିବ ।"

ମହେନ୍ଦ୍ର ବାବୁ ଆଦରରେ ସେଇଟି ଚୁନି ହାତରୁ ନେଇ ତା'ରି-ଆଡ଼େ ଚାହିଁ ରହିଲେ, ଚୁନି ମଧ୍ୟ ତାଙ୍କର ଆଡେ ଟିକିଏ ଦୁମନ୍ତ ଚାହାଣୀ ଚାହିଁ କହିଲା,—"ଆପଣ ଆଗ ଯାଆନ୍ତୁ ଜଳଖିଆ ଖାଇବେ । ଖୁବ୍ ଭୋକ କରିବଣି ।"

ମହେନ୍ଦ୍ର ବାବୁ ଚୁନିର ବୋଲ ମାନି ଫେରି ଆସିଲେ ସିନା; କିନ୍ତୁ ତାଙ୍କର ଆସିବାକୁ ଆଦୌ ଇଚ୍ଛା ହେଉ ନ ଥାଏ । ସେ ଭାବୁଥାନ୍ତି ଚୁନି ପାଖରେ ଯଦି ସେ ଦିନରାତି ରହନ୍ତେ ତାହାହେଲେ ତାର ମନଭୁଲା ମୁଖଟିକୁ ଦେଖି ତାଙ୍କର ଭୋକ ଶୋଷ କୁଆଡ଼େ ଉଭେଇ ଯାଆନ୍ତା । ତାଙ୍କ ମନ ବିରକ୍ତିରେ ପୂର୍ଣ୍ଣ ହୋଇଗଲା । ଛି, ଛି, କର୍ତ୍ତବ୍ୟ କରିବାକୁ ଯାଇ ଗୋଟାଏ ଚାକରାଣୀ ସାଙ୍ଗରେ ।

ସେହିଦିନ ରାତି । ମହେନ୍ଦ୍ର ବାବୁ ଉପରକୁ ଚାହିଁ ଶୋଇଛନ୍ତି, ଆଖିକୁ ଟିକିଏ ସୁଦ୍ଧା ନିଦ ନାହିଁ । ସେ ଭାବି ଚାଲିଛନ୍ତି ତାଙ୍କର ଭବିଷ୍ୟତ କଥା । ଚାକର ବାକର ପ୍ରାୟ ଅଧଘଣ୍ଟା ହେଲା ଶୋଇଲେଣି । ଚାରିଆଡ଼େ ଅନ୍ଧାର । ମାଳତୀ ସମସ୍ତେ ଶୋଇଲେଣି ଜାଣି ଆସ୍ତେ ସେ ଘରକୁ ଆସିଲା । ମହେନ୍ଦ୍ର ବାବୁଙ୍କର ଭାବନା କୁଆଡ଼େ ଉଭେଇଗଲା, ସେ କବାଟ ବନ୍ଦ କରି ତାଙ୍କ ପାଖକୁ ଆସିବାକୁ ମାଳତୀକୁ ଡାକିଲେ । ମାଳତୀ ହସି ହସି କବାଟ ବନ୍ଦ କରି ତାଙ୍କ

Digitized by srujanika@gmail.com

ପାଖରେ ଯାଇଁ ବସିଲୁ ! ମହେନ୍ଦ୍ର ବାବୁ ହଠାତ୍ ତକିଆ ତଳୁ ଗୋଟାଏ ପ୍ରକାଣ୍ଡ ଚକ୍‌ଚକ୍ ମାରୁଥିବା ଛୁରୀ ବାହାର କରି କହିଲେ ଏଇ ଦେଖ—"ଏଇ ଛୁରୀ ଦେଖିଲେ ସ୍ୱାମୀ ବାବା ଖୁସି ହେବେ ତ !"

ଆନନ୍ଦରେ ମାଳତୀର ଆଖି ଝଲସି ଉଠିଲା । ସେ ଖୁସିରେ ଗଦ୍‌ଗଦ ହୋଇ କହିଲା,—"ଏ ଛୁରୀ ଦେଖିଲେ ସ୍ୱାମୀ ବାବା କାହିଁକି ସେଠି ଯେଉଁମାନେ ଅଛନ୍ତି ସମସ୍ତେ ଦେଖି ଖୁସି ହେବେ । ଏଭଳି ସୁନ୍ଦର ଛୁରୀ ସ୍ୱାମୀ ବାବାଙ୍କୁ କେହି ଉପହାର ଦେଇଛନ୍ତି ବୋଲି ମୁଁ ତ ଏତେଦିନ ହେଲା କେବେ ଦେଖି ନାହିଁ ।"

ତା ପରେ ମାଳତୀ କହିଲା—"ଆଚ୍ଛା, କାଲି ତ ଯିବେ, କିନ୍ତୁ ତା' ପୂର୍ବରୁ କିଛି ଗୋଟାଏ ସମସ୍ତଙ୍କ ଆଗରେ କହି ଯିବାକୁ ତ ପଡ଼ିବ ?" ମହେନ୍ଦ୍ର ବାବୁ କହିଲେ,—"ହଁ ସତ କଥାତ, ମୋର ସେ ବିଷୟରେ ଆଦୌ ଖିଆଲ ନ ଥିଲା ।"

ମାଳତୀ କହିଲା,—"ଆପଣ କାଲି ସକାଳୁ ଉଠି ସମସ୍ତଙ୍କୁ କହିବେ ସରକାରୀ କାମରେ ସାହେବ ଦୁଇଦିନ ପାଇଁ କଲିକତା ପଠାଉଛନ୍ତି, ଆଜ ମାନ୍ଦ୍ରାଜ ମେଲରେ କଲିକତା ଯିବାକୁ ହେବ । ଏହା କହି ଆପଣ ଠିକ୍ ଗାଡ଼ି ସମୟକୁ ଆପଣଙ୍କ ସୁଟ୍‌କେଶ ବିଛଣା ନେଇ ଷ୍ଟେସନ ଯିବେ ଏବଂ ଠିକ୍ ରାତି ଦୁଇଟା ବେଳେ ରିକ୍‌ସାରେ ଫେରି ଆସିବେ । ମୁଁ କବାଟ ଫିଟାଇ ରହିଥିବି । ଆପଣ ଆସ୍ତେ ବାଡ଼ି ବାଟେ ଘରକୁ ଆସିବେ ଏବଂ ତା ପରେ ମୁଁ ଆପଣଙ୍କୁ ଠିକଣା ଜାଗାକୁ ନେଇଯିବି ।" ମହେନ୍ଦ୍ର ବାବୁ ସମ୍ମତି ଜଣାଇ କହିଲେ, —'ଠିକ୍ କଥା' ।

× × × ×

Digitized by srujanika@gmail.com

ତହିଁ ଆରଦିନ ଟ୍ରେନ୍ ସମୟ, ମହେନ୍ଦ୍ର ବାବୁ ଗୋଟାଏ ଘୋଡ଼ାଗାଡ଼ି ଡାକି ଷ୍ଟେସନ ଯିବାକୁ ବାହାରିଲେ । ଟ୍ରେନ ପାଖରେ ଠିଆ ହୋଇ ଭଲ ବ୍ଲାଉଜ କନା କିଣିବାକୁ ବରାଦ ଦେଲା । ସୁରବାଳା ବାବୁଙ୍କ ପାଇଁ ଭଲ ଖଜୁରିକୋଳି, ଲେମ୍ବୁ ଆଣିବାକୁ ଏବଂ ନିଜ ପାଇଁ ଭଲ ରେଶମି ଫିତା କିଛି ଆଣିବାକୁ କହିଲେ । ମହେନ୍ଦ୍ର ବାବୁ ଗାଡ଼ି ସମୟ ହୋଇଗଲାଣି ବୋଲି ତର ତର ହୋଇ ଗାଡ଼ିରେ ଷ୍ଟେସନ ବାହାରି ଗଲେ ।

ପ୍ରାୟ ରାତି ଦୁଇଟା ବେଳେ ମହେନ୍ଦ୍ର ବାବୁ ଗୋଟାଏ ରିକ୍ସାରେ ଫେରି ଆସିଲେ । ମାଳତୀ ଆଗରୁ ତାଙ୍କ ବାଟ ଚାହିଁ ବସିଥିଲା । ମହେନ୍ଦ୍ର ବାବୁ ପହଞ୍ଚିଲାକ୍ଷଣି ମାଳତୀ କହିଲା,—"ଆଉ ଡେରି କରିବା ଠିକ୍ ନୁହେଁ । ମୁଁ ସବୁ କବାଟ ଦେଇ ଆସିଛି, ଚାଲନ୍ତୁ ମୁଁ ଆପଣଙ୍କୁ ଛାଡ଼ିଦେଇ ଆସେ ।"

କଠ୍ କଟିଆ ଅନ୍ଧାର । ଚାରିଆଡ଼େ ନିଶୂନ । ମାଳତୀ କହିଲା,—"ଆସ୍ତେ ୨ ମୋ ପଛେ ପଛେ ଆସନ୍ତୁ ।" କାଠଯୋଡ଼ି ନଈ ବାଲିଏ ବାଲିଏ ମାଳତୀ ଚାଲିଲା ଆଗେ ଆଗେ ଏବଂ ମହେନ୍ଦ୍ର ବାବୁ ଚାଲିଲେ ପଛେ ପଛେ । ସେତେବେଳେ ଭୟ ଆତଙ୍କରେ ତାଙ୍କର ମନର ଅବସ୍ଥା ଯାହା ହେଉଥିଲା, କହିଲେ ନ ସରେ ।

ହଠାତ୍ ଗୋଟାଏ ଜାଗାରେ ମିଞ୍ଜି ମିଞ୍ଜି ଆଲୁଅ ଦେଖାଗଲା । ମାଳତୀ କହିଲା,—"ବାଟ ଛାଡ଼ି ଆସନ୍ତୁ ।" ମହେନ୍ଦ୍ର ବାବୁଙ୍କ ଛାତି ଆହୁରି ଥରି ଉଠିଲା । ମାଳତୀ କିଛି ସମୟ ପରେ ଅଟକି ଗଲା । ମହେନ୍ଦ୍ର ବାବୁ ଛିଡ଼ା ହେଲେ । ମାଳତୀ କହିଲା,—"ଏଇଠି ସବାରି ଥୁଆ ହୋଇଛି । ଆପଣ ତା' ଭିତରେ ପଶି ବସନ୍ତୁ ।" ମହେନ୍ଦ୍ର ବାବୁ ବଡ଼ ଧନ୍ଦାରେ ଚମକି କହିଲେ "କାହିଁ ? ସବାରି ନେଲାବାଲାଙ୍କୁ କେଉଁଠି କାହିଁ ଦେଖାଯାଉ ନାହାନ୍ତି ?" ମାଳତୀ କହିଲା—"ଆପଣ

Digitized by srujanika@gmail.com

ଯେଉଁଥିରୁ କ'ଣ ପାଇବେ ? ଆପଣ ତା' ଭିତରେ ବସନ୍ତୁ, କେହି ଲୋକ ଏଇ ବାଟରେ ଆସନ୍ତି, ଆପଣଙ୍କୁ କେହି ଦେଖିପାରିବେ ।" ମାଳତୀ ସବାରିର କବାଟ ଖୋଲିଦେଲା । ମହେନ୍ଦ୍ର ବାବୁ ଯନ୍ତ୍ରଚାଳିତ ପରି ତା' ଭିତରେ ପଶିଲେ । ସବାରିର ଗୋଟାଏ କଣରୁ ମିଞ୍ଜି ମିଞ୍ଜି ହୋଇ ଲଣ୍ଠନଟିଏ ଜଳୁଥାଏ । ମାଳତୀ ଦୁଆର ବନ୍ଦ କରି କହିଲା—"ଆପଣ ଟିକିଏ ବସନ୍ତୁ, ମୁଁ କଥାବାର୍ତ୍ତା କରି ଆପଣଙ୍କ ପାଖକୁ ଆସୁଛି ।" ମାଳତୀ ଅନ୍ଧାରରେ କେଉଁଆଡ଼େ ଚାଲିଗଲା ।

ମହେନ୍ଦ୍ର ବାବୁ ନିର୍ଜୀବ ପରି ସବାରିରେ ବସି ରହିଲେ । ସେ ବର୍ତ୍ତମାନ କେଉଁଠି, ତାଙ୍କର ଜ୍ଞାନ ନ ଥିଲା । ତାଙ୍କର ମନେ ହେଉ-ଥିଲା ତାଙ୍କ ଗୃହପାଖରେ ଯେପରି କିଏ ଦଣ୍ଡେକ ତାଙ୍କୁ ମାରି ଟିକି ଟିକି କରିଦେବାକୁ ଲୁଚି ଲୁଚି ଘୂରି ବୁଲୁଛି । ତାଙ୍କର ମନ ହେଉ-ଥିଲା ବଡ଼ ପାଟିରେ ଚିତ୍କାର କରିବେ; କିନ୍ତୁ ରାତି ସାଢ଼େ ଦୁଇଟା ବେଳେ କିଏ ବା ଡାକ ଶୁଣିବ ? ପୁଣି ଏହା କଲେ ମୃଦଙ୍ଗିଙ୍କ ମଧ୍ୟରେ ଜୀବନଟା ରହିବ ତ ?

କେତେ ସମୟ କଟିଗଲା ପରେ ସେ ସାହସ ବାନ୍ଧି ସଳଖି ହୋଇ ବସିଲେ । ଅଳ୍ପ ଦୂରରେ ମଣିଷର ଫୁସ୍ ଫୁସ୍ କଥାବାର୍ତ୍ତା ଶୁଣା ଯାଉଥିଲା; କିନ୍ତୁ କିଛି ଦେଖାଯାଉ ନ ଥିଲା । ମହେନ୍ଦ୍ର ବାବୁ ଠଉରାଇ ନେଲେ ମାଳତୀ ଡକାୟତମାନଙ୍କ ସାଙ୍ଗରେ ତାଙ୍କ କଥା ନେଇ କ'ଣ କଥାବାର୍ତ୍ତା ହେଉଛି ।

ପ୍ରାୟ ପନ୍ଦର ମିନିଟ ପରେ ମାଳତୀ ସବାରି କବାଟ ଖୋଲି ଭିତରକୁ ପଶିଲା ଏବଂ ଟିକି ହସି କହିଲା—"ବୋଧହୁଏ ଆପଣ ଭାରି ଭୟ କରୁଛନ୍ତି । ମୋତେ ବିଶ୍ୱାସ କରନ୍ତୁ, ଆପଣଙ୍କର ସେଠି କିଛି ଭୟ ନାହିଁ । ଦିନ ଦୁଇଟା ପରେ ସବୁ ବୁଝି ପାରିବେ ଯେ ।" ତାପରେ ମାଳତୀ କହିଲା—"ମୁଁ ଗୋଟାଏ କଥା ଆପଣଙ୍କୁ କହି ନାହିଁ, ଶୁଣନ୍ତୁ— ।"

Digitized by srujanika@gmail.com

ମୋଠ ଉପରେ ଆପଣ ମୋଠୁଁ ଏତିକ ଶୁଣନ୍ତୁ । ପ୍ରଥମେ ଆପଣଙ୍କୁ ପାହାଡ଼ତଳେ ଥିବା ଏକ ପ୍ରକାଣ୍ଡ ଗୁମ୍ଫାକୁ ସ୍ୱାମୀବାବାଙ୍କର ଶିଷ୍ୟମାନେ ସାଙ୍ଗରେ ନେଇଯିବେ । ସେ ଗୁମ୍ଫା ଏଡ଼େ ବଡ଼ ଯେ, ଯେ କୌଣସି ଗୃହ ପାଞ୍ଚଟା ବଡ଼ ଘର ସଙ୍ଗେ ସମାନ ହେବ, କିନ୍ତୁ ଗୁମ୍ଫାସବୁ ଏପରି କୌଶଳରେ ତିଆରି ହୋଇଛି ଯେ, ଆଖି ଚିହ୍ନୁଡ଼ାକେ କିଏ କେଉଁଠି ଅଦୃଶ୍ୟ ହେବେ, ସେ କଥା କାହାରି ଜାଣିବାର ଜୁ ନାହିଁ । ଆପଣ ଗଲେ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ରହିଲେ ସେ ସବୁ ଦେଖି ପାରିବେ । ତା'ପରେ ଶୁଣନ୍ତୁ,—"ଶିଷ୍ୟମାନେ ନେଇ ଆପଣଙ୍କୁ ସ୍ୱାମୀବାବାଙ୍କ ପାଖକୁ ପହଞ୍ଚାଇଲେ ଆପଣ ତାଙ୍କ ପାଖରେ କାଳୀ ପଠେଟି, ଛୁରି ଏବଂ ମଦ ବୋତଲ ଥୋଇ ଦେଇ ଲମ୍ବହୋଇ ଗୋଡ଼ତଳେ ପଡ଼ିଯିବେ । କେତେ ସମୟ ପରେ ଆପଣଙ୍କୁ ସେ ଉଠିବାକୁ ନିର୍ଦ୍ଦେଶ ଦେବେ । ଆପଣ ଉଠିଲେ ସେ ହସି ଖୁସିହୋଇ କହିବେ—"ବାବା, ମୋର ଶିଷ୍ୟ ହେବ ?" ଆପଣ ମୁଣ୍ଡ ଟେକାଇବେ ।

ତା'ପରେ ସେ କହିବେ ଯଦି ମୋର ଶିଷ୍ୟ ହେବ, ତାହାହେଲେ ମୁଁ ଯାହା କହିବ ତାହା କରି ପାରିବ ? ଆପଣ କହିବେ, 'ଆପଣଙ୍କ ଆଜ୍ଞା ନିଶ୍ଚୟ ପାଳନ କରିବ ।' ସେଇଠୁ ସେ ଆପଣଙ୍କୁ ହାତ ଦେଖାଇବାକୁ ନିର୍ଦ୍ଦେଶ କରିବେ । ଆପଣ ହାତ ପତାଇଲେ ସେ ଗୋଟିଏ ମୁଣିରୁ ବାହାର କରି ଚୂନାଭଳି ଆପଣଙ୍କ ହାତରେ ଗୋଟାଏ ଜିନିଷ ଦେବେ ଏବଂ କହିବେ,—"ଏ ହେଉଛି ହଳାହଳ ବିଷ, ପାଟିରେ ଦେଲାମାତ୍ରେ ପ୍ରାଣବାୟୁ ଉଡ଼ିଯିବ । ମୁଁ ଯଦି କହେ ଏହାକୁ ପାଟିରେ ପକାଇଦିଅ, ତାହାହେଲେ ତମେ ପାଟିରେ ପକାଇ ପାରିବ ? ଆପଣ ଏକଥା ଶୁଣି ହଡ଼ବଡ଼େଇ ଯିବେ ନାହିଁ । ସ୍ୱାମୀବାବାଙ୍କର ଏ ହେଉଛି ପ୍ରକୃତ ଶିଷ୍ୟର ପରୀକ୍ଷା । ଆପଣ ତାଙ୍କ କଥାରେ ଖୁବ୍ ନିର୍ଭୟରେ ଜବାବ ଦେବେ, 'ଆପଣ ଆଜ୍ଞା ଦିଅନ୍ତୁନା,

Digitized by srujanika@gmail.com

ମୁଁ ଏହି ମୁହୂର୍ତ୍ତରେ ପାଣିରେ ପକାଇଦେବି ।' ଏହା କହିଲାମାତ୍ରେ ସେ ଆପଣଙ୍କ ହାତରୁ ତାହା ନେଇଯିବେ ଏବଂ ଅନ୍ୟାନ୍ୟ ଶିଷ୍ୟଙ୍କ ପରି ଆପଣଙ୍କୁ ଗ୍ରହଣ କରିବେ । ତା' ପରେ ଆପଣଙ୍କୁ ସମସ୍ତ ସୁବିଧା ହୋଇଯିବ । ତେଣିକି ଏତେ ସୁଖ ଶାନ୍ତିରେ ଆପଣ ରହିବେ ଯେ, ଦେବତାମାନେ ପ୍ରାୟ ଏପରି ସୁଖରେ ରହୁ ନ ଥିବେ ।

କିନ୍ତୁ ଭଲକରି ମନେ ରଖନ୍ତୁ, ସ୍ୱାମୀବାବା ବିଷ ଖାଇବାକୁ କହିଲେ ଆପଣ ହଡ଼ବଡ଼େଇ ଯିବେ ନାହିଁ । ଯେଉଁମାନେ ହଡ଼-ବଡ଼େଇ ଯାଆନ୍ତି ସେମାନଙ୍କର ଦଶା ଯାହା ହୁଏ, ତ' କହିଲେ ନ ସରେ । କାହାକୁ ସଙ୍ଗେ ସଙ୍ଗେ ବଳି ଦିଆଯାଏ, କାହାକୁ ବା ସେହି ହଳାହଳ ବିଷ ଜବରଦସ୍ତି ଖୁଆଇ ଦିଆଯାଏ ।"

ଏ କଥା ଶୁଣିଲାକ୍ଷଣି ମହେନ୍ଦ୍ର ବାବୁଙ୍କର ମୁଣ୍ଡ ଘୂରିବାକୁ ଲାଗିଲା, ତାଙ୍କ ଛାତି ଜୋରରେ ଧକ୍ ଧକ୍ ହେଲା । ଏ କଥା ଯଦି ମାଳତୀ ତାଙ୍କୁ ଆଗରୁ କହିଥାନ୍ତା, ତାହାହେଲେ ସେ କଦାପି ଆସିବାକୁ ସାହସ କରି ନ ଥାନ୍ତେ । ମାଳତୀ ଏ କଥା କହିବା ପରେ ତାକୁ ଉତ୍ତର ଦେବାର ତାଙ୍କର କିଛି ବି ଥିଲା । କେବଳ ମୁଣ୍ଡ ଟୁଙ୍ଗାରି ମାଳତୀ କଥାରେ ସମ୍ମତି ଜଣାଇଲେ ।

ତା ପରେ ମାଳତୀ କହିଲା,—"ଆଉ ବିଳମ୍ବ କରିବା ଉଚିତ ନୁହେଁ । ଆପଣ କିଛି ଭୟ କରନ୍ତୁ ନାହିଁ, ମୁଁ ଅଳ୍ପଦିନ ପରେ ସେଠାରେ ଯାଇଁ ପହଞ୍ଚିବି ।" ତା ପରେ ମାଳତୀ ସବାରି ଭିତରୁ ବାହାରି ସବାରିର କବାଟ ବନ୍ଦ କରି ତାଲା ପକାଇ ଦେଲା । ମହେନ୍ଦ୍ର ବାବୁ ନିର୍ଜୀବ ପରି ତାରି ଭିତରେ ବସି ରହିଲେ । ତାଙ୍କୁ ଲାଗୁଥିଲା, ବୋଧହୁଏ ଠିକଣା ଜାଗାରେ ପହଞ୍ଚିବା ପୂର୍ବରୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବ ।

Digitized by srujanika@gmail.com

ହଠାତ୍ ସବାରି ଉଠି, ଖୁବ୍ ଜୋରରେ ଦିଗଶୂନ୍ୟ ହୋଇ ଚାଲିଲା କେଉଁଆଡ଼େ । ନିଶବ୍ଦ ରାତି, ତଥାପି ସବାରି ଚାଲିଛି ଆଗକୁ । କେତେ ବାଟ ଆସିଲାଣି, ପୁଣି କେତେ ଦୂର ଯିବ ତା'ର ଠିକଣା ନାହିଁ । ମହେନ୍ଦ୍ର ବାବୁ ସବାରି ଭିତରେ ଗୋଟାଏ କରକୁ ନିର୍ଜୀବ ଭଳି ଆଉଜି ବସି ରହିଥିଲେ । ପ୍ରଥମ କେତେ ଘଣ୍ଟା କେତେ କ'ଣ ଆକାଶ ପାତାଳ ଭାବି ଭାବି ତାଙ୍କର ଭାବନା ଶକ୍ତି ଏକ ରକମ ସ୍ଥିର ହୋଇ ଯାଇଥିଲା । ତାରି ମଝିରେ ମଝିରେ ତାଙ୍କର ଯେତେବେଳେ ଗୋଟାଏ ଖିଆଲ ଆସୁଥିଲା, ସେ ସବାରିରେ ବସି ଡକାୟତ ଦଳଙ୍କ ଆଡ୍ଡା ଭିତରକୁ ଯାଉଛନ୍ତି, ସେତେବେଳେ ତାଙ୍କର ରୁମ ଠାକୁରି ଉଠୁଥିଲା--ଆଖି ଆଗରେ ନିଜର ଭାଇ ବନ୍ଧୁ ବାପା ମାଆଙ୍କର ମୂର୍ତ୍ତି ଝଲସି ଯାଇ, ମନଟା ଆତଙ୍କରେ ବଡ଼ ଛଟପଟ ହେଉଥିଲା ଏବଂ ତାହାଁ ସଙ୍ଗେ ସଙ୍ଗେ ଦୀର୍ଘ ନିଶ୍ୱାସ ପ୍ରଶ୍ୱାସ ବାହାରି ଅନ୍ତର ଭିତରୁ ଉଠୁଥିଲା ପଡ଼ୁଥିଲା—ଭଗବାନହିଁ ଏକମାତ୍ର ଭରସା; ସବାରି ଚାଲିଛି ଆଗକୁ ।

× × × ×

ସବାରି ଅନେକ ବାଟ ଆସିଲା ପରେ ହଠାତ୍ ଗୋଟାଏ ଜାଗାରେ ଅଟକିଲା । ମହେନ୍ଦ୍ର ବାବୁ ସମୟ ବାରି ଅନୁମାନ କରୁଥିଲେ ବୋଧହୁଏ ପାହାନ୍ତା ପହର ହୋଇଗଲାଣି । ସବାରି ଅଟକିବା ସଙ୍ଗେ ସଙ୍ଗେ ଡକାୟତମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନ ହୋଇଛି ବୋଲି ଜାଣି ମହେନ୍ଦ୍ର ବାବୁଙ୍କ ଛାତିଟା ଆହୁରି ଜୋରରେ ଧପ୍ ଧପ୍ ପଡ଼ିଲା ଉଠିଲା । ସେତେବେଳେ ତାଙ୍କର ମନର ଅବସ୍ଥା ଯେ କ'ଣ ତାହା ତାଙ୍କ ଛଡ଼ା ଅନ୍ୟ କାହାରି ବୁଝିବାର ବା କହିବାର ଉପାୟ ନାହିଁ ।

ହଠାତ୍ ଅତି ନିକଟରେ ଆସ୍ତେ ଆସ୍ତେ ଖଟ୍ ଖଟ୍‌ର ଶବ୍ଦ ହେଲା । ମହେନ୍ଦ୍ର ବାବୁ ଅନୁମାନ କରି ନେଲେ, ଏ ହେଉଛି ସେମାନଙ୍କର ଠିକ୍ ନିର୍ଦ୍ଦିଷ୍ଟ ସ୍ଥାନ, କବାଟ ଫିଟାଇବାକୁ ବୋଧହୁଏ ଏମାନେ ଅନ୍ୟମାନଙ୍କୁ ଡାକୁଛନ୍ତି ।

Digitized by srujanika@gmail.com

ଝିଞ୍ଜିର ଫିଟି କବାଟ ଖୋଲି ହେବାର ଶବ୍ଦ ହେଲା ଏବଂ ତା ସଙ୍ଗେ ସଙ୍ଗେ ସବାରି ଉଠିଲା । କେତେ ଟି ମୂହୂର୍ତ୍ତ ପରେ ସବାରି ଭିତରକୁ ଯାଇଁ ଅନ୍ୟ ଏକ ସ୍ଥାନରେ ରହିବା ସଙ୍ଗେ ସଙ୍ଗେ ସବାରି ତାଲା ଫିଟା ହେଲା । ସବାରିର କବାଟ ଦୁଇପାଖକୁ ଅପସରି ଗଲାକ୍ଷଣି ମହେନ୍ଦ୍ର ବାବୁ ଭୟ କାତରରେ ନିର୍ଜୀବ ପରି ଅନାଇ ଦେଖିଲେ, ଜଣେ ବୟସ୍କ ଲୋକ ଲମ୍ବା ଲମ୍ବା ଦାଢି ରଖି, ଲନ୍‌ଟେନ୍‌ଟି ଧରି ତାଙ୍କୁ ଡାକୁଛି, "ବାବା, ପଦାକୁ ବାହାରି ଆସ, ତମର କିଛି ଭୟ ନାହିଁ । ଆଜିଠାରୁ ଏ ତମର ନିଜଘର । ମହାଆନନ୍ଦରେ ଏଠାରେ ରହି ଅନ୍ୟମାନଙ୍କ ସହିତ ସୁଖ ଶାନ୍ତିରେ ଦିନ କଟାଇବ ।

ମହେନ୍ଦ୍ର ବାବୁ ଭାବିଥିଲେ ବୋଧହୁଏ ପ୍ରଥମେ ସେମାନେ ତାଙ୍କୁ କୌଣସି ପ୍ରକାର ଧମକ ଚମକ କରାଇବେ; କିନ୍ତୁ ଏ ଲୋକଟି ଠାରୁ କେଇପଦ ଆଶ୍ୱାସନା କଥା ଶୁଣି ତାଙ୍କ ମନରେ ଟିକିଏ ଦମ୍ଭ ଆସିଲା । ସେ ଆସ୍ତେ ସବାରିରୁ ଓହ୍ଲାଇ ଆସି ତାଙ୍କୁ ଡାକୁଥିବା ବାବାଜି ଭଳି ଲୋକଟିର ଚରଣ ତଳେ ମୁଣ୍ଡ ଲଗାଇ ନମସ୍କାର କଲାକ୍ଷଣି ବାବାଜୀ ଦୁଇ ହାତରେ ତାଙ୍କୁ ଉଠାଇ ଆଣି ଆଦର କରି କହିଲେ—"ବେଶ୍, ବାବା, ମା କାଳୀ ତମର ମଙ୍ଗଳ କରନ୍ତୁ । ବହୁତ ବାଟ ସବାରିରେ ଆସି ଆସି ବଡ଼ କ୍ଲାନ୍ତ ଲାଗିବଣି ।" ତା'ପରେ ଗୋଟିଏ ଲୋକଠାକୁ ନିର୍ଦ୍ଦେଶ କରି କହିଲେ,—"ତମପାଇଁ ଆଗରୁ ସେ ଘରେ ବିଛଣା କରା ହୋଇଛି, ଯାଅ, ଲନ୍‌ଠନ୍ ନେଇ ବିଶ୍ରାମ ନିଅ । ରାତି ତ ପ୍ରାୟ ପାହି ଆସିଲାଣି, ସକାଳୁ ଉଠିବା କିଛି ଦରକାର ନାହିଁ । ଯେତେବେଳେ ନିଦ ଭାଙ୍ଗିବ, ସେତେବେଳେ ଉଠିବ ।"

ମହେନ୍ଦ୍ର ବାବୁ ଆଉ କିଛି ପଚରା ପଚରି ନ କରି ନିର୍ଦ୍ଦେଶିତ ଘରଟିକୁ ପଶିଗଲେ । ଖୋଟାଏ ବଡ଼ ଠଣାରେ ଧକ୍ ଧକ୍ ହୋଇ

Digitized by srujanika@gmail.com

ଜଳୁଥିବା ଲନ୍‌ଠନଟି ତେଜି ଦେଖିଲେ ଘରର ଏକ ପାଖରେ ଗୋଟିଏ ଖଟରେ ସୁନ୍ଦର ବିଛଣା ପଡ଼ି ହୋଇଛି । ମହେନ୍ଦ୍ର ବାବୁ କୋଠରିଟିର ଗୃହଆଡ଼େ ଥରେ ଆଖି ବୁଲାଇ ନେଇ କବାଟର ଖିଞ୍ଜିରି ଭିତରୁ ଦେଲେ । ତା' ପରେ ଖଟ ଉପରେ ବସି ଲନ୍‌ଠନ୍‌ଟି କମାଇ ବିଛଣାରେ ଗଡ଼ ପଡ଼ିଲେ । ସେତେବେଳେ ତାଙ୍କର ମନେ ହେଉଥିଲା ଏ ଯଦି ପ୍ରକୃତରେ ଡକାୟତଦଳଙ୍କର ଗୁପ୍ତଆଡ୍ଡା ହୋଇଥାଏ, ତାହାହେଲେ ବୋଧହୁଏ ଏ ସ୍ଥାନର ସନ୍ଧାନ ପାଇବାରେ ତାଙ୍କୁ ବିଶେଷ କିଛି କଷ୍ଟ ହେବନାହିଁ । କିନ୍ତୁ ପର ମୁହୂର୍ତ୍ତରେ ତାଙ୍କର ମନକୁ ଆସେ, ଡକାୟତ ମାନେ ତ କମ୍ ଚାଲାକ ନୁହନ୍ତି ? କିଏ ଜାଣେ, ଏ ଯେ ତାଙ୍କର ଗୁପ୍ତ ଆଡ୍ଡା ହୋଇ ନ ପାରିଥାଏ । ଇମିତି କେତେ କଣ ଭାବୁ ଭାବୁ ତାଙ୍କ ଅଜଣାରେ କେତେବେଳେ ତାଙ୍କୁ ନିଦ ଆସି ଯାଇଥିଲା ।

ତହିଁ ଆରଦିନ ଯେତେବେଳେ ମହେନ୍ଦ୍ର ବାବୁଙ୍କ ନିଦ ଭାଙ୍ଗିଲା ଆସ୍ତେ କବାଟ ଫିଟାଇ ଦେଖିଲେ, ଦୁଇଜଣ ଲୋକ ବୋଧହୁଏ ତାଙ୍କର ଅପେକ୍ଷାରେ ରହିଛନ୍ତି । ସ୍ତ୍ରୀଆଡ଼େ ଖରା ବହୁତ ହୋଇ ସମୟ ପ୍ରାୟ ୯ ଟା ହୋଇଗଲାଣି । ମହେନ୍ଦ୍ର ବାବୁ ପଦାକୁ ଆସିଲାକ୍ଷଣି ସେହି ଦୁଇଜଣ ଲୋକ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ନେଇ ଗଲେ । ସେ ସ୍ଥାନରେ ନିଜର ନିତ୍ୟକର୍ମ ସାରିବାରେ ବେଶ୍ ସୁବ୍ୟବସ୍ଥା ଅଛି ।

ମହେନ୍ଦ୍ର ବାବୁ ଦାନ୍ତ ଘଷି ଘଷି ପାଖରେ ଠିଆ ହୋଇଥିବା ଲୋକଟିକୁ ପଚାରିଲେ—"ଦେଖ୍, ଏ ସ୍ଥାନଟି ଖୁବ୍ ଭଲ ଲାଗୁଛି ଏଠି ତୁମେମାନେ ଥାଅ ନା ଆଉ କିଏ ବାହାରର ଲୋକ ଆସନ୍ତି ? ଏ ଯାଗାର ନାଁ କଣ ?"

ଲୋକ ଦୁଇଟି ମୁହଁକୁ ଚାହିଁ ଚାହିଁ ତା ଭିତରୁ ଜଣେ ଲୋକ କହିଲା— ଆପଣଙ୍କ ଏକବାର ନୂଆ ଲୋକ ଆପଣ ଠିକ୍ ଏ ପୁରୁଣା ହୋଇଗଲେ

Digitized by srujanika@gmail.com

ଆଉ ଏଠିକାର ସବୁ କଥା ଜାଣିଗଲେ ଆପଣଙ୍କୁ ଏ ସ୍ଥାନ ଆହୁରି ଭଲ ଲାଗିବ । ଏ ସ୍ଥାନ ହେଉଛି କାଳୀ ଠାକୁରାଣୀଙ୍କର ପୀଠ । ମା'ଙ୍କୁ ଦର୍ଶନ କରିବାପାଇଁ ଅନେକ ସମୟରେ ପ୍ରାୟ ସବୁଦିନେ ବାହାରର ଲୋକ ବି ଏଠାକୁ ଆସନ୍ତି; କିନ୍ତୁ ଆମ ସ୍ୱାମୀ ବାବାଙ୍କ ଦର୍ଶନ ଆପଣଙ୍କ ଭଳି ଆସୁଥିବା ଲୋକଙ୍କ ଛଡ଼ା ଅନ୍ୟ ବାହାରର ଲୋକ କେହି ଦେଖା ପାଏ ନାହିଁ । ସେ ସ୍ଥାନ ତ ଆପଣ ଦେଖିଲେ ଦୁନିଆକୁ ଭୁଲିଯିବେ ।"

ମହେନ୍ଦ୍ର ବାବୁ ମନେ ମନେ ବଡ଼ ବିସ୍ମିତ ହୋଇ ଭାବିଲେ, ତାହାହେଲେ ଏଇଟା ପ୍ରକୃତ ଡକାୟତମାନଙ୍କ ଆଡ଼୍ଡା ନୁହେଁ । ଏହା ବାଦ୍ ଆହୁରି ଏକ ଗୁପ୍ତ ସ୍ଥାନ ଅଛି । ତାହା ପରେ ସେହି ଲୋକ ଦୁଇଟିଙ୍କ ଆଡ଼କୁ ଅନାଇଁ ବଡ଼ ଆଗ୍ରହରେ ମୁରୁକି ହସି ପଚାରିଲେ, —"ମୁଁ ତ ସେଥିପାଇଁ ପଚାରୁଥିଲି, ସ୍ୱାମୀ ବାବାଙ୍କର ଦର୍ଶନ ନ ପାଇବାଯାଏଁ ମୋ' ମନରେ ଶାନ୍ତି ନାହିଁ ।"

ଲୋକ ଦୁଇଟିଙ୍କ ଭିତରୁ ଜଣେ କହିଲା—"ଆପଣ ଯେତେବେଳେ ଏଠାକୁ ଆସିଛନ୍ତି, ନିଶ୍ଚୟ ତ ସ୍ୱାମୀ ବାବାଙ୍କର ଦର୍ଶନ ପାଇବେ; ତେବେ ଆପଣ ଏତେ ତରବର ହେଉଛନ୍ତି କାହିଁକି ? ଆପଣ ଆଗେ ଏଠାରେ କିଛି ଦିନ ରହନ୍ତୁ । ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ ।"

ମହେନ୍ଦ୍ର ବାବୁ ଆଉ ବିଶେଷ କିଛି ପଚରା ପଚରି କଲେ ନାହିଁ। କାଳେ ଲୋକ ଦୁଇଟାଙ୍କର ମନରେ କିଛି ସନ୍ଦେହ ଆସିବ, ସେଥିପାଇଁ ଆଉ କିଛି ପଚାରିଲେ ନାହିଁ । ଶୁଖିଲା ଲୁଗା ପିନ୍ଧିବାପାଇଁ କାଲି ରାତିରେ ଶୋଇଥିବା ଘରକୁ ଫେରିଆସିଲେ । ଲୋକ ଦୁଇଟି ମଧ୍ୟ ତାଙ୍କ ସଙ୍ଗେ ସଙ୍ଗେ ଆସିଲେ ।

Digitized by srujanika@gmail.com

ମହେନ୍ଦ୍ର ବାବୁ ଲୁଗାପଟା ପିନ୍ଧି ମୁଣ୍ଡ ଖୁଣ୍ଟାଇ ସାରିଲାକ୍ଷଣି ଲୋକ ଦୁଇଟି ଭିତରୁ ଜଣେ କହିଲା, - "ବାବୁ ଆସନ୍ତୁ, ମା'ଙ୍କ ଦର୍ଶନ କରି ଆସିବେ । କାଲି ରାତିରୁ କିଛି ଖାଇ ନାହାନ୍ତି, ପ୍ରସାଦ ମଧ୍ୟ ପାଇ ଆସିବେ ।" ମହେନ୍ଦ୍ର ବାବୁ ତାଙ୍କ ପଛେ ପଛେ ଚାଲିଲେ ।

ଖଡ୍ଗଧାରିଣୀ କାଳୀ ମୂର୍ତ୍ତି । ବେକରେ ମନ୍ଦାର ଫୁଲର ଲମ୍ବ ଲମ୍ବ ମାଳ । ଦେବୀଙ୍କ ପାଦତଳେ ମଣିଷମୁଣ୍ଡ ଖପରାର ଦୁଇ ତିନୋଟି ପାତ୍ର ରଖା ହୋଇଛନ୍ତି । ଦେବୀଙ୍କ ସାମନା ସାମନି ଅଳ୍ପ ଦୂରରେ ବଳି ପଡ଼ିବାପାଇଁ ଅର୍ଗଳି । ଯେ କୌଣସି ଲୋକ ଦେବୀଙ୍କ ଦର୍ଶନ କରିବାକୁ ଗଲେ ଏସବୁ ଦେଖି ତାର ହୃଦୟ ନ ଶଙ୍କି ରହି ହେବ ନାହିଁ । ମହେନ୍ଦ୍ର ବାବୁ ଏ ସବୁ ଦେଖି ତାଙ୍କର ହୃଦୟ ଗୋଟାଏ ଅଜଣା ଭୟରେ ଥରି ଉଠିଲା । ତାଙ୍କର ମନେ ହେଲା ଏହି ଅର୍ଗଳି ଭିତରେ ଯେପରି ତାଙ୍କ ବେକ ଗଳାଇ ଦିଆଯିବ ଏବଂ ତା'ପରେ ···ତା ପରେ···ଅର୍ଗଳିକୁ ଡେରା ହୋଇଥିବା ସେହି ପ୍ରକାଣ୍ଡ ଖଡ୍ଗ ତାଙ୍କ ବେକରେ ବସିବ ଖୁବ୍ ଜୋର୍‌ରେ । ସବୁ ଶେଷ । ମହେନ୍ଦ୍ର ବାବୁଙ୍କ ଅନ୍ତର ଆହୁରି ଜୋର୍‌ରେ ଥରି ଉଠିଲା । ତାଙ୍କ ଆଖି ଆଗରେ ନାଚି ଉଠିଲା ରକ୍ତ—ଆଉ ରକ୍ତ ।

ମୁହୂର୍ତ୍ତକ ମଧ୍ୟରେ ମହେନ୍ଦ୍ର ବାବୁ ଦେବୀଙ୍କ ଆଡ଼େ ଅନାଇଁ କେତେ କ'ଣ ଭାବି ଯାଉଛନ୍ତି । ତାଙ୍କର ଭାବନାକୁ ଭାଙ୍ଗି ଜଣେ ଦେବୀ-ପୂଜକ ତାଙ୍କ ହାତକୁ ବେଲପତ୍ର ପାଦୁକ ପାଇବାକୁ ନିର୍ଦ୍ଦେଶ କରି କହିଲା—"ନିଅ ବାବା, ମାଆଙ୍କ ଚରଣାମୃତ ପାଅ ।" ମହେନ୍ଦ୍ର ବାବୁ ଦେବୀଙ୍କ ଉପରୁ ଆଖି ଫେରାଇ ଆଣି ପାଦୁକ ନେଇ ପାଇଲେ, ତା' ପରେ ମୁଣ୍ଡ ନୁଆଇଁ ଦଣ୍ଡବତ କଲାକ୍ଷଣି କାପାଳିକ ପୂଜକ ଜଣକ ତାଙ୍କୁ ଆଶୀର୍ବାଦ କରି କହିଲା—"ମା' କାଳୀ ତୁମକୁ ସୁବୁଦ୍ଧି ଦିଅନ୍ତୁ, ଏଣିକି ସୁଖ ଶାନ୍ତିରେ ଜୀବନ କଟାଅ । ଉଠ ବାବା, କାଲିରୁ କିଛି ଖାଇ ନାହଁ, ତମ ଅପେକ୍ଷାରେ ଅନ୍ୟମାନେ ବସିଛନ୍ତି, ଯାଅ ବାବା ।"

Digitized by srujanika@gmail.com

ମହେନ୍ଦ୍ର ବାବୁ ତତ୍କ୍ଷଣାତ୍ ଉଠି କାପାଳିକ ପୂଜକଆଡ଼େ ବଡ଼ ଭକ୍ତିସହକାରେ ଅତି ନରମ ଗଳାରେ ପଚାରିଲେ—“କେଉଁଠିକି ଯିବି ବାବା ?” ପୂଜକ ଟିକିଏ ମୁରୁକି ହସି ଅନ୍ୟ ଏକ ଲୋକଆଡ଼କୁ ଅନାଇଁ ଆଦେଶ ଦେଲେ—“ଏ ବାବୁ ଆମର ଅତି ଭଲ ଲୋକ, ବାବୁଙ୍କ ପାଖେ ପାଖେ ଥାଇ ତାଙ୍କର ଭଲମନ୍ଦ କଥା ତୁମେ ସବୁବେଳେ ବୁଝୁଥିବ । ଯାଅ, ବାବୁଙ୍କୁ ପଙ୍ଗତ ଘରକୁ ନେଇଯାଅ ।”

ଲୋକଟି ମହେନ୍ଦ୍ର ବାବୁଙ୍କୁ ଡାକି, ଆଗେ ଆଗେ ଚାଲିଲା । ମହେନ୍ଦ୍ର ବାବୁ ପଛେ ପଛେ ଗଲେ । ଭିତରକୁ ଭିତରକୁ ପାଞ୍ଚ ଛ'ଟା ଦରଜା ଟପିଗଲା ପରେ ଲୋକଟି ଗୋଟିଏ ବଡ଼ କୋଠରୀ ଦରଜାରେ ଠିଆ ହୋଇ ଯାଇ ମହେନ୍ଦ୍ର ବାବୁଙ୍କୁ ତା' ଭିତରକୁ ଯିବାକୁ କହିଲା । ମହେନ୍ଦ୍ର ବାବୁ ବଡ଼ ଡର ଡର ତା ଭିତରକୁ ପାଦ ପକାଇଲାକ୍ଷଣି ଯାହା ଦେଖିଲେ, ସେଥିରେ ଯେ କୌଣସି ସାହସୀ ଲୋକର ମନ ଦବି ଯିବାର କଥା ।

ସେହି କୋଠରୀଟି ଖୁବ୍ ବଡ଼ ନ ହେଲେ ମଧ୍ୟ ଖୁବ୍ ସାନ ନୁହେଁ । ଘରର କାନ୍ଥ ବାଡ଼ ସବୁଆଡେ ବଡ଼ ବଡ଼ ଖଣ୍ଡା ଓ ଛୁରୀ ଚକ୍ ଚକ୍ ମାରୁଛି । ଘରଟି ଉତ୍କଟ ମଦ୍ୟ ଗନ୍ଧରେ ପୂର୍ଣ୍ଣ । ଘରଟି ଭିତରେ ସେଉଁ ପନ୍ଦର ଷୋଳ ଜଣ ମହେନ୍ଦ୍ର ବାବୁଙ୍କୁ ଅପେକ୍ଷା କରି ରହିଛନ୍ତି, ସେହିମାନଙ୍କ ଭଳି ବିଦ୍‌ଘୁଟେକାୟ ଲୋକ, ମହେନ୍ଦ୍ର ବାବୁ ତାଙ୍କ ଜୀବନ କାଳ ମଧ୍ୟରେ କେବେ ଦେଖିଛନ୍ତି କି ନାହିଁ ସନ୍ଦେହ । ପାଖ ପାଖ ହୋଇ ଲୋକଗୁଡ଼ିକ ବସିଛନ୍ତି । ସମସ୍ତେ ଦେଖି ପୂଜକ କାପାଳିକ । ସମସ୍ତଙ୍କ ମୁହଁରେ ଲମ୍ବ ଲମ୍ବ ଦାଢ଼ି, ନିଶ । ଦେହର ରଙ୍ଗ ପ୍ରାୟ କୃଷ୍ଣବର୍ଣ୍ଣ, ଶରୀର ଗଠନ ବଳିଷ୍ଠ ।

ମହେନ୍ଦ୍ର ବାବୁ ସେହି ଘରଟି ଭିତରକୁ ପଶିଯାଇ ଚାରିଆଡ଼କୁ ଆବାକାବା ହୋଇ ଅନାଇଲାକ୍ଷଣି, ଘର ଭିତରେ ଥିବା ସମସ୍ତ

Digitized by srujanika@gmail.com

କାପାଳିକ ତାଙ୍କୁ ଆଶୀର୍ବାଦ କରି ଅଭିବାଦନ ଜଣାଇଲେ । କିନ୍ତୁ ସେହି ସମସ୍ତଙ୍କର ଆନନ୍ଦର ଚିତ୍କାର ମହେନ୍ଦ୍ର ବାବୁଙ୍କ କାନକୁ ଲାଗୁଥିଲା, ସତେ ଯେପରି ତାଙ୍କୁ ବଳି ଦେବାପାଇଁ ଆଗରୁ ସବୁ ଯୋଗାଡ଼ ହୋଇଛି, ଆଉ କେତୋଟି ମୁହୂର୍ତ୍ତ ପରେ ତାଙ୍କୁ ବଳି ଦିଆଯିବ । ତାଙ୍କ ଗୋଡ଼ ଆଉ ଆଗକୁ ପାଦେ ଚାଲିଲା ନାହିଁ । ସେ କାଠ ପିତୁଳା ପରି ଠିଆ ହୋଇ କେବଳ ଆବା କାବା ହୋଇ ଏଣେ ତେଣେ ଭୟରେ ଚାହିଁବାକୁ ଲାଗିଲେ ।

ମହେନ୍ଦ୍ର ବାବୁ ଭୟ ପାଉଥିବା ଜାଣି ତାଙ୍କ ଭିତରୁ ପ୍ରାୟ ଅନେକ ହସି ଉଠିଲେ ଏବଂ ଜଣେ ମହେନ୍ଦ୍ର ବାବୁଙ୍କୁ ତା' ପାଖରେ ଆସି ବସିବାକୁ ଡାକିଲା । ମହେନ୍ଦ୍ର ବାବୁ ଯନ୍ତ୍ର ଚାଳିଲା ପରି ଯାଇଁ ପାଖରେ ପଡ଼ିଥିବା ଏକ ଆସନ ଉପରେ ବସିଲେ । ତା' ପରେ ଅନ୍ୟମାନେ ବଡ଼ ନରମ ଗଳାରେ କହିବାକୁ ଲାଗିଲେ, କିଛି ଭୟ କରନ୍ତୁ ନାହିଁ । ଆଉ କେଇଦିନ ପରେ ଆପଣ ମଧ୍ୟ ଆମପରି ଏଠି ଜଣେ ହୋଇଯିବେ । ମହେନ୍ଦ୍ର ବାବୁ ବଡ଼ ସାହସ ବାନ୍ଧି ଉତ୍ତର ଦେଲେ,—"ମୁଁ ତ ଆପଣମାନଙ୍କ ସହିତ ଏକାଠି ମିଳି ମିଶି ରହିବା ପାଇଁ ଏଠାକୁ ଆସିଛି, ଆପଣମାନେ ଯେତେବେଳେ ଏଠି ଅଛନ୍ତି, ସେତେବେଳେ ମୋର ଭୟ କଣ ?"

କିଛିକ୍ଷଣ କଥାବାର୍ତ୍ତା ପରେ ଜଣେ ଲୋକ ଗୋଟାଏ ସ୍ପିରିଟ ଧରାଇବା ହାଣ୍ଡିକୁ ଧରି ସେଇଠି ଥୋଇଲା । ମାଂସ ତରକାରୀ ବାସନାରେ ଘର ମହକି ଉଠିଲା । ମହେନ୍ଦ୍ର ବାବୁଙ୍କୁ ଛାଡ଼ି, ପ୍ରାୟ ଅନ୍ୟ ସମସ୍ତଙ୍କର ଆନନ୍ଦରେ ଆଉ ସୀମା ରହିଲା ନାହିଁ । ସମସ୍ତେ ମାଂସ ହାଣ୍ଡି ଆଡ଼କୁ ଚାହିଁ ରହିଲେ । ପୁଣି କିଛିକ୍ଷଣ ପରେ ଗୋଟାଏ ଖୁବ୍ ବଡ଼ ଥାଳିଆରେ ସେହି ଜଣକ ରୁଟି ପୂର୍ତ୍ତିକରି ଆଣି ସେମାନଙ୍କ ପାଖରେ ଥୋଇ ଦେଲା । ସମସ୍ତେ ଆଉ କାଳ ବିଳମ୍ବ ନ କରି ରୁଟି ମାଂସ ତରକାରୀ ଚାରିପାଖରେ ଗୋଲ ହୋଇ ବସିଗଲେ । ମହେନ୍ଦ୍ର

Digitized by srujanika@gmail.com

ବାବୁ ସଙ୍କୋଚ କରିବାରୁ ଅନ୍ୟମାନେ କହି ଉଠିଲେ, ଏ ହେଉଛି ମାଆଙ୍କ ପ୍ରସାଦ । ଏଠି ଅଲଗା ଅଲଗା ବସି କେହି ଭୋଜନ କରନ୍ତି ନାହିଁ । ଆସନ୍ତୁ, ଏକୁଟିଆ ବସିଲେ ଜାଣିବ କି ? ମହେନ୍ଦ୍ର ବାବୁ ସେମାନଙ୍କର କଥାରେ ବାଧା ଦେବାକୁ ଆଉ ଉପାୟ ନ ଥିଲା । ବଡ଼ ଅନିଚ୍ଛା ସତ୍ତ୍ୱେ ବାହାରକୁ ଆଗ୍ରହ ଦେଖାଇ ତାଙ୍କରି ସଙ୍ଗରେ ଖାଇ ବସିଲେ । ଅଧାଅଧି ଖାଇ ସାରିଲା ବେଳକୁ ସେହି ପୂଜାରୀ ଜଣକ ଦଶ ବାର ବୋତଲ ମଦ ଏବଂ କାଚଗ୍ଲାସ ଗୋଟିଏ ଆଣି ସେଠି ଥୋଇଦେଲା । ସମସ୍ତେ ଆଗ ଅପେକ୍ଷା ଅଧିକ ଆନନ୍ଦରେ ଖିଆ ଲୁଡ଼ି ଓଠ ଚାଟିବାକୁ ଲାଗିଲେ । ତା ଭିତରୁ ଜଣେ ଗ୍ଲାସଟିରେ ପୂର୍ଣ୍ଣ ଗ୍ଲାସେ ମଦ ଢାଳି ମହେନ୍ଦ୍ର ବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲା—"ଆପଣ ପ୍ରଥମ ହୋଇ ଆମ ସାଙ୍ଗକୁ ଆଜି ଆସିଛନ୍ତି, ସେଥିପାଇଁ ଆପଣ ଆଗ ପିଅନ୍ତୁ ।" ମହେନ୍ଦ୍ର ବାବୁ ବଡ଼ ହଡ଼ବଡ଼େଇ ଯାଇଁ ନରମ ଗଳାରେ କହିଲେ—"ମୁଁ ଏହାକୁ କେବେ ସୁଦ୍ଧା ଖାଇ ନାହିଁ । ଆପଣମାନେ ଆଜି ଖାଆନ୍ତୁ, ମୋର କିଛିଦିନ ପରେ ଆସ୍ତେ ଆସ୍ତେ ଅଭ୍ୟାସ ହୋଇଗଲେ ମୁଁ ଆପଣମାନଙ୍କ ସଙ୍ଗରେ ବେଳେ ପିଇବ ଯେ । ଅନ୍ୟମାନେ ଠୋ ଠୋ ହୋଇ ହସି କହିଲେ—"ଏ ହେଉଛି ମାଆଙ୍କ ପ୍ରସାଦ । ଆଦୌ ମନା କରନ୍ତୁ ନାହିଁ । ଦୁଇ ଗ୍ଲାସ ନ ଖାଇଲେ ବି ଅଧ ଗ୍ଲାସ ଖାଇବାକୁ ପଡ଼ିବ । କିଛି ଖରାପ ହେବ ନାହିଁ, ବଡ଼ ଆରାମ ଜିନିଷ ବାବୁ । ଥରେ ଖାଇଲେ ତାର ମଜା ବେଶ୍ ବୁଝି ପାରିବେ ।" ମହେନ୍ଦ୍ର ବାବୁ ଗିଲାସଟାକୁ ମୁହଁ ପାଖକୁ ଥରକୁ ଥର ନେଇ ଫେରାଇ ଆଣୁଥିଲେ, ସେମାନଙ୍କ ଭିତରୁ ଜଣେ ଉଠି ଯାଇ ହସି ହସି ତାଙ୍କ ମୁହଁରେ ଏକ ରକମ ଓଜାଡ଼ି ଦେଲା ଓ କହିଲା—"କିଛି ଭୟ କରନ୍ତୁ ନାହିଁ । ଯେତେ ଇଚ୍ଛା ସେତେ ପିଅନ୍ତୁ ।"

ମହେନ୍ଦ୍ର ବାବୁ ଢୋକେ ମଦ ପିଇଲା କ୍ଷଣି ପାଟି ବିକଟାଳ କରି ଅ ଅ ହେଲେ । ଅନ୍ୟମାନେ କହିଲେ,—'ବେଶ୍ ହେଲା, ଆଉ

Digitized by srujanika@gmail.com

ସେତକ ଥାଉ । ନୂଆଲୋକ; ଅଭ୍ୟସ୍ତ ହୋଇ ନାହାନ୍ତି । ମହେନ୍ଦ୍ର ବାବୁ ଗିଲାସଟାକୁ ତଳେ ଥୋଇ ଆହୁରି ନରମ ଗଳାରେ କହିଲେ — "ମୋତେ କ୍ଷମା କରନ୍ତୁ, ମୁଁ ଆସ୍ତେ ଆସ୍ତେ ପ୍ୟା'କୁ ଖାଇବାକୁ ଅଭ୍ୟାସ କରିନେବ । ଆପଣମାନେ ଖାଆନ୍ତୁ, ମୁଁ ମାଂସ ଇତ୍ୟାଦି ମା'ଙ୍କ ପ୍ରସାଦ ପାଉଛି ।" ସମସ୍ତେ କହିଲେ—"ବେଶ୍, ବେଶ୍ । ମହେନ୍ଦ୍ର ବା'ବୁ ବାଧ ହୋଇ ତାଙ୍କ ସଙ୍ଗରେ ମାଂସ ରୁଟି ଖାଇବାକୁ ଲାଗିଲେ ।" ଅନ୍ୟମାନେ ଗୋଟାକ ପରେ ଗୋଟାଏ ବୋତଲ ମଦ ଆନନ୍ଦରେ ଶେଷ କରିବାକୁ ଲାଗିଲେ । ମଦ ମାଂସ ଖିଆ ପିଆ ମଉଜ ମଜଲିସ୍ ଅଧଘଣ୍ଟା ମଧ୍ୟରେ ଶେଷ ହୋଇଗଲା । ନିଶା ଜୋରରେ ସମସ୍ତେ ଭଲ ଭଲ କଏ କେତେ ରକମ ବାଗୁଲ ଭଲ କଥା କହିବାକୁ ଲାଗିଲେ । ତା' ଭିତରୁ କଏ ହାତ ଧୋଇ ଶୋଇଗଲା, କଏ ବାଗୁଲ-ପରି ଅନ୍ୟ ଆଗରେ କହିବାକୁ ଲାଗିଲା—"ମୋ ଭଳିଆ ସାହସୀ ଆଉ ଦୁନିଆରେ କେହି ନାହିଁ । କାଲି ଏଇ ହାତର ବୁଢ଼ା ଆଙ୍ଗୁଠି ଦି' ଟାରେ ମୁନ୍ଦ ଭିକ ମଧ୍ୟରେ ଦି'ଟା ଲୋକର ତଣ୍ଟି ଚିପି ତଳେ ପକାଇ ଦେଲି ।" ଆଉ କଏ ଠୋ ଠୋ ହସି କହିବାକୁ ଲାଗିଲା—"ତୁ କ ସାହସୀ ? ତୋ ଅପେକ୍ଷା ମୁଁ ଦୋପଟ ଖର । ସେ ଦିନ ସେ ମାଇକିନାଟାର ଗୋଡ଼ ଧରି ବୁଲାଇ ବୁଲାଇ ପଥରରେ ଏକା ପାହାରକେ ତା ମୁଣ୍ଡଟା ଛିନ୍ନଛତର ହୋଇ ମୁଣ୍ଡର ରସ କୋଡ଼ିଏ କୋଡ଼ିଏ ହାତ ଦୂରରେ ଛିଟିକା ମାରି ପଡ଼ିଲା ।"

ମହେନ୍ଦ୍ର ବାବୁ ସେମାନଙ୍କ ମୁହଁରୁ ଏସବୁ ଲୋମହର୍ଷଣ କଥା ଶୁଣି ତାଙ୍କ ରୁମ ମୂଳ ଟାଙ୍କୁରି ଉଠିଲା । ତାଙ୍କୁ ଜଣାଗଲା, ସେ ଯେପରି ଶହ ଶହ ସାକ୍ଷାତ ଯମ ଦୂତଙ୍କ ଆଗରେ ବସି ରହିଛନ୍ତି । ଆଉ ମୁନ୍ଦ ଭିକ ପରେ ତାଙ୍କ ତଣ୍ଟିକି କଏ ଚିପି ମାରିଦେବ । ହଠାତ୍ ତାଙ୍କ ଆଖି ଆଗରେ ଜଣେ ଜଣକର ଦାଢ଼ିକୁ ଧରି ଟାଣିଆଣି କହିଲା—"ଏ ଦାଢ଼ି ଅପେକ୍ଷା ମୋ ଦାଢ଼ି ଆହୁରି ସୁନ୍ଦର । ମୋ ଦାଢ଼ି ମୋ ମୁହଁରେ ଥିଲେ

Digitized by srujanika@gmail.com

ଏ ନକଲି ଦାଢ଼ି ବୋଲି ଆମ ଭିତରେ ଲୋକ ବ ଜାଣି ପାରିବେ ନାହିଁ । ଦାଢ଼ିହୀନ ହୋଇ ସେ ଲୋକଟା ନିଶା ଜୋର୍‌ରେ ମହେନ୍ଦ୍ର ବାବୁଙ୍କ ଆଡ଼େ ଟିକିଏ କଡ଼େଇ ଗୁହିଁ ଅନ୍ୟ ଲୋକର ଦାଢ଼ିଟାକୁ ଟାଣିଆଣି ମୁହଁରେ ଲଗାଇ କୌତୁକ ଆରମ୍ଭ କଲା । ମହେନ୍ଦ୍ର ବାବୁ ଏ ସବୁ ଦେଖି ଠିକ୍ କରି ନେଲେ, ଏମାନେ ପ୍ରକୃତରେ ବାବାଜି ନୁହନ୍ତି । ନୃଶଂସ ଡକାୟତ ଦଳ । ବାହାର ଲୋକ କିଏ କେବେ ଏଠିକୁ ଆସିଲେ, ଏମାନେ ସେମାନଙ୍କ ପାଖରେ ନିଜକୁ ସଚ୍ଚା ଦେଖାଇବା ପାଇଁ ଏପରି ଛଦ୍ମ ବେଶରେ ରହୁଛନ୍ତି । ରାତି ହେଲେ ଏମାନେ ନିଜ ରୂପରେ ଡକାୟତି କରି ସକାଳେ ତପସ୍ୱୀ ସାଜୁଛନ୍ତି । କି ଛଳନା ! କି ନୃଶଂସ ଏମାନେ ! ମହେନ୍ଦ୍ର ବାବୁଙ୍କ ଗୁଣ୍ଡି ଥରିବାକୁ ଲାଗିଲା । କିଛିକ୍ଷଣ ପରେ ନିଜକୁ ପ୍ରକୃତିସ୍ଥ କରି ଭାବିଲେ, ବାହାରିବାକୁ ସିବାକୁତ ଆଉ ଉପାୟ ନାହିଁ । ଏ ମାତାଲଙ୍କ ପାଖରେ ବି ଆଉ ବେଶି ସମୟ ରହିବା ଆଦୌ ଉଚିତ ନୁହେଁ । ଯେଉଁମାନେ ମଣିଷକୁ ଛିଡ଼ି ମାରି ଦେବାରେ ଆନନ୍ଦ ଓ ଗର୍ବ କରୁଛନ୍ତି, ସେମାନଙ୍କ ପାଖରେ ବର୍ତ୍ତମାନ ମାତାଲ ବେଳରେ ରହିଲେ, କେତେବେଳେ ଯେ କେଉଁ କଥା ତାର କେଉଁ ଠିକଣା ଅଛି । ମହେନ୍ଦ୍ର ବାବୁ ଆଉ ବେଶି ସମୟ ସେଠାରେ ନ ରହି ତାଙ୍କ ଭିତରୁ ଜଣେ ଜଣ କଥାବାର୍ତ୍ତା ହେଉଥିବା ଲୋକଙ୍କୁ କହିଲେ—"କାଲି ରାତି ଗୋଟାକ ଅନିଦ୍ରା ହୋଇଛି, ମୁଁ ଯାଉଛି ଟିକିଏ ବିଶ୍ରାମ ନେବି ।" ସେମାନେ ନିଶାରେ ଝୁଲି ଝୁଲି କହିବାକୁ ଲାଗିଲେ—"ଯାଅ ବାବୁ ଯାଅ, ମନ ଇଚ୍ଛା ଶୁଅ । ମା'ଙ୍କ ପ୍ରାସାଦ ପାଇ ମଉଜ କର ।"

ମହେନ୍ଦ୍ର ବାବୁ ଦୁଆର ମୁହଁ ଟପିଲାକ୍ଷଣି ତାଙ୍କୁ ସକାଳ ପ୍ରହରୁ ଜଗି ରହିଥିବା ଲୋକ ଦୁ'ଟାଙ୍କ ଭିତରୁ ଜଣେ ଟିକିଏ ହସି ଦେଇ କହିଲା—"ଆପଣ କାଲି ଯେଉଁ ଘରେ ଶୋଇଥିଲେ, ସେ ଘରକୁ ଏକାଯାକ ପାରିବେ ? ଯେଉଁ ବାଟ ଦେଇ ଆସିଥିଲେ, ସେ ବାଟସବୁ

Digitized by srujanika@gmail.com

ବନ୍ଦ ହୋଇ ଗଲାଣି । ଆପଣ ମୋ ପଛେ ପଛେ ଆସନ୍ତୁ ।” ମହେନ୍ଦ୍ର ବାବୁ ପଛେ ପଛେ ଗ୍ଲଲେ । କିନ୍ତୁ ସତକୁ ସତ ମହେନ୍ଦ୍ର ବାବୁ ଯେଉଁ ବାଟ ଦେଇ ଆସିଥିଲେ, ସେ ବାଟ ତାଙ୍କ ଆଖିରେ ସୁଦ୍ଧା ପଡ଼ିଲା ନାହିଁ । ସେହି ଘରେ ଘରେ କେତେ ଅନ୍ଧାରିଆ ଚଳିବାଟ ଦେଇ ଯାଉଁ ଯାଉଁ ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ।

ହଠାତ୍ ମହେନ୍ଦ୍ର ବାବୁଙ୍କ ସଙ୍ଗରେ ଆସୁଥିବା ଲୋକଟି ଥମି ଯାଇ କହିଲା—“ଯାଆନ୍ତୁ ବାବୁ, ଆପଣଙ୍କ ଘର ହୋଇ ଗଲାଣି ।” ମହେନ୍ଦ୍ର ବାବୁ ଘର ଭିତରକୁ ପଶି ଯାଇଁ ଦେଖିଲେ, ତାଙ୍କ ଖଟ ଉପରେ କାଲି ଯେଉଁ ଗୁଦରଟି ବିଛା ହୋଇଥିଲା, ସେ ଗୁଦର ବଦଳରେ ଅନ୍ୟ ଏକ ଗୁଦର ବିଛା ହୋଇଛି ଏବଂ ମୁଣ୍ଡଉପରେ ଏକ ମଦ ବୋତଲ ଓ ଗୋଟିଏ ଗ୍ଲାସ ଥୁଆ ହୋଇଛି । ମହେନ୍ଦ୍ର ବାବୁ ଏସବୁ ଘଟଣା ଦେଖି କଥା ପ୍ରସଙ୍ଗରେ ବାରେଇ ସେ ଲୋକଟିକୁ ବଡ଼ ଆଦର କରି ପଚାରିଲେ—“ତୁମେ ଏଇକ୍ଷଣି ଏ ଘରେ ରହିବ ନା କୁଆଡ଼େ ଯିବ ? ଏକୁଟିଆ ଆମକୁ ଭଲ ଲାଗୁ ନାହିଁ । ଯଦି ଏଇଠି ରହନ୍ତ ତାହାହେଲେ ଗପ ସପ କରି କିଛି ସମୟ କଟାଇ ଦିଅନ୍ତେ ।”

ସେ ଲୋକଟି ଟିକଏ ମୁରୁକି ହସି କହିଲା—“ହଁ ବାବୁ ଆପଣ ଟିକଏ ଶୋଇଗଡ଼ିଲେ ପଡେଇ ହେଉଥାନ୍ତୁ । ମୁଁ ଖାଇ ନାହିଁ, ଖାଇ ସାରି ଆସିଲେ ଗପ ସପ ହେବ ।” ମହେନ୍ଦ୍ର ବାବୁ ତା ପ୍ରତି ସହାନୁଭୂତି ଦେଖାଇ କହିଲେ—“ଏଁ ଆମେ ସବୁ ଖାଇସାରିଲୁଣି ତମେ ଖାଇନା । ଯାଅ ଆଗ ଖାଇ ଆସ, ତା ପରେ ଯେଉଁକଥା । ସେ ଲୋକଟି ଆସ୍ତେ କବାଟ ଆଉଯାଇ ଆଣି ବାହାରୁ ଝିଞ୍ଜିର ଦେଇ ଚାଲିଗଲା ।

ଲୋକଟି ଗ୍ଲଲିଗଲା ପରେ ମହେନ୍ଦ୍ର ବାବୁ ଖଟ ଉପରେ ଶୋଇ ଭାବିବାକୁ ଲାଗିଲେ, ସେ ଥିଲେ କେଉଁଠି ଆଉ ଆଜି ଅଛନ୍ତି କେଉଁଠି ? ବନ୍ଧଶାଳା ଅପେକ୍ଷା ଏଠି ନୂଆ ଲୋକଙ୍କପାଇଁ ଆହୁରି ବେଶି କାଇଦା କଟକଣା ; କାଳେ ସେ ଦୈବାତ୍ କୁଆଡ଼େ ଗ୍ଲଲିଯିବେ ସେଥିପାଇଁ ତାଙ୍କ

Digitized by srujanika@gmail.com

ପଡ଼ିଛି ପଡ଼ିଛି ଜଗୁଆଳି ରହିଛନ୍ତି । କିଏ ଜାଣେ ଆଉ ସେ ଯେ ଏ ଓକାଯୁଦ୍ଧଦଳ ଭିତରୁ ଘରକୁ ଫେରି ଯାଇ ତାଙ୍କ ସାଥିମାନଙ୍କ ମୁହଁ ଦେଖିବେ । ତାଙ୍କ ମନ ଦବି ଆସେ ।

ପ୍ରାୟ ଅଧଘଣ୍ଟା ପରେ ବାହାର ଝିଞ୍ଜିରି ଫିଟାଇ ସେ ଲୋକଟି ଘର ଭିତରକୁ ଆସିଲା । ମହେନ୍ଦ୍ର ବାବୁ ତାକୁ ଦେଖି ପକାଇ କହିଲେ—"ଏତେ ଚଞ୍ଚଳ ଖାଇ ଆସିଲଣି ?" ଲୋକଟି ଟିକଏ ବିସ୍ମିତ ହୋଇ କହିଲା—"କାହିଁକି ? ମୁଁ ତ ପ୍ରାୟ ଅଧଘଣ୍ଟା ହେବ ଗଲିଣି ।" ତା ପରେ ମହେନ୍ଦ୍ର ବାବୁଙ୍କ ମୁଣ୍ଡ ଉପରେ ଥୁଆ ହୋଇଥିବା ମଦ ବୋତଲଟି ଆଡ଼କୁ ଅନାଇଁ କହିଲା—"ବାବୁ, ବୋତଲଟା ସେମିତି ଥୁଆ ହୋଇଛି, କିଛି ବି ସେଥିରୁ ଖାଇ ନାହାନ୍ତି ?" ମହେନ୍ଦ୍ର ବାବୁ ଆଗ୍ରହ ଦେଖାଇ କହିଲେ—"ମୋର ତ ଆଦୌ ଅଭ୍ୟାସ ନାହିଁ । ସକାଳେ ଟିକଏ ଖାଇଛି । ଆସ୍ତେ ଆସ୍ତେ ଅଭ୍ୟାସ କରିବି । ତମର ଯଦି ଇଚ୍ଛା ହେଉଛି, ନେଇ ସବୁଯାକ ପିଇ ଦେଇ ପାର ।"

ଲୋକଟି ଟିକଏ କିନ୍ କିନ୍ ହୋଇ କହିଲା—"ନା ବାବୁ, ଆଜି ମୁଁ ପିଇବି ନାହିଁ··· ।"

ମହେନ୍ଦ୍ର ବାବୁ ଆସ୍ତେ ପଚାରିଲେ—"କାହିଁକି ? ଆଜି କଣ କି ଖାଇବ ନାହିଁ ? ସମସ୍ତେ ତ ପ୍ରାୟେ ବୋତଲେ ବୋତଲେ ଉଡ଼ାଇ ଦେଉଛନ୍ତି ।"

ଲୋକଟି କହିଲା—"ମୁଁ ଘଣ୍ଟାକ ଭିତରେ ଦି' ବୋତଲ ଉଡ଼ାଇ ଦେବା ଲୋକ, କିନ୍ତୁ ଆଜି ମୁଁ ଆପଣଙ୍କୁ ଜଗି ରହିଛି । ସେଥିପାଇଁ ଖାଇବି ନାହିଁ । କାଳେ ମତିଭ୍ରମ ଘଟିବ । ଏ କଥା ସ୍ୱାମୀ-ବାବା ଜାଣିଲେ ବଡ଼ ରାଗିବେ ।"

Digitized by srujanika@gmail.com

ମହେନ୍ଦ୍ର ବାବୁ କହିଲେ—"କାହିଁକି ମୋତେ ଜଗି ରହିଛ ? ମୁଁ କଣ କୁଆଡ଼େ ପଳେଇ ଯାଉଛି ନା କ'ଣ ?"

ଲୋକଟି କ୍ଷଣକାଳ ନୀରବ ରହି କହିଲା—"ନା ଆପଣ ତ ଖୁବ୍ ଭଲ ଲୋକ । ସ୍ୱାମୀ ବାବାଙ୍କ ଉପରେ ଅନେକ ବିଶ୍ୱାସ ଅଛି, ତେବେ ଆପଣ ନୂଆ ଆସିଛନ୍ତି । ଯେଉଁମାନେ ପ୍ରଥମେ ଆସନ୍ତି ସେମାନଙ୍କୁ ପ୍ରାୟ କିଛିଦିନ ଏହିପରି ଜଗୁଆଳରେ ରଖାଯାଏ ।"

ମହେନ୍ଦ୍ର ବାବୁ ଟିକିଏ ମୁରୁକି ହସି କହିଲେ—"ମୁଁ ତ ସ୍ୱେଚ୍ଛାରେ ଏଠିକୁ ଆସିଛି । ମୋର କୁଆଡ଼େ ପଳାଇ ଯିବାର ତ ଇଚ୍ଛା ନାହିଁ । ମୋତେ ବିଶ୍ୱାସ କର, ମୁଁ ଏ ଦୁଆର ବନ୍ଧ ଡେଇଁ କୁଆଡ଼େ ଯିବି ନାହିଁ । ତୁମର ଯଦି ଘରେ ଇଚ୍ଛା ହେଉଛି, ତାହାହେଲେ ଏହି ମଦ ବୋତଲଟା ଶେଷ କରିଦିଅ ।

ଲୋକଟି ମହେନ୍ଦ୍ର ବାବୁଙ୍କ କଥାରେ ବଡ଼ ଆଗ୍ରହ ଦେଖାଇ କହିଲା—"ବାବୁ ମୁଁ କ'ଣ ଲୋକ ଆଜି ଯାଏ ଚିହ୍ନି ନାହିଁ ? ଆପଣ ଖୁବ ଭଲ ଲୋକ ।" ତା ପରେ ମଦ ବୋତଲଟି ତାଙ୍କ ମୁଣ୍ଡ ଉପରୁ ଆଣି ପ୍ରାୟ ଅଧେ ମୁହୂର୍ତ୍ତକ ମଧ୍ୟରେ ଶେଷ କରିଦେଲା ।

ଲୋକଟି ପୁନର୍ବାର ବୋତଲଟି ମହେନ୍ଦ୍ର ବାବୁଙ୍କ ମୁଣ୍ଡ ଉପରେ ରଖି ଦେଲା ପରେ ମହେନ୍ଦ୍ର ବାବୁ କହିଲେ—"ଠିଆ ହେଲ କାହିଁକି ? ମୋ ପାଖରେ ଏ ଖଟ ଉପରେ ଆସି ବସୁନା । ଏ ପରା ମା କାଳୀଙ୍କର ପୀଠ; ଏଠି ସାନ ବଡ଼ କଣ ? ଆଜିଠାରୁ ତ ତୁମ୍ଭେମାନେ ମୋର ବନ୍ଧୁ ହେଲ ।"

ଲୋକଟି ମହେନ୍ଦ୍ର ବାବୁଙ୍କଠାରୁ ଏତିକି ଶୁଣି ଟିକିଏ ହସି ଦେଇ ଦୁଆର ମୁହଁ କବାଟ ବନ୍ଦ କରି ତାଙ୍କ ପାଖରେ ଯାଇଁ ବସିଲା । ତାହାପରେ ମହେନ୍ଦ୍ର ବାବୁ ଆରମ୍ଭ କଲେ—"ଆଜି ଯେଉଁ ମାଂସ

Digitized by srujanika@gmail.com

ତରକାରୀ ହୋଇଥିଲା, ସେପରି ମାଂସ ତରକାରୀ ମୁଁ କେବେ ମୋ ଜୀବନରେ ଖାଇ ନାହିଁ, ଖୁବ୍ ଭଲ ମାଂସ, ରନ୍ଧାଯାଇଛି ବି ଖୁବ୍ ଭଲ । ଏତେ ସକାଳୁ ମାଂସ କେଉଁଠୁ ଆଣିଲ ?"

ଲୋକଟି ତାଙ୍କ କଥାରେ ଆଗ୍ରହ ଦେଖାଇ କହିଲା—"ଆପଣ ମୋଟେ କିଛି ଖାଇ ନାହାନ୍ତି । ଇଏ କଣ ଭଲ ରନ୍ଧା ହୋଇଛି, ତା' ଅପେକ୍ଷା ଆହୁରି ଭଲ ରାନ୍ଧିଲାବାଲା ଅଛନ୍ତି । ଆପଣ ଆଉ କିଛିଦିନ ଗଲେତ ଖାଇ ପିଇ ମଉଜ ମଜଲିସ୍ କରି ଦୁନିଆକୁ ଭୁଲିଯିବେ ! ଆମର ଏଠିକୁ ବାହାର ମାଂସ ଆସେ ନାହିଁ । ପ୍ରତିଦିନ ରାତି ବାରଟା ପରେ ମାଆଙ୍କ ପାଖରେ ଦୁଇଟି ବୋଦା ବା ଖାସି ବଳି ଦିଆଯାଏ । ସେହି ମାଂସ ସକାଳୁ ରନ୍ଧାଯାଏ । ଆଜି ରାତି ବାରଟା ପରେ ଯେତେବେଳେ ବଳି ଦିଆଯିବ ଆପଣ ସେତେବେଳେ ଦେଖିବେ ସେ ।"

ମହେନ୍ଦ୍ର ବାବୁ ତା କଥା ଶୁଣି ବଡ଼ ଶଙ୍କିଯାଇ କହିଲେ—"ମୋତେ କ୍ଷମା କରିବ । ମୁଁ ବଳି ପଡ଼ିବା ଦେଖି ପାରିବି ନାହିଁ ।"

ଲୋକଟି ବଡ଼ ବିସ୍ମିତ ହୋଇ କହିଲା—"ଏଁ, ଆପଣ ସାମାନ୍ୟ ଏ ବଳି ପଡ଼ିବା ଦେଖି ପାରିବେ ନାହିଁ । ଆମର ଏଠି ଯେଉଁମାନେ ଅଛନ୍ତି, ସେମାନେ ବଳି ପଡ଼ିବା ବେଳେ ନିଜ ହାତରେ ବଳି ଦେବାପାଇଁ କଳିଗୋଳ କରୁଛନ୍ତି । ମାଆଙ୍କ ଆଗରେ ନିଜ ହାତରେ ବଳି ଦେବା ସୌଭାଗ୍ୟର କଥା । ବଳି ପକାଇବାରେ ତ ଖୁବ୍ ଆନନ୍ଦ ମିଳିବ ; ଆପଣ ଆଜିଠାରୁ ମୋର ବଡ଼ସାଙ୍ଗ ହୋଇ ଗଲେଣି ବୋଲି ମୁଁ ଆପଣଙ୍କୁ ଚେତେଇ ଦେଉଛି । ଏ ବୋଦା ବଳି ପଡ଼ିବାଟା ସାମାନ୍ୟ କଥା, ଆହୁରି ଅନେକ ବଡ଼ କଥା ଅଛି । ଆପଣ ପରେ ସେ ସବୁ କଥା ଜାଣିବେ । ଆପଣ ଏତେ ଡରକୁଳା ବୋଲି ନିଜକୁ କେବେ କୌଣସି କଥାରେ ପରିଚୟ ଦେବେ ନାହିଁ । ସିଏ

Digitized by srujanika@gmail.com

ଯେତେବେଳେ ଆପଣଙ୍କୁ ଯେ କୌଣସି କାମ କରି ପାରିବ କି ନାହିଁ ବୋଲି ପଚାରିବ, ଆପଣ ନିଃସଙ୍କୋଚରେ ହସି ହସି ଉତ୍ତର ଦେବେ, ନିଶ୍ଚୟ ମୁଁ ସବୁ କରି ପାରିବି । ଇମିତ ଦିନ ଆସିବ ଆପଣଙ୍କୁ ମଧ୍ୟ ନିଜ ହାତରେ ମା'ଙ୍କ ଆଗରେ ବଳି ଦେବାକୁ ପଡ଼ିବ । ସେଥିପାଇଁ ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ପ୍ରାୟ ଆଠଦିନଯାଏ ବଳି ପଡ଼ିବା ଦେଖିଲେ ଆପେ ଆପେ ଆପଣଙ୍କର ସେ ଡର ଭୟ ଛାଡ଼ିଯିବ ।"

ମହେନ୍ଦ୍ର ବାବୁ ତାଠାରୁ ଏ ସବୁ କଥା ଶୁଣି ଶୁଣି ବଡ଼ କାତର ହୋଇ ପଡ଼ିଥିଲେ । ଲୋକଟି ତା କଥା ବନ୍ଦ କଲାକ୍ଷଣି ମହେନ୍ଦ୍ର ବାବୁ ଟିକିଏ ଦୀର୍ଘନିଶ୍ୱାସ ପକାଇ ପଚାରିଲେ—"ମୁଁ ନିଜ ହାତରେ ବଳି ନ ପକାଇଲେ କଣ ହେବ ନାହିଁ ? ମୋତେ ଆଉ ଯେଉଁ କାମ କରିବାକୁ କହିବ ମୁଁ କରିବି । ଲୋକଟି କହିଲା—"ମୋ ଆଗରେ ଏପରି କହିଲେ ବୋଲି ଆଉ କାହା ଆଗରେ ସେମିତି କହିବେ ନାହିଁ । ଯେଉଁମାନେ ଏ ସବୁ କାମକୁ ଡରନ୍ତି, ସେମାନଙ୍କର ଏଠି ସ୍ଥାନ ନାହିଁ । ଆପଣ ନୂଆ ଆସିଛନ୍ତି, କିଛି ଦେଖି ନାହାନ୍ତି, ସେଥିପାଇଁ ସବୁ କଥାକୁ ଡର ଲାଗୁଛି, ସେ ଭୟ କ୍ରମେ ଛାଡ଼ିଯିବ ଯେ ।"

ଲୋକଟିକୁ ଆସ୍ତେ ଆସ୍ତେ ନିଶା ଧରି ଆସୁଥିଲା । ମହେନ୍ଦ୍ର ବାବୁ ପୁନର୍ବାର ତାକୁ କହିଲେ,—"ପ୍ରଥମରୁ ତୁମେହିଁ ମୋର ଭରସା ହୋଇଛ । ଯେଉଁମାନେ ଡରନ୍ତି ସେମାନଙ୍କୁ କିପରି ବଳି ଦିଆଯାଏ, ତାହା ମୁଁ ଆଗରୁ ମାଳତୀଠାରୁ ଶୁଣିଛି । ତୁମେ ମୋତେ ସବୁ ବତାଇ ଦେବ, ମୁଁ ତ କିଛି ଜାଣି ନାହିଁ ।"

ଲୋକଟି ଟିକିଏ ହସି ଦେଇ କହିଲା—"ମାଳତୀକୁ ସ୍ୱାମୀ ବାବାଙ୍କର ଯେତେ ମାଈକିନିଆ ଶିଷ୍ୟ ଏଠି ଅଛନ୍ତି ସମସ୍ତଙ୍କ ଅପେକ୍ଷା

Digitized by srujanika@gmail.com

ବେଶୀ ବିଶ୍ୱାସ, ସେ ତାକୁ ଖୁବ୍ ଭଲ ପାଆନ୍ତି । ସ୍ୱାମୀ ବାବାଙ୍କ ଅସଲ କାମରେ ସେ ଖୁବ୍ ସାହାଯ୍ୟ କରେ, ସେଥିପାଇଁ ସ୍ୱାମୀବାବା ତାକୁ ପ୍ରାୟ ସବୁବେଳେ ମନେ ପକାନ୍ତି, ଆପଣଙ୍କର ମାଳତୀ ଆଉ ଅଳ୍ପଦିନ ପରେ ଫେରି ଆସିବ ଯେ ।”

ମହେନ୍ଦ୍ର ବାବୁ କହିଲେ—“ମାଳତୀ ତ ସେଇକଥା ମୋତେ କହିଛି । ଆଉ ଅଳ୍ପଦିନ ପରେ ତାର କାମ ଶେଷ କରି ଫେରି ଆସିବ ।” ଲୋକଟି ଟିକିଏ ଖୁସି ମନରେ ପଚାରିଲା—“କେଉଁ କାମ ଶେଷ କରି ଫେରି ଆସିବ, ଆପଣ ସେ କଥା ଜାଣନ୍ତି ?” ମହେନ୍ଦ୍ର ବାବୁ କହିଲେ,—“ନା, ମୁଁ ସେ କଥା ଜାଣି ନାହିଁ । ମୁଁ ବି ତାକୁ ସେ ବିଷୟରେ କିଛି ପଚାରି ନାହିଁ ।” ଲୋକଟି ମୃଦୁ ହସି କହିଲା— “ସେକଥା ଆପଣଙ୍କୁ ସେ କେବେ କହିବ ନାହିଁ ।” ମହେନ୍ଦ୍ର ବାବୁ ବଡ଼ କୌତୁହଳୀ ହୋଇ ପଚାରିଲେ—“ସେ କି କାମ ତୁମେ କହୁନା ?” ଲୋକଟି ଜିଭ କାମୁଡ଼ି ପକାଇ କହିଲା—“ଆପଣ କ୍ଷମା କରିବେ । ସେ କଥା ଆଜି ମୁଁ ଆପଣଙ୍କୁ କହି ପାରିବି ନାହିଁ ।” ମହେନ୍ଦ୍ର ବାବୁଙ୍କ ମନ ଅଜଣା ଭୟରେ ଥରି ଉଠିଲା ।

କିଛିକ୍ଷଣ ପରେ ସେହି ଲୋକଟି ପୁନର୍ବାର ବାକିଥିବା ମଦତକ ଶେଷ କରିବାକୁ ଲାଗିଲା । ଖାଲି ବୋତଲଟାକୁ ଖଟ ତଳକୁ ରଖିଦେଇ ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ କହିଲା—“ବେଶ୍, ଆପଣ ଖୁବ୍ ଭଲ ଲୋକ । ଆପଣଙ୍କ ପରି ନୂଆ ଆସିଥିବା କେତେ ଲୋକଙ୍କୁ ମୁଁ ଜାଣିଛି, କିନ୍ତୁ ଆପଣଙ୍କ ପରି କେବେ କାହାକୁ ଦେଖିନାହିଁ । ଆପଣ ଅତି ବିଶ୍ୱାସୀ ଲୋକ ହୋଇ ନ ଥିଲେ ମୁଁ କେବେ ଆଜି ମଦତକ ପିଇ ନ ଥାନ୍ତି । ଆପଣଙ୍କୁ ଯଦି କିଏ କିଛି ପଚାରିବ ଆପଣ କହିବେ—ଆମେ ଦି’ହେଁ ଏ ମଦତକ ପିଇ ଦେଇଛୁ । ଏହା କହିଲେ ସମସ୍ତେ ଭାରି ଖୁସି ହେବେ ।”

Digitized by srujanika@gmail.com

ମହେନ୍ଦ୍ର ବାବୁ ବଡ଼ ଖୁସି ହୋଇ କହିଲେ—"ଭଲକଥା, ମୁଁ ସେଇଆ କରିବ ।"

ଲୋକଟି କିଛିକ୍ଷଣ ପରେ ଭଳି ଭଳି ବଡ଼ ଖୁସି ମନରେ କହିଲା—"ବାବୁ, ଆପଣତ ସବୁ କଥାକୁ ଭାରି ଡରୁଛନ୍ତି, ଆଜି ରାତି ବାରଟା ପରେ ଯେତେବେଳେ ଆପଣଙ୍କ ପାଖକୁ ଖୁବ୍ ସୁନ୍ଦରୀ ମାଈକିନା ଝିଅ ଦି' ତିନି ଜଣ ଆସିବେ, ସେତେବେଳେ ସେମାନଙ୍କୁ ଦେଖି ଡରିଯିବେ ନାହିଁତ ?" ଲୋକଟା ଏ କଥା କହି ଆପେ ଆପେ ହସିବାକୁ ଲାଗିଲା ।

ମହେନ୍ଦ୍ର ବାବୁ ବଡ଼ ବିସ୍ମିତ ହୋଇ ତା ହାତକୁ ଧରି ପକାଇ ବଡ଼ ଆଗ୍ରହରେ ପଚାରିଲେ—"ଏଁ, ମାଈକିନା ଝିଅ, କାହିଁ ? କାଲିଠୁଁ ତ ମୁଁ ବୋଟାଏ ସୁଦ୍ଧା କେଉଁଠି ଦେଖି ନାହିଁ । ସେମାନେ କ'ଣ ଏହାର ଭିତରେ ସବୁ ଅଛନ୍ତି ?"

ଲୋକଟି ବଡ଼ ଖୁସି ମନରେ କହିବାକୁ ଲାଗିଲା, ଆପଣ ଏକା-ବେଳକେ ନୂଆ ଲୋକ, ଆପଣ ଏ ପର୍ଯ୍ୟନ୍ତ କିଛି ଜାଣି ନାହାନ୍ତି କି କିଛି ଦେଖି ବି ନାହାନ୍ତି । ଏଠିତ ପ୍ରାୟ ୨୦ ଜଣ ମାଈକିନା ଝିଅ ଅଛନ୍ତି । ତା ଛଡ଼ା ଖୋଦ ସ୍ୱାମୀ ବାବାଙ୍କ ପାଖରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ଦେଖିଲେ ଆପଣଙ୍କ ଆଖି ଝଲସି ଯିବ । ଦୁନିଆରେ ଏତେ ସୁଖ ଶାନ୍ତିରେ କିଏ ଅଛନ୍ତି ବୋଲିତ ମୋର ଧାରଣା ନାହିଁ ।

ମହେନ୍ଦ୍ର ବାବୁ ତା' କଥାରେ ଆଗ୍ରହ ଦେଖାଇ କହିଲେ—"ମୁଁ ସବୁ କଥାକୁ ଡରିବା ଲୋକ ନୁହେଁ ।"

ଲୋକଟି ହସିଦେଇ କହିଲା—"ବେଶ୍, ବେଶ୍, ଆଜି ରାତି ଦୁଇଟା ପରେ ...... ।"

Digitized by srujanika@gmail.com

ହଠାତ୍ ବାହାର ଝର୍କାରେ ଖଟ୍ ଖଟ୍ ହେଲା । ଲୋକଟି ଟିକଏ କାନପାରି କହିଲା—"ଆପଣ ଶୁଣନ୍ତୁ, ଆଉ ଅଧଘଣ୍ଟା ପରେ ମା'ଙ୍କ ଧୂପ ବଢ଼ିବ, ଆପଣ ଖାଇବାକୁ ଯିବାକୁ ମୁଁ ପୁଣି ଡାକ ଆସିବ । ସେ ଆଉ ମୁହୂର୍ତ୍ତେ ବିଳମ୍ବ ନ କରି ବାହାରୁ ଝର୍କାର ଦେଇ ଚାଲିଗଲା ।

ମହେନ୍ଦ୍ର ବାବୁ ସେମିତି ବିଛଣାରେ ପଡ଼ି ରହି ଏହି ଭୀଷଣ ଡକାୟତ ଦଳଙ୍କ ଭିତରେ କେତେ କଣ ଭାବିବାକୁ ଲାଗିଲେ । ପ୍ରାୟ ଅନେକ ସମୟ ପରେ ସେ ଲୋକଟି ପୁନର୍ବାର ସେ ଘର ଭିତରକୁ ଆସିଲା । ମହେନ୍ଦ୍ର ବାବୁଙ୍କୁ ସେତେବେଳକୁ ଟିକଏ ନିଦ ଲାଗିଯାଇ ଥାଏ । ଲୋକଟି ଆସ୍ତେ ତାଙ୍କ ପାଖରେ ବସି ତାଙ୍କ ପିଠିରେ ହାତ ମାରି ଧୀରେ ଧୀରେ ଡାକିଲା,—"ବାବୁ ! ବାବୁ ! ଉଠନ୍ତୁ ଧୂପ ବଢ଼ିଲାଣି । ଅନ୍ୟମାନେ ଅପେକ୍ଷା କରିଛନ୍ତି ।"

ମହେନ୍ଦ୍ର ବାବୁଙ୍କ ନିଦ ଚହଁକିନା ଭାଙ୍ଗିଗଲା । ସେ ଉଠି ବସି କହିଲେ—"ଏତେ ତୁମେ ଡେରି କଲନା ? ମୁଁ ଅନେକ ସମୟ ଚାହିଁ ଚାହିଁ ଏଇ ଅଳ୍ପ ସମୟ ହେଲା ମୋତେ ଟିକଏ ନିଦ ଆସି ଯାଇଥିଲା ।" ଲୋକଟି କହିଲା—"ସବୁ ଦିନ ଅପେକ୍ଷା ମା'ଙ୍କ ଧୂପ ହେବାରେ ଆଜ ଟିକଏ ଡେରି ହୋଇଛି । ଆପଣଙ୍କୁ ବୋଧହୁଏ ଖୁବ୍ ଭୋକ କଲାଣି, ଆସନ୍ତୁ ।" ମହେନ୍ଦ୍ର ବାବୁ ଆଉ ଡେରି ନ କରି ତା ସଙ୍ଗେ ସଙ୍ଗେ ଗଲେ ।

× × × ×

ସେହି ଦିନ ରାତି । ସମୟ ପ୍ରାୟ ଗୋଟାଏ ହେବ । ଚାରି ଆଡ଼ ନିଶବ୍ଦ । କଣା ସାଇଁ ସାଇଁ ଗର୍ଜୁଛି । ବେଳେ ବେଳେ ସେହି ପାହାଡ଼ ଜଙ୍ଗଲ ଭିତରୁ କେତେବେଳେ ବଲୁଆ ବା ହେଟାର କୁହାଟ ସାହା ଶୁଭୁଛି ସେତିକି । କିନ୍ତୁ ସେହି ମଠ ଭିତରେ ଗହଳ ଚହଳ ଖୁବ୍ ଲାଗିଛି ।

Digitized by srujanika@gmail.com

ସେଦିନ ରାତି ବାରଟା । ମହେନ୍ଦ୍ର ବାବୁଙ୍କ ପାଖେ ପାଖେ ଯେଉଁ ଲୋକଟି ଦିନ ରାତି ପ୍ରାୟ ବରାବର ରହୁଛି, ସେ ଲୋକଟି ନା ପଚାରି ବୁଝି ନେଇଥିଲେ ଯେ, ତା' ନା ହେଉଛି ଦଳାଇ । ମହେନ୍ଦ୍ର ବାବୁ ବିଛଣାରେ ଚଡ଼ ଗଡ଼ ପଡ଼ ହେଉଥାନ୍ତି । ତାଙ୍କ ମନକୁ କେତେ ଆଉ କେତେ କଥା ଆସି ଆଖିକୁ ଜମାରୁ ନିଦ ଆସୁ ନ ଥାଏ । ହଠାତ୍ ଦଳାଇ ସେ ଘରକୁ ପଶି ଯାଇ କହିଲା—"ଆସନ୍ତୁ, ମା'ଙ୍କ ପୂଜା ଦେଖିବେ ପରା !"

ମହେନ୍ଦ୍ର ବାବୁ ଚମକି ଉଠି ବସିଲେ । ତାଙ୍କ ଛାତିଟା ଗୋଟିଏ ଅଜଣା ଆତଙ୍କରେ ଦପ୍ ଦପ୍ ହେବାକୁ ଲାଗିଲା । ନିଶାର୍ଦ୍ଧ ରାତି, ମା'ଙ୍କ ପୂଜାରେ ବଳି ହୋଇଯିବା କଥା ଆଗରୁ ଜାଣିଛନ୍ତି । ନିଜେ ଆଉ ମା'ଙ୍କ ଆଗରେ ପୂଜା ହେବେ ନାହିଁତ !

ଦଳାଇ ବଡ଼ ଚର ଚର ହୋଇ ହସି ଖୁସି ହୋଇ କହିଲା— "କ'ଣ ଭାବୁଛନ୍ତି ? ଚାଲନ୍ତୁ ଆସନ୍ତୁ । ସୁନ୍ଦର ସୁନ୍ଦର ଯୁବତୀମାନଙ୍କୁ ଦେଖିଲେ ଆପଣଙ୍କ ଆଖି ଝଲସି ଯିବ ।" ମୁଁ ତା କଥାବାର୍ତ୍ତା । ତାଙ୍କ ତାଙ୍କରୁ ବୁଝି ପାରୁଥିଲି ଲୋକଟା ଖୁବ୍ ମଦ ଖାଇଛି, କିନ୍ତୁ ବାହାରେ କଥାବାର୍ତ୍ତା କରିବାରେ ସବୁ ଠିକ୍ ଅଛି ।

ମହେନ୍ଦ୍ର ବାବୁ ଭଗବାନଙ୍କୁ ଡାକି ଖଟ ଉପରୁ ଓହ୍ଲାଇ ତା ପଛେ ପଛେ ଚାଲିଲେ ।

ଖଡ଼ଗଧାରିଣୀ ମା' କାଳୀ ମୂର୍ତ୍ତି । ତାଙ୍କ ଆଗରେ ପ୍ରାୟ କୋଡ଼ିଏ ଜଣ ସଙ୍ଗିନ ବିଶାଳକାୟ ଲୋକ ସମାବେଶ । ତା ଛଡ଼ା ବାଁ ପାଖକୁ ପ୍ରାୟ ନଅ ଦଶ ଜଣ ଦେବ ଯୁବତୀ ଠିଆ ହୋଇଛନ୍ତି । ମା'ଙ୍କ ଆଗରେ ଅର୍ଗଳି ପାଖରେ ଦୁଇଟି ବୋଦା ବନ୍ଧା ହୋଇଛନ୍ତି । ସେହି ଦୁଇଟି ବଳି ପଡ଼ିବେ ।

Digitized by srujanika@gmail.com

ମହେନ୍ଦ୍ର ବାବୁ ପହଞ୍ଚିବା ସଙ୍ଗେ ସଙ୍ଗେ ଦଲାଇ କଥାରେ ସମସ୍ତେ ବଡ଼ ଆଗ୍ରହରେ ଆଡ଼େଇ ଗଲେ । ଦଲାଇ ମହେନ୍ଦ୍ରବାବୁଙ୍କୁ ମା'ଙ୍କ ଡାହାଣ ପାଖରେ ନେଇ ଠିଆ କରାଇ ଦେଲା । ମହେନ୍ଦ୍ର ବାବୁ ଚାରିଆଡ଼କୁ ଥରେ ଅନାଇଁ, ଆଗକୁ ଅନାଇଲେ । ପ୍ରାୟ ସବୁ ଯୁବତୀଗୁଡ଼ିକ ତାଙ୍କରି ଆଡ଼କୁ କିଏ ମୁହଁରେ ଲୁଗା ଦେଇ—କିଏ ବା ଦୁଷ୍ଟାମୀ ଚାହାଣୀରେ ଚାହିଁ ହସୁଛନ୍ତି ।

ସେ ଯୁବତୀଗୁଡ଼ିଙ୍କୁ ଦେଖି ମୁହୂର୍ତ୍ତିକ ପାଇଁ ମହେନ୍ଦ୍ର ବାବୁଙ୍କର ପ୍ରାଣଧନ ବାବୁଙ୍କ ଝିଅ ଉର୍ମିଳା, ଯାହାକୁ ମାଳତୀ ଆଣି ଏଠାରେ ରଖାଇଛି, ତା' କଥା ମନେ ପଡ଼ିଗଲା । ସେ ତା ଭିତରେ ଉର୍ମିଳା କିଏ ବୋଲି ଥରେ ଆଖି ବୁଲାଇ ଆଣିଲେ କିନ୍ତୁ ଚାରି ଫଟରେ ଦେଖିଥିବା ଚେହେରା ସହିତ କାହାରି ଚେହେରା ଖାପ ଖାଇଲା ନାହିଁ । ତେବେ ଉର୍ମିଳା କେଉଁଠି ! ଯାହାର ସନ୍ଧାନ ନେବାକୁ ସେ ଏକାପ୍ରକାର ମରଣକୁ ବରଣ କରିଛନ୍ତି, ସେ କାହିଁ ? ଏଇଠି ବଳି ପଡ଼ି ନାହିଁତ !

ତାଙ୍କର ଭାବନାକୁ ଭାଙ୍ଗି ତାଙ୍କରି ଆଗ ପରିଚିତ ପୂଜକ ଜଣକ ଗୋଟାଏ ବଡ଼ ତମ୍ବା ପାତ୍ରରେ ମଦ ଆଣି ମା'ଙ୍କ ଆଗରେ ରଖିଲା । ତା' ପରେ ମନ୍ତ୍ର ପାଠ କରି ବେଲପତ୍ର ସେ ପାତ୍ର ଦେହରେ ପକାଇ ଦୁଇଟି ମନ୍ଦାରଫୁଲ ପାଖରେ ବନ୍ଧା ହୋଇଥିବା ବୋଦା ଦୁଇଟିଙ୍କ ଉପରେ ରଖିଦେଲା ।

ତା' ପରେ ସେଠି ଠିଆ ହୋଇଥିବା ସବୁ ପୁରୁଷଙ୍କ ମଧ୍ୟରେ ଗୋଳମାଳ ଆରମ୍ଭ ହୋଇଗଲା । ଗୋଳମାଳର ପ୍ରଧାନ କାରଣ, ବୋଦ ଦୁଇଟିଙ୍କୁ ବଳି ପକାଇବା ପାଇଁ ନିଜ ଭିତରେ ଠେଲା ଓଟେରା । ସେମାନଙ୍କ ଗୋଳମାଳ ଭିତରେ ଦଲାଇ ହାତ ହଲାଇ କହିଲା— "ସମସ୍ତେ ଚୁପ୍ ହୁଅ । ଏ ବାବୁ ନୂଆ ହୋଇ ଆସିଛନ୍ତି, ସେ ପକାଇବେ ।" ସମସ୍ତେ ଚୁପ୍ ହୋଇ ମହେନ୍ଦ୍ର ବାବୁଙ୍କ ଆଡ଼କୁ ଚାହିଁ ରହିଲେ ।

Digitized by srujanika@gmail.com

ଧଳାଇ ଏ କଥା କହୁଥିଲା ବେଳଠୁଁ ମହେନ୍ଦ୍ର ବାବୁଙ୍କ ଗୋଡ଼ ଥରୁଥିଲା । କଲିଜାଟା ଏତେ ଜୋର୍‌ରେ ପଡ଼ୁଥିଲା ଉଠୁଥିଲା ଯେପରି କି ଯେକୌଣସି ମୁହୂର୍ତ୍ତରେ ହଠାତ୍ ବନ୍ଦ ହୋଇଯିବ । ମହେନ୍ଦ୍ର ବାବୁ ନର୍ବାକ ହୋଇ ଠିଆ ହୋଇଥାନ୍ତି । ସମସ୍ତଙ୍କ ଆଖି ତାଙ୍କର ଉପରେ ନ୍ୟସ୍ତ ।

ବୃଦ୍ଧ ପୂଜକ ଜଣକ ପଛକୁ ଅନାଇଁ ମୁରୁକି ହସି କହିଲେ—"ତମେ ଆଜି ପାରିବ ? ଆଉ ଡେରି କାହିଁକି ? କାମ ଶେଷ କର ।"

ମହେନ୍ଦ୍ର ବାବୁ ବଡ଼ ନରମ ଗଳାରେ କହିଲେ—"ଆଜ୍ଞା, ମା'ଙ୍କ ପାଇଁ ସ୍ୱାମୀ ବାବାଙ୍କର ଆଦେଶ ପାଇଲେ ମୁଁ ସବୁ କିଛି କରି ପାରିବି । ଆଜି ଏ ସବୁ ମୋ ପକ୍ଷରେ ନୂଆ, ଏ ସବୁ ମୁଁ କେବେ ଦେଖି ନାହିଁ । ଆପଣ ଆଦେଶ କଲେ ଅନ୍ୟମାନେ ଆଜି ମା'ଙ୍କ କାର୍ଯ୍ୟସମ୍ପନ୍ନ କରନ୍ତୁ । ମୁଁ ଥରେ ଦୁଇ ଥର ଦେଖିଲେ ନିର୍ବିଘ୍ନରେ ସବୁ କରିବି ।"

ବୃଦ୍ଧ ପୂଜକ କ୍ଷଣକ ମୁହୂର୍ତ୍ତେ କଣ ଭାବିଲେ କେଜାଣି, କହିଲେ—"ବେଶ୍, ତମେ ପ୍ରତିଦିନ ଆସି ଏ ସବୁ ଦେଖ । ତମର ସାହସ ହୋଇଯିବ ଯେ ।"

ତା'ପରେ ସେହି ପୂଜକଙ୍କ ଆଦେଶରେ ଗୋଟିଏ ପରେ ଗୋଟିଏ ବୋଦା ମା'ଙ୍କ ପାଦ ତଳେ ବଳି ଦିଆଗଲା । ଦୁଇଟିଯାକ ବୋଦାର ଚଣ୍ଡିର ଛଟପଟ, ଚିତ୍କାର ମାଟିଲୋ ଲାଲ ରକ୍ତ ଦେଖି ମହେନ୍ଦ୍ର ବାବୁଙ୍କ ଆଖି ବୁଜି ହୋଇଗଲା, ତାଙ୍କ ମୁଣ୍ଡ ଘୂରିବାକୁ ଲାଗିଲା, ଯେତେ ଯେପରି ସେ ସେଇଠି କରୁଡ଼ ହୋଇ ପଡ଼ିବେ । କିନ୍ତୁ ତାର ଭିତରେ ସେ ଖାମଖେୟାଲିଙ୍କ ଭଳି ଅନ୍ୟମାନଙ୍କୁ ଅନାଇଁ ବୁଝି ନେଇ ଥିଲେ ଯେ, ତାଙ୍କ ଛଡ଼ା ଅନ୍ୟ କାହାରି ମନରେ ତିଳେମାତ୍ର କଷ୍ଟ ନାହିଁ, ସମସ୍ତଙ୍କ ମୁହଁରେ ଉଚ୍ଛୁଳା ଆନନ୍ଦ ।

Digitized by srujanika@gmail.com

ବଳି ପଡ଼ିବା ସଙ୍ଗେ ସଙ୍ଗେ ଗୋଟିଏ ତମ୍ବା ପାତ୍ରରେ ରକ୍ତ ସଡ଼ ସଡ଼ ମୁଣ୍ଡ ଦୁଇଟିକୁ ରଖି ମା'ଙ୍କ ଆଗରେ ଭୋଗ ଲଗାଗଲା ।

ତା' ପରେ ସମସ୍ତେ ମା'ଙ୍କ ଚରଣ ତଳେ ମୁଣ୍ଡ ଲଗାଇ ସେଠୁ ଅନ୍ତର ହୋଇ ଗଲେ । ମହେନ୍ଦ୍ର ବାବୁ ବାହାରକୁ ଆସିବା ସଙ୍ଗେ ସଙ୍ଗେ ସେହି ଦଳାଇ ତାଙ୍କ ପାଖେ ପାଖେ ଥାଇ କହିଲା—"ଆଉ ଶୋଇବା ଘରକୁ ଯିବେ କାହିଁକି ? ଏବେକ୍ଷଣିତ ପଙ୍ଗତ ଲାଗିବ । ଆପଣ ତ ଆଜି ଏ ସାମାନ୍ୟ ବଳି ପଡ଼ିବା ଦେଖିଲେ, ଆଉ ଅଳ୍ପ ଦିନ ରହିଲେ, ସେ ଦିନ କିନ୍ତୁ ଏ ବଳି ପଡ଼ିବ ନାହିଁ । ଦଳାଇ ମୁରୁକି ହସି ନୀରବ ହୋଇ ରହିଲା ।"

'ସେ ବଳି କଣ' ମହେନ୍ଦ୍ର ବାବୁ ବେଶ୍ ବୁଝି ନେଇଥିଲେ ।

ପଙ୍ଗତ ବସିଲା । ମହେନ୍ଦ୍ର ବାବୁ ଦଳାଇ ସାଙ୍ଗରେ ତାଙ୍କ ଶୋଇବା ଘରକୁ ଫେରିଆସି କହିଲେ—"ଏଇଠି ଶୋଇବ, ନା ଅନ୍ୟ କେଉଁଠିକୁ ଆଜି ଯିବ ?" ଦଳାଇ ତାଙ୍କ ମୁହଁକୁ ଦଣ୍ଡେ ଅନାଇଁ ହସ ହସ ମୁହଁରେ ଉତ୍ତର ଦେଲା—"ମୁଁ ଏଠି ଆଜି ଶୋଇଲେ ସବୁ ବିଗିଡ଼ି ଯିବ । ଅଳ୍ପ ଘଣ୍ଟାକ ପୂର୍ବରୁ ଯେଉଁ ସବୁ ଯୁବତୀ ଆପଣ ଦେଖିଲେ, ତାଙ୍କର ମଧ୍ୟରୁ ଜଣେ ଦୁଇଜଣ ପରା ଏଇକ୍ଷଣି ଏଠିକୁ ଆସିବେ । ମୁଁ ରହିବା କମିତ ?"

ମହେନ୍ଦ୍ର ବାବୁ ଟିକିଏ ହସି ଉତ୍ତର ଦେଲେ, – "ରହିଲେ କ୍ଷତି କଣ ? ନା, କଥାବାର୍ତ୍ତାରେ ବାଧା ପଡ଼ିବ ।"

ତା' ପରେ ମହେନ୍ଦ୍ର ବାବୁ କହିଲେ —"ତମେ ଏତେ ତର ତର ହେଉଛ କାହିଁକି ? ଆଉ ତ ପ୍ରାୟ କୋଡ଼ିଏ ମିନଟ୍ ଡେରି ଅଛି, ବସ ।"

Digitized by srujanika@gmail.com

ଦଲାଲ ବସି ମହେନ୍ଦ୍ରବାବୁଙ୍କ ଆଡ଼େ ଅନାଇ ପଚାରିଲା —
"ଆପଣ ଯେଉଁମାନଙ୍କୁ ଆଜି ଦେଖିଲେ, ସେମାନେ କ'ଣ ଅସୁନ୍ଦର ? ଆପଣଙ୍କ ମନକୁ କେମିତି ପାଇଲା ?"

ମହେନ୍ଦ୍ର ବାବୁ ତା' କଥାରେ ଆଗ୍ରହ ଦେଖାଇ କହିଲେ—
"ବାସ୍ତବିକ ସେମାନେ ଭାରି ସୁନ୍ଦରୀ ! କିନ୍ତୁ ମାଳତୀ ଯେଉଁ ଝିଅଟିକୁ ଆଣି ଏଠି ରଖାଇଛି ବୋଲି କହୁଥିଲା ସେ କାହିଁ ମୋତେ ତ ଦେଖାଇ ଦେଲନାହିଁ ? ତା' ନା' ବୋଧହୁଏ ଉର୍ମିଳା ହେବ ।"

ଦଲାଲ ମୁରୁକି ହସି କହିଲା—"ସେଇ ଉର୍ମିଳା କ'ଣ ଆପଣଙ୍କର ଦରକାର ? ସେ କିନ୍ତୁ ଏଠି ନାହିଁ, ଖୋଦ ସ୍ୱାମୀ ବାବାଙ୍କ ପାଖକୁ ଚାଲି ଗଲାଣି । ଆପଣ ସବୁକଥା ଜାଣିବାକୁ ଏତେ ତର ତର ହେଉଛନ୍ତି କାହିଁକି ? ଆଉ ଅଳ୍ପଦିନ ପରେ ଆପଣ ସେହି ଉର୍ମିଳା ସଙ୍ଗରେ ଆହୁରି ଅନେକ ସୁନ୍ଦରୀ ଯୁବତୀମାନଙ୍କୁ ଦେଖିବେ ଯେ ।"

ଦୁଆର ଏ ପାଖରେ କାହାର ପଦର ରୁଣୁଝୁଣୁ ଶବ୍ଦ ଶୁଣାଗଲା, ଦଲାଲ ମୁହଁରେ ଫୁଟି ଉଠିଲା ଉଚ୍ଛୁଳା ଆନନ୍ଦ । ସେ ହସି ହସି କହିଲା—"ଆପଣଙ୍କର ଆସିଗଲେ, ମୁଁ ଯାଉଛି ।"

ଦଲାଲ ବାହାରକୁ ବାହାରି ଆସି ସେହି ଯୁବତୀଟି ସହିତ ମୁହୂର୍ତ୍ତେ କଣ ଟିପ୍ ଟିପୁ କଥାବାର୍ତ୍ତା ହୋଇ ନେଇ ଚାଲିଗଲା ।

ଯୁବତୀଟି ଆସ୍ତେ ଆସ୍ତେ ମୁରୁକି ହସି ହସି ମହେନ୍ଦ୍ର ବାବୁଙ୍କ ଖଟ ପାଖରେ ଯାଇଁ ଠିଆ ହେଲା ।

ଯୁବତୀର ବୟସ ଅତି ବେଶୀ ହେଲେ ୧୯ ରୁ ବେଶୀ ହେବ ନାହିଁ । ସୁନ୍ଦର ଚେହେରା, ଢଳ ଢଳ ଯୌବନ ।

Digitized by srujanika@gmail.com

ମହେନ୍ଦ୍ର ବାବୁ ତାଙ୍କୁ ଦେଖିଲା ସଙ୍ଗେ ସଙ୍ଗେ ତାଙ୍କର ତରୁଣ ମନ ସେଇ ଆଡ଼କୁ ଟଳି ପଡ଼ିଲା । ଆଉ ବେଶୀ ସମୟ ତା' ସଙ୍ଗରେ କଥା ନ କହି ରହି ପାରିଲେ ନାହିଁ । ମହେନ୍ଦ୍ର ବାବୁ ଶୋଇଥିବା ଅବସ୍ଥାରୁ ଉଠି ବସି, ମୃଦୁକ ହସି ଯୁବତୀଟିର ହାତ ଧରି କହିଲେ—"ଠିଆହେଲ କାହିଁକି ? ଖଟ ଉପରେ ଆସି ବସ ।" ଯୁବତୀ ଲାଜ ଲାଜ ହୋଇ ତାଙ୍କର ପାଖରେ ବସିଲା ।

ମହେନ୍ଦ୍ର ବାବୁ ଅଉ କିଛି କଥା ପଚାରିବାର ଆଗରୁ ଭାବିଲେ ଆହା, ଏଡ଼େ ସୁନ୍ଦରଯୁବତୀ ଗୁଡ଼ିକୁ ଆଣି କିଏ ଏ ନର୍କ ଭିତରେ ଛାଡ଼ିଲା ! ଏମାନେ ସବୁ ନିଶ୍ଚିତ ଭଲଲୋକ ଘରର ଝିଅ ବୋହୂ ହୁଅନ୍ତି । ଉର୍ମିଳାକୁ ଯେଉଁଭଳି ଭାବରେ ଏଠିକି ଅଣା ଯାଇଛି, ଏମାନେ ବୋଧହୁଏ ଠିକ୍ ସେହିଭଳି ଆସିଛନ୍ତି । ଏମାନେ ଏଠି ରହି ରହି ନିଜର ଆଗର ସ୍ୱଭାବ ଓ ଚରିତ୍ରକୁ ଭୁଲି ଗଲେଣି । ବର୍ତ୍ତମାନ ଏମାନେ ଏ ଡକାୟତ ଦଳରେ ଯୋଗ ଦେବାକୁ ଆସୁଥିବା ନୂଆ ଲୋକମାନଙ୍କୁ ଭୁଲାଇବାର ପ୍ରଧାନ ଅସ୍ତ୍ର ହୋଇଅଛନ୍ତି ।

ଯୁବତୀଟି ସେମିତି ତାଙ୍କରି ଆଡ଼କୁ କଣେଇ ଚାହିଁ ରହିଥାଏ । ମହେନ୍ଦ୍ରବାବୁ ତା' ପିଠିରେ ବାଁ ହାତଟି ପକାଇ ଡାହାଣ ହାତରେ ତାର ସୁନ୍ଦର ମୁହଁଟିକୁ ତାଙ୍କ ଆଡ଼କୁ ବୁଲାଇ ଆଣି କହିଲେ—"ମୋର ଆଜି ବଡ଼ ଭାଗ୍ୟ, ମୋର ଆଖି ତମକୁ ଦେଖି ପବିତ୍ର ହୋଇଛି । ମୁଁ କଟକରେ ରହି ରହି କେତେ ଝିଅ ବୋହୂଙ୍କୁ ଦେଖିଛି; କିନ୍ତୁ ତୁମଭଳି ସୁନ୍ଦରୀ ମୁଁ କେଉଁଠି ଦେଖି ନାହିଁ ।" ତୁମ ନାଁ କଣ ?

ଯୁବତୀଟି ନିଜର ରୂପର ପ୍ରଶଂସାରେ କ୍ଷଣିକ ଭିତରେ ଆତ୍ମହରା ହୋଇ ଯାଇଥିଲା । ତାଙ୍କ ଆଡ଼କୁ ନିଜର ମୁହଁଟିକୁ ଆହୁରି ଟିକିଏ ଟାଣିଆଣି ଟେହିକି ଟେହିକି କହିଲା—"ମିଛରେ ଆପଣ

Digitized by srujanika@gmail.com

ମୋ ତ ପ୍ରଶଂସା କରୁଛନ୍ତି । ମୋ ଅପେକ୍ଷା ଆହୁରି ସୁନ୍ଦରୀ ଅଛନ୍ତି । ସେମାନଙ୍କୁ ଦେଖିଲେ, ମୋତେ ଅନାଇଁବାକୁ କ'ଣ ଆପଣଙ୍କର ଆଉ ଇଚ୍ଛା ହେବ ?"

ମହେନ୍ଦ୍ରବାବୁ ବାଁ ହାତରେ ତାକୁ ନିଜ ଆଡ଼କୁ ଟିକିଏ ଜୋରରେ ଆଉଜାଇ ଆଣି କହିଲେ—"ନାଁ, ନା, ମୁଁ ବହୁତ ସୁନ୍ଦରୀ ଦେଖିଛି । ମୋତେ ଇମିତି କହିଦେଲେ କ'ଣ ମୁଁ ଭୁଲିଯିବି । ତୁମଭଳି ସୁନ୍ଦରୀ ଏଠି ନିଶ୍ଚୟ କେହି ନ ଥିବେ । ତମ ନାଁ କ'ଣ ତ କହିଲ ନାହିଁ ?" ଯୁବତୀଟି ଲାଜ ଲାଜ ହୋଇ ଉତ୍ତର ଦେଲା -"ମୋ ନାଁ ? ମୋ ନାମରୁ ଆପଣ କ'ଣ ପାଇବେ ? ମୋର ଘର ଅସୁନ୍ଦରିଆ ନାଁ—'କୁମୁଦ' !"

'କୁମୁଦ' ! ଠିକ୍ ନାଁ ସାଙ୍ଗକୁ ରୂପଟି ଖାପ ଖାଇଛି । ମହେନ୍ଦ୍ର ବାବୁ ନିଜ କୋଡ଼ ଆଡ଼କୁ ଆଉଜେଇ ଆଣି ତାର ସୁନ୍ଦର ଥୁଲୁ ଥୁଲୁ ଗାଲରେ ଦେଲେ ଗୋଟିଏ ଚୁମା । ଯୁବତୀର ମୁହଁଟି ସରମରେ ଲାଲ ହୋଇ ଉଠିଲା ।

ମହେନ୍ଦ୍ର ବାବୁ ତାକୁ ବଡ଼ ଆଦର କରି ପଚାରିଲେ— "କୁମୁଦ ! ତୁମେ କେବେଠୁ ଏଠିକୁ ଆସିଲଣି ? ତମ ଘର କ'ଣ ଆମର ସିଆଡ଼େ ।"

କୁମୁଦ ନରମ ଗଳାରେ କହିଲା—"ଆପଣ ନୂଆ ଲୋକ, ଏ ସବୁକଥା କହିବାକୁ ସ୍ୱାମୀବାବାଙ୍କର ମନା କିନ୍ତୁ ଆପଣଙ୍କ ଆଗରେ ମୁଁ ନ କହି ରହି ପାରୁନାହିଁ । ଆପଣଙ୍କ ଭଳି ଏତେ ଭଲ ଲୋକ ମୁଁ ଏଠିକୁ ଆସିଲା ଦିନୁ କାହାକୁ ଦେଖି ନାହିଁ । ଆମ ଘର ମେଦିନୀପୁର । ଆମର ପୁଷ୍କରେ ସମୁଦ୍ର କୂଳରେ ବସାଘର । ଆଜକୁ ପ୍ରାୟ ବର୍ଷେ ହେବ ଏଠିକୁ ମୁଁ ଆସିଲଣି ।" କୁମୁଦ ଆଉ କଣ କହି ଆସୁଥିଲା, କହି ପାରିଲା ନାହିଁ ।

ମହେନ୍ଦ୍ରବାବୁ ପଚାରିଲେ—"ମୋତେ ଯିଏ ଏଠିକୁ ଆଣିଲା, ତମକୁ ତ ସେମିତି ନିଶ୍ଚୟ କିଏ ଏଠିକି ଆଣିଥିବ ?"

Digitized by srujanika@gmail.com

କୁମୁଦ ଟିକିଏ ରହି ରହି କହିଲା—"ହଁ, ସେ ସବୁ ଅନେକ କଥା । ମୁଁ ବିବାହ ହୋଇଥିଲି ଚଉଦର ବର୍ଷରେ, ଯାହାଙ୍କ ହାତ ଧରିଥିଲି, କାହିଁକି କେଜାଣି ମୋ ଆଡ଼ୁ କିଛି ତ୍ରୁଟି ନ ହେଲେବି, ସେ ମୋତେ ବିଶେଷ ଭଲ ପାଉଥିଲେ ବୋଲି କାହିଁକି ମୁଁ ଅନୁଭବ କରିପାରୁ ନ ଥିଲି । ତାଙ୍କର ଚାକିରି କଲିକତାରେ । ବିବାହ ହେବାର ପ୍ରଥମେ ପ୍ରଥମେ ପନ୍ଦର କୋଡ଼ିଏ ଦିନ ସୁଖରେ କଟିଥିଲା—"ତା' ପରେ ସେ ତାଙ୍କ ଚାକିରି ଜାଗାକୁ ଫେରିଗଲେ । ପ୍ରାୟ ପାଞ୍ଚ ଛ' ମାସ ପରେ ଥରେ ୨ ଘରକୁ ଆସନ୍ତି, ଦିନେ କମ୍ବା ଦ'ଦିନ ରହି ପୁଣି ଫେରି ଯାଆନ୍ତି । ମୋ ମନରେ କାହିଁକି ସୁଖ ରହେ ନାହିଁ ।" ପୁଣି ମଝିରେ ଶୁଣିଲି—"ସେ କୁଆଡ଼େ କଲିକତାରେ ଅନ୍ୟ ଏକ ସ୍ତ୍ରୀକୁ ଲୁଚି ଛପାରେ ସ୍ତ୍ରୀ ରୂପେ ରଖିଛନ୍ତି…ଏ ସବୁ କଥା ଶୁଣି ତାଙ୍କ ପ୍ରତି ମୋର ଶ୍ରଦ୍ଧା କମି ଆସୁଥିଲା । ମନଟା ବିଦ୍ରୋହୀ ହୋଇ ଉଠୁଥିଲା ବାପ ମା'ଙ୍କ ପ୍ରତି । ନ ଜାଣି ନ ବୁଝି ମୋତେ ଜଣକ ସଙ୍ଗରେ ଏପରି ଛନ୍ଦି ଦେବା ପାଇଁ ମୁଁ ତାଙ୍କୁ ବାରବାର ଅଭିଶାପ ଦେଉଥିଲି । କେତେବେଳେ ମୋ ଆଖିରୁ ଲୁହ ଶୁଖୁ ନ ଥିଲା । କୁମୁଦ ଏତିକି କହି ରହିଲା ନୀରବ ।"

ମହେନ୍ଦ୍ର ବାବୁ କୁମୁଦର ପିଠି ଆଉଁସି ଦେଉ ଦେଉ କହିଲେ—"ଆହା, ତମ କଥା ଶୁଣି ବଡ଼ ଦୁଃଖ ଲାଗୁଛି । ବାଧ୍ୟ ବାଧକତାରେ ଜଣକ ସଙ୍ଗରେ ଜଣକର ଜୀବନ ଛନ୍ଦି ଦେବା ପାଇଁ, କେତେ ଯୁବତୀଙ୍କ ଆଖିରୁ ଯେ ଲୁହ ବୋହୁଛି, କେତେ ଯୁବକ ଯେ ଅଶାନ୍ତିରେ ବେଶ୍ୟାଘରେ ଦିନ କଟାଉଛନ୍ତି, ତାହା କେହି କଳନା କରି ପାରିବ ନାହିଁ ।" ସେଉଠୁ କ'ଣ ହେଲା ?

କୁମୁଦ ନରମ ଗଳାରେ କହିଲା—"ସେ ସବୁ ମଧ୍ୟ ଦିନେ ଶେଷ ହୋଇଗଲା । ଠିକ୍ ଦୁଇଟି ବରଷ ପରେ, ହଠାତ୍ ତାଙ୍କୁ ମ'ଲରିଆ ଝାଡ଼ା ଧରିଲା । ତାଙ୍କର ବାପା ମା' କେତେ ଆଡ଼ୁ କେତେ ଡାକ୍ତର

Digitized by srujanika@gmail.com

କବିରାଜ ଡାକ୍ତର ଦେଖାଇଲେ; କିନ୍ତୁ କିଛି ଫଳ ହେଲା ନାହିଁ—ଶେଷରେ ସେ ଚିରଦିନ ପାଇଁ ଆଖି ବୁଜିଲେ ।”

ମୋର ଯେଉଁ ଜୀବନଟା ଗୋଟାଏ ଖାମଖେୟାଲିଙ୍କ ଭଳି ଆଖିରୁ ଲୁହ ଗଡ଼ାଇ ଏକରକମ କଟି ଯାଉଥିଲା, ତାହା ଏଣିକି ଦୁଇଗୁଣ ବଢ଼ିଗଲା । ଭିତରେ ଭିତରେ ମୁଁ ଜଳିପୋଡ଼ି ମରୁଥିଲେହେଁ ବାହାରକୁ ଯେଉଁ ସଧବା ବୋଲି ମୋର ଗୋଟାଏ ଲୋକ ଦେଖାଣିଆ ଗର୍ବ ଥିଲା, ତାହା ବି ସେଇଦିନଠୁଁ ଉଭେଇ ଗଲା । ମୋର ଭବିଷ୍ୟତ ମୋତେ ଅନ୍ଧାର ଦିଶିଲା ।

ମୁଁ ବିଧବା ହେବା ପରେ, ମୋର ପୋଡ଼ା କପାଳ କଥା ଭାବି ମୋ ଆଖିରୁ ଲୁହ ଶୁଖିଲା ନାହିଁ, ଖାଇଲି ନାହିଁ କି ପିଇଲି ନାହିଁ । ମୋର ମା’ ବାପାଙ୍କ ସଙ୍ଗରେ ଲଗାଇ ମୋତେ ଘରକୁ ନେଇ ଆସିଲେ । ତାଙ୍କ ମନରେ ବି ମୋ ପାଇଁ କମ୍ କଷ୍ଟ ଆସି ନ ଥିଲା । କିନ୍ତୁ ଆଉ ଉପାୟ କ’ଣ ? ସେମାନେ ତାଙ୍କର ଦୁଃଖକୁ ମନ ଭିତରେ ଲୁଚାଇ ରଖି, ମୋ ମନକୁ କିପରି ଭୁଲାଇବେ, ସେଥିପାଇଁ ଖୁବ୍ ଯତ୍ନ ନେଲେ ଏବଂ ଜାଗା ପରିବର୍ତ୍ତନ କରାଇବାପାଇଁ ମୋତେ ଆମ ପୁରୀ ବସାକୁ ନେଇ ଆସିଲେ । ଆମେ ସେଇଠି ରହିଲୁ ଏକାଦିକ୍ରମେ ଦୁଇ ବରଷ ।

କୁମୁଦ କିଛି ସମୟ ତଳକୁ ମୁହଁ ପୋତି ନୀରବ ରହି ଗୋଟିଏ ଦୀର୍ଘ ନିଶ୍ୱାସ ମାରି କହିଲା—“ସେ ସବୁ କହିବା କଥା ନୁହେଁ ବାବୁ, କଞ୍ଚା ମାଂସର ଦେହ···ଯାହା କାହାରି ପକ୍ଷରେ ସହିବା ଅସମ୍ଭବ, ମୁଁ ତ ସେଥିରୁ ଆଉ ବାଦ ଯିବି ନାହିଁ । ମନରେ ପଛର ସବୁ କଥା ଭୁଲି ନୂଆ ପୁଲକ ଜାଗି ଉଠିଲା । ଘରଦ୍ୱାର ମୋତେ ବିଷମିରି ଲାଗିଲା ! ମନ ଉଡ଼ି ବୁଲିଲା ଉଡ଼ନ୍ତା ଚଢ଼େଇ ପରି···ପ୍ରାୟ ସବୁଦିନେ ଘରଟା ଭିତରେ ବସି ନ ରହି ସମୁଦ୍ରକୂଳରେ ଟିକିଏ ବୁଲିଆସେ । ସେଦିନ···

Digitized by srujanika@gmail.com

କି ବାର କି ତାରିଖ ହୋଇଥିଲା, ମୋର ଖିଆଲ ନାହିଁ । ମୁଁ ସେଦିନ ସମୁଦ୍ର ଆଡ଼େ ଅନାଇ ଅସୀମ ଭାବନାରେ ବୁଡ଼ି ରହିଥିଲି । ହଠାତ୍ ପଛରୁ କିଏ କହିଲା—"ତମ ଘର ଏଇଠି ପରା ମା' ?"

ମୁଁ ପଛକୁ ଅନାଇଁ ଦେଖିଲି, ପଚାଶ କି ଛପନ ବର୍ଷର ମାଇପି ଟିଏ, ଦେହର ଗଠନ ମନ୍ଦ ନୁହେଁ । ମନେ ମନେ ଭାବି ନେଲି, କୌଣସି ବଡ଼ଲୋକ ଘରର ଦାସୀ ହେବ ବୋଧହୁଏ । ତା' ଆଡ଼େ ଟିକିଏ ଗମ୍ଭୀର ଉତ୍ତର ଦେଲି—"ହଁ ଆମ ଘରଟା ହେଲା ସମ୍ମୁଖ,ତମ ବସା କେଉଁଠି ? ବସ ।" ସେ ବଡ଼ ଆଗ୍ରହ ପ୍ରକାଶ କରି ମୋ ପାଖରୁ ଟିକିଏ ଛାଡ଼ି ବସିଲା ।

ମୁଁ ଆଗ କରି ପଚାରିଲି—"ତମେ କ'ଣ ଏଇ ପୁରୀରେ ଥାଅ ?"

ସେ ଗୋଟିଏ ଦୀର୍ଘ ନିଶ୍ୱାସ ମାରି କହିଲା—"ହଁ, ମା, ତମ ପରି ଏ ପୋଡ଼ା କପାଳ ଯେତେବେଳେ ପୋଡ଼ିଗଲା ଆଉ କରନ୍ତି କଣ ? ଏଇଠି ସେ ମାର୍କଣ୍ଡ ସାହିରେ ଗୋଟିଏ ଉକିଲ ବାବୁଙ୍କ ଘରେ ଅଛି । କାମ ଦାମ କରି କୌଣସି ମତେ ପେଟଟା ପୋଷିବା କଥା । ଜୀବନରେ ଆଉ କେଉଁ ସୁଖ ଅଛି ସେ !"

ମୁଁ ତା କଥାରେ ସମଦୁଃଖ ପ୍ରକାଶ କରି କହିଲି—"ଯାହାର ଫଟାକପାଳ, ତାହାର କାହିଁରେ ଆଉ ସୁଖ ।"

ସେ ବଡ଼ ଦୁଃଖିତ ହୋଇ କହିଲା—"ହଁ ଲୋ ମା' । ପୋଡ଼ି ଗଲା ଜୀବନରେ ଆଉ କେଉଁ ସୁଆଦ ଥାଏ । ତମକୁ ଦେଖିଲେ କାହାର ଆଖିରୁ ଲୁହ ନ ଗଡ଼ିବ । ଏ ବୟସ, ଏ ରୂପ ନେଇ···" ସେ ଭୁନି ରହିଲା ।

କାହିଁକି କେଜାଣି ତା ଆଡ଼କୁ ମୋ ମନ ଗୋଟାଏ ଆମ୍ଭୀୟ ତାରେ ଟାଣି ହେଉଥିଲା, କହିଲି—"ତମ ଭଳି ପର ମନକୁ ଜାଣିବା

Digitized by srujanika@gmail.com

ଲୋକ ଖୁବ୍ କମ ଏ ଦୁନିଆରେ ଅଛନ୍ତି । ସେଥିପାଇଁ ଅନ୍ୟକାହାର ସଙ୍ଗରେ ପ୍ରାୟ ମୁଁ କଥାବାର୍ତ୍ତା କରେ ନାହିଁ । ବେଳେ ବେଳେ ତମେ ଏଇଠିକୁ ଆସିବ, ଏଣୁ ତେଣୁ ଗପସପ ହେବା ।" ସେ ବଡ଼ ଆଗ୍ରହ ଦେଖାଇ କହିଲା—"ନିଶ୍ଚୟ, ନିତ ଆସିବ । ତମକୁ ଦେଖିଲେ ତମ ସହିତ ଗପସପ ହେଲେ କାହିଁକି ଭାରି ଖୁସି ଲାଗୁଛି । ଆଜିଠାରୁ ମୋତେ ପର ଅପର ବୋଲି ଭାବିବ ନାହିଁ । ଦିଜଣଙ୍କର ତ ଏକା କରମ । ଭଲ ମୁହୂର୍ତ୍ତରେ ଦେଖା ହୋଇଛି, ତମର ମୁଁ ଉପକାର କରିବି ଯେ ।"

ସୂର୍ଯ୍ୟଦେବତା ପଶ୍ଚିମଦିଗକୁ ରଙ୍ଗେଇ ସମୁଦ୍ର ଭିତରେ କାହିଁ କେତେ ଦୂରରେ ବୁଡ଼ି ଯାଉଥିଲେ । ସମୁଦ୍ରକୂଳ, କେତେ ଯୁବକ ଯୁବତୀ, ବାଳକ ବାଳିକାମାନଙ୍କ କୋଳାହଳରେ ପୂର୍ଣ୍ଣ ହୋଇ ଯାଇଥିଲା । କିନ୍ତୁ ସେଥିପ୍ରତି ମୋର ଭ୍ରୂକ୍ଷେପ ନାହିଁ । ମୁଁ ନିଜେ ବୁଡ଼ି ରହିଥିଲି ମୋ ଜୀବନର ଭାବନା ନେଇ । ସେ ମାଇପିଟି ଯିବାକୁ ଉଠିବାରୁ ମୁଁ ପଚାରିଲି—"ଯିବାକୁ ଉଠିଲଣି ? ଏତେ ଗପସପ ହେଲେ, ତମ ନାଁ ତ ମୁଁ ଜାଣିଲି ନାହିଁ ?"

ସେ ଟିକିଏ ହସି କହିଲା—"ମୋ ନାଁରୁ କଣ ପାଇବ ? ମୋତେ ସମସ୍ତେ 'ସରି, ସରି' ବୋଲି ଡାକନ୍ତି ।" ସେ ଉଠି ଠିଆହୋଇ କହିଲା—"ମୁଁ କାଲି ଆହୁରି ଆଗରୁ ଆସିବି, ତମେ ଏଇଠିକୁ ଆସିବ ନା ?"

ମୁଁ ତା' କଥାରେ ଆଗ୍ରହ ଦେଖାଇ କହିଲି—"ମୁଁ ଠିକ୍ ଚାରିଟା ବେଳକୁ ଏଇଠି ଆସି ବସିଥିବି । ତମେ ନିଶ୍ଚୟ ଆସିବ ।" ସେ ମୋ ପାଖରୁ ବିଦାୟ ନେଇ ଚାଲିଗଲା ।

ସେ ଚାଲିଗଲା ପରେ ମୁଁ ଭାବିବାକୁ ଲାଗିଲି—"ସେ ମୋର କି ଉପକାର କରିବ ! ମୋ ମନ ଭିତରେ ତା' କଥା ଶୁଣିଲା ବେଳୁ କିଏ

Digitized by srujanika@gmail.com

ଯେପରି ମାୟାଜାଲ ବସ୍ତୁଇଲ ଭଳି ଲାଗୁଥାଏ । ମନରେ କେତେ ଆଉ କେତେ କଥା ଆସୁଥାଏ ।"

ମହେନ୍ଦ୍ର ବାବୁ ଟିକିଏ ମୁରୁକି ହସି କହିଲେ—"ଠିକ୍ ମୋର କଥା ମଧ୍ୟ ସେହିଆ; ସେହି କଷ୍ଟରୁ ତମକୁ ଏଠିକୁ ନେଇ ଆସିଛି ।"

କୁମୁଦ କହିଲା—"ହଁ, ଦିନପରେ ଦିନ ଗଡ଼ି ଚାଲିଲା । ମୁଁ ନିତି ସେଇ ସମୁଦ୍ର କୂଳକୁ ଆସେ - ସେ ମଧ୍ୟ । ଆମ ଦି ଜଣଙ୍କ ଭିତରେ ଦିନକୁ ଦିନ ବେଶି ମନ ମିଳିବା ସଙ୍ଗେ ସଙ୍ଗେ ସେ ମୋ ଆଗରେ କେତେ ରଙ୍ଗିନ୍ ଛବି ଆଙ୍କିଲା । ସେତେବେଳେ ସେ କଥା ମୋତେ ଖୁବ୍ ଭଲ ଲାଗୁଥିଲା । ଶେଷରେ ତାରି କଥାରେ ମୁଁ ବାପା ମା' ସମସ୍ତଙ୍କୁ ଛାଡ଼ି ଏଇଠି ଆସି ପଡ଼ିଛି ।"

ମହେନ୍ଦ୍ର ବାବୁ କୁମୁଦ ମୁହଁଆଡ଼େ ଅନାଇଁ କହିଲେ—"ବେଶ୍, ତମର ତ ସେ କିଛି ଅନିଷ୍ଟ କରିନାହିଁ, ବରଂ ଉପକାର କରିଛି । ସେଠି ତୁମେ ଥିଲେ ଜୀବନରେ କେଉଁ ସୁଖ ଶାନ୍ତି ଆଉ ପାଇ ଥାଆନ୍ତ ? ମୁଁ ତ ସେହି ଭଳି ସ୍ୱାମୀବାବାଙ୍କର ଶିଷ୍ୟ ହୋଇ ଏଠି ତୁମମାନଙ୍କ ସଙ୍ଗରେ ସୁଖଶାନ୍ତିରେ ରହିବା ପାଇଁ ଆସିଛି, ତମର ଏଠି କିଛି ଅସୁବିଧା ହେଉଛି ?"

କୁମୁଦ କହିଲା—"ନା, ଏଠି ପ୍ରକୃତରେ କିଛି ଅସୁବିଧା ନାହିଁ ସତ ! କିନ୍ତୁ ଆପଣଙ୍କ ଭଳି କେତେଜଣ ଲୋକ ଏଠି ଅଛନ୍ତି ? ମଦମତ୍ତ, ଉନ୍ମତ୍ତ, କେବଳ ପଶୁପରି ଦେହର ମିଳନ ଛଡ଼ା ସେମାନଙ୍କ ମନରେ କଣ ଆଉ ଅଛି ? ସେମାନେ ଦେଖୁଛନ୍ତି— ରକ୍ତ; ନୃଶଂସ କାମ କରି କରି ସେମାନଙ୍କର ଅନ୍ତର ବାହାର ନଷ୍ଟ ପାଲଟି ଗଲାଣି । ଆପଣ ଆଜି ଭଲ ଅଛନ୍ତି, ଆଉ କେତେଦିନ ପରେ ତାଙ୍କରି ଭଳି ହୋଇଯିବେ ଯେ ।"

Digitized by srujanika@gmail.com

କୁମୁଦ ହଠାତ୍ ଏତେ କଥା କହି ସାରି ମହେନ୍ଦ୍ରବାବୁଙ୍କ ଆଡ଼େ ଅତି କରୁଣ ନୟନରେ ଅନାଇଁ କହିଲା --"ଆଜିଠାରୁ ଆପଣଙ୍କ ହାତରେ ମୋର ଜୀବନ, ଏସବୁ କଥା ଯିଏ ପ୍ରଥମ କରି ଆସେ ତାକୁ କହିବାକୁ ଏକାବେଳକେ ମନା। କେବଳ ମଦ, ମାଂସ, ସ୍ତ୍ରୀମାନଙ୍କ ଦ୍ୱାରା ବଶ କରାଇବା ପାଇଁ ଏଠିକୁ ମୋତେ ପଠାଯାଇଛି। ଅନ୍ୟ ଯେଉଁମାନେ ଆସନ୍ତି, ସେମାନଙ୍କ ପାଖକୁ ମଧ୍ୟ ଇମିତି ପଠାଯାଏ। ମୁଁ ଯାହା ସବୁ କହିଲି—ଏ କଥା ଯଦି ମୁଁ କହିଲି ବୋଲି ଆପଣ କାହା ଆଗରେ କହନ୍ତି, ତାହାହେଲେ ମୋ ଭାଗ୍ୟରେ ମା'ଆଙ୍କ ଆଗରେ ବଳି ପଡ଼ିବା ଛଡ଼ା ଅନ୍ୟ କିଛି ହେବ ନାହିଁ।" କୁମୁଦ କ୍ଷଣକାଳ ନୀରବ ରହିଲା।

ମହେନ୍ଦ୍ର ବାବୁ ବଡ଼ ବିସ୍ମିତ ହୋଇ କୁମୁଦ ଆଡ଼େ ଅନାଇ ପଚାରିଲେ—"ଏମିତି କ'ଣ ସାମାନ୍ୟ ଦୋଷରେ ବଳି ଦିଆଯାଏ ?"

କୁମୁଦ ମହେନ୍ଦ୍ରବାବୁଙ୍କ ପାଟିରେ ହାତ ଦେଇ ଫୁସ୍‌ଫୁସ୍ କରି ବଡ଼ ଡରି ଡରି କହିଲା—"ଆସ୍ତେ ! ଆସ୍ତେ !"

ମହେନ୍ଦ୍ର ବାବୁ କଥା ବନ୍ଦ କଲେ। କୁମୁଦ ଧୀରେ ଧୀରେ ଉପରୁ ଚାଲିଯାଇ ଓହ୍ଲାଇ ଗୋଡ଼ ଚିପି ଚିପି ଝର୍କା ର ଫିଟାଇଲା— ବାହାରେ ଟିକିଏ ଅନାଇଁ ଆସିବାକୁ। କାଳେ ଯଦି କିଏ ଶୁଣୁଥିବ, ତାହାହେଲେ ସର୍ବନାଶ।

କୁମୁଦ ସତର୍କ ସବୁ ପୁଣି ଭିତରୁ ଝର୍କାର ଦେଇ ଖଟ ଉପରେ ଆସି ବସିଲା। ମହେନ୍ଦ୍ର ବାବୁ ମନେ ମନେ ଭାବି ନେଲେ, ଏ କୁମୁଦ ତାନ୍ତ୍ରିକଦଳର ସବୁକଥା ଜାଣିବାର ପ୍ରଧାନ ଉପାୟ ହେବ। ସେ ତା ଠାରୁ ନିଶ୍ଚୟ ସବୁକଥା ବୁଝିନେବେ।

Digitized by srujanika@gmail.com

କୁମୁଦ ଖଟ ଉପରେ ବସିଲାକ୍ଷଣି ମହେନ୍ଦ୍ର ବାବୁ ତା' ହାତ ଧରି ପକାଇ କହିଲେ—"ବାହାରେ କଣ କାହାକୁ ଦେଖିଲ ?"

କୁମୁଦ ଟିକଏ ମୁରୁକି ହସି କହିଲା—"ନା ବାହାରେ କେହି ଆମ କଥାବାର୍ତ୍ତାକୁ ଶୁଣିବାକୁ କାନ ପାରି ନାହାନ୍ତି । ମୋ ଛଡ଼ା ଅନ୍ୟ ଯିଏ ଆପଣଙ୍କ ପାଖକୁ ଆଜି ଆସିଥାନ୍ତା, ତାହାହେଲେ ନିଶ୍ଚୟ ବାହାରେ ଅନ୍ୟମାନେ କାନ ପାତିଥାନ୍ତେ । ମୋ ଉପରେ ସେମାନଙ୍କର ଖୁବ୍ ବିଶ୍ୱାସ ଅଛି । ସେଥିପାଇଁ ବାହାରେ କେହି ନାହାନ୍ତି । ତା ବୋଲି ବଡ଼କରି ଏ ସବୁ କଥାବାର୍ତ୍ତା ହେବା ମୋ ପକ୍ଷରେ ଆଦୌ ଉଚିତ ନୁହେଁ । ମୁଁ କେବଳ ପ୍ରଥମ ଥରପାଇଁ ଏ ସବୁ କଥା ଆପଣଙ୍କ ଆଗରେ ଗୋଟିଏ ଖିଆଲରେ କହିଦେଲି । ତେଣିକି ଆପଣଙ୍କ ଇଚ୍ଛା । ପରେ ତ କହିଲି—"ଆପଣ ଯଦି ଏକଥା ଟିକଏ କେଉଁଠି କହନ୍ତି, ତାହାହେଲେ ମୋ ଅବସ୍ଥା ହଇଯିବ ।"

ମହେନ୍ଦ୍ର ବାବୁ କୁମୁଦର ହାତ ଧରି ଟାଣିଆଣି ବଡ଼ ଗମ୍ଭୀର ହୋଇ କହିଲେ—"ତୁମେ ଦେହ ଛୁଉଁଛି, ମୋତେ ବିଶ୍ୱାସ କର । ମୁଁ ତ ତୁମମାନଙ୍କ ସଙ୍ଗରେ ରହିବାକୁ ଆସିଛି । ଏଠି ମୋର କିଏ ଅଛି ? ଆଜିଠାରୁ ତୁମେ ମୋର ସବୁ, ମୁଁ ତମକୁ ବିଶ୍ୱାସ କରୁଛି, ତୁମର କଥା ଅନୁସାରେ ମୁଁ ଏଠି ଚଳିବି । ମୁଁ ନୂଆ ଲୋକ, ଏଠିକା କଥା କିଛି ବୁଝି ନାହିଁ । କେବଳ ନୂଆ କରି ସବୁ କଥା ଜାଣିବାକୁ ଭାରି ଇଚ୍ଛା ହେବାରୁ ମୁଁ ତୁମକୁ ଟିକିଏ ପଚାରୁଛି ସିନା । ସତରେ କଣ ଏଠି ମଣିଷ ବଳି ଦିଆଯାଏ—କାହିଁ ? ମୁଁ ତ କିଛି ଦେଖିଲି ନାହିଁ ।"

କୁମୁଦ ନିଜର ଲୋକଭଳି ଚୁପ୍ ଚାପ୍ କରି କହିଲା—"ହଁ ଏଠି ମଣିଷ ବଳି ଦିଆଯାଏ । କିନ୍ତୁ ଏଠି ନୁହେଁ, ଅନ୍ୟଠାରେ । ସେ ଜାଗା ତୁମେ ଅଳ୍ପଦିନ ପରେ ଦେଖିବ । କିନ୍ତୁ ସେ ବଳି ସବୁଦିନେ

Digitized by srujanika@gmail.com

ଦିଆଯାଏ ନାହିଁ । ମା'ଙ୍କ ପର୍ବ ପର୍ବାଣିରେ ତାହା ଦିଆଯାଏ । ତୁମେ ସେଠିକୁ ଗଲେ ଦେଖିବ ଯେ ।"

ମହେନ୍ଦ୍ର ବାବୁଙ୍କ ଛାତି ଏ କଥା ଶୁଣି ଥରିବାକୁ ଲାଗିଲା । କୁମୁଦ ମନରେ କିଛି କପଟ ରଖି କଥା କହୁ ନାହିଁ ତ । ସେଠିକୁ ଯେଉଁଦିନ ସେ ଯିବେ ସେ ଦିନ ତାଙ୍କୁ ଆଉ ବଳି ଦିଆଯିବ ନାହିଁ ତ ! ମହେନ୍ଦ୍ର ବାବୁ କିଛି ସମୟ ନୀରବ ରହି ସନ୍ଦେହରେ କେତେ କ'ଣ ଭାବିବାକୁ ଲାଗିଲେ ।

ମହେନ୍ଦ୍ର ବାବୁଙ୍କୁ ନୀରବ ରହିବାର ଦେଖି କୁମୁଦ ମୁରୁକି ହସି ଚୁପ୍ ଚୁପ୍ କହିଲା—"ବଳି ନାଁ ଶୁଣି ଆପଣ ଡରୁଛନ୍ତି କି ? ଆପଣଙ୍କର କିଛି କ୍ଷତି ହେବ ନାହିଁ । ଡରିବାର କିଛି କାରଣ ନାହିଁ ।"

ମହେନ୍ଦ୍ର ବାବୁ କୁମୁଦକୁ ନିଜ ଉପରକୁ ଆଉଜାଇ ଆଣି କହିଲେ—"ତୁମ ଇଚ୍ଛା, ମୋତେ ଯଦି ବଳି ଦେବାର ଇଚ୍ଛା ତୁମର ଥାଏ ତାହାହେଲେ ବଳିଦେବ ।"

କୁମୁଦ ହସି ହସି ତାଙ୍କ ମୁହଁକୁ ଅନାଇଁ କହିଲା—"ନା ତା ହେବ ନାହିଁ ।"

ରାତି ପ୍ରାୟ ଦୁଇଟା ବାଜି ଯାଇଥିଲା । କୁମୁଦ ଅଳସ ଭାଙ୍ଗି କହିଲା—"ଆପଣଙ୍କୁ କ'ଣ ନିଦ ଆଜି ମାଡ଼ୁ ନାହିଁ ? ଏ ଜାଗା ଟୋଟାଏ ଦୂରରୁ ଖରାପ ଦିଶିଲେ ବି ସୁନ୍ଦର, ମଉଜ ମଜଲିସ୍ କରିବାର ପ୍ରଧାନ ସ୍ଥାନ । ମହେନ୍ଦ୍ର ବାବୁ କୁମୁଦର ସୁନ୍ଦର ଓଠଟିରେ ହାତ ମାରି ଦେଇ କହିଲେ—"ତୁମେ ଯେତେବେଳେ ପାଖରେ ଅଛ ନିଦ କେମିତି ମାଡ଼ିବ ? ତୁମକୁ ନିଦ ମାଡ଼ିଲାଣି.........." ମହେନ୍ଦ୍ର ବାବୁ ଲନ୍‌ଟନ୍ କମାଇଲେ ।

Digitized by srujanika@gmail.com

ପ୍ରାୟ ପ୍ରତିଦିନ ରାତିରେ କୁମୁଦ ମହେନ୍ଦ୍ରବାବୁଙ୍କ ପାଖକୁ ଆସେ । ମହେନ୍ଦ୍ର ବାବୁ ରାତିରେ କୁମୁଦଠାରୁ ଏବଂ ଦିନରେ ଦଳାଇଠାରୁ କଥା ପ୍ରସଙ୍ଗରେ ବହୁତ ତଥ୍ୟ ସଂଗ୍ରହ କରି ନେଇଛନ୍ତି ।

ମହେନ୍ଦ୍ର ବାବୁଙ୍କର ଏ ଦୁଇଜଣ ସହିତ ଖୁବ୍ ବେଶି ଚିହ୍ନା ପରିଚୟ ହୋଇଥିଲେ ସୁଦ୍ଧା, ଏଇ କେଇଦିନ ମଧ୍ୟରେ ପ୍ରାୟ ସେମାନଙ୍କ ଦଳ ଭିତରୁ ଅନେକ ତାଙ୍କ ପାଖକୁ ଆସିଛନ୍ତି—ଖୁସି ଗପସପ କରିବା ଭିତରେ ମଝିରେ ମଝିରେ ମଧ୍ୟ ବୁଝି ନେଇଛନ୍ତି— "କଉଁକରେ କିଏ ବେଶି ଧନୀ ? କାହାର ବେଶି ନଗଦ ଟଙ୍କା ସୁନା ରୂପା ଗହଣା ଇତ୍ୟାଦି ଅଛି । ମହେନ୍ଦ୍ର ବାବୁ ଏ ସବୁ ବୁଝିବାର ଅର୍ଥ ଭଲକରି ବୁଝି ଡକାୟତମାନେ ଯେପରି ଖୁବ୍ ବେଶି ଉତ୍ସାହିତ ହେବେ, ସେଥିପାଇଁ ଅନେକ ଦରକାରୀ କଥା ମଧ୍ୟ କହିଛନ୍ତି । ଏଇ କେଇଦିନ ମଧ୍ୟରେ ମହେନ୍ଦ୍ର ବାବୁଙ୍କ କଥାବାର୍ତ୍ତାରୁ ସମସ୍ତେ ବୁଝି ନେଇଛନ୍ତି ଯେ ମହେନ୍ଦ୍ର ବାବୁ ସେମାନଙ୍କ କାର୍ଯ୍ୟରେ ବେଶ୍ ଆସିବେ । ସେଥିପାଇଁ ପ୍ରାୟ ସମସ୍ତେ ତାଙ୍କୁ ବିଶ୍ୱାସ କରି ନିଜଦଳର ଜଣେ ସାଙ୍ଗ ବୋଲି ଧରି ନେଲେଣି ।

ହଠାତ୍ ଦିନେ ମହେନ୍ଦ୍ର ବାବୁ ଖାଇସାରି ବିଛଣାଟିରେ ଗଡ଼ପଡ଼ ହେଉଛନ୍ତି । ଦଳାଇ ହସି ହସି ତାଙ୍କ ପାଖରେ ଯାଇ ବସିଲା ।

ମହେନ୍ଦ୍ର ବାବୁ ତା ଆଡ଼କୁ ଚାହିଁ ଆଗ୍ରହରେ ପଚାରିଲେ— "ଆଜି ହସୁଛ କାହିଁକି ? ତୁମ ମନଟା ଆଜି ଭାରି ଖୁସି ଥିଲାପରି ଦିଶୁଛି ।" ଦଳାଇ ଆହୁରି ଟିକିଏ ହସି ମହେନ୍ଦ୍ର ବାବୁଙ୍କ କଣେଇ ଚାହିଁ କହିଲା—"ହଁ, ମୋ ମନଟା ଆଜି ଭାରି ଖୁସି, ତା ଛଡ଼ା ଆପଣଙ୍କ ମନଟା ଆଜି ବେଶି ଖୁସି ହେବାର କଥା ।

ମହେନ୍ଦ୍ର ବାବୁ ତା' କଥାରେ ଖୁବ୍ ଆଗ୍ରହ ଦେଖାଇ କହିଲେ—"ସତେ ? ଏତେ ବଡ଼ ଶୁଭ ସମ୍ବାଦଟା ମୋତେ ଏତେ-ବେଳଯାଏ ନ କହି ଚୁପ୍ ହୋଇ ବସି ରହିଛ ନା ? କ'ଣ ଶୁଣେ ?"

Digitized by srujanika@gmail.com

ଦଲାଇ ମୁରୁକି ହସୁ ହସୁ କହିଲା—"ମାଆ ଆଜି ଆପଣଙ୍କର ମନ କାମନା ପୂର୍ଣ୍ଣ କରିଛନ୍ତି । ଆଜି ରାତିରେ ଆପଣଙ୍କୁ ସ୍ୱାମୀବାବାଙ୍କ ପାଖକୁ ଯିବାକୁ ହେବ । ସ୍ୱାମୀବାବାଙ୍କ ଆଦେଶ ଆସି ଯାଇଛି ।"

ମହେନ୍ଦ୍ର ବାବୁ ଦଲାଇ ଠାରୁ ଏ କଥା ଶୁଣୁଥିଲେ ସତ, କିନ୍ତୁ ତାଙ୍କୁ ଲାଗୁଥିଲା ସତେ ଯେପରି ତାଙ୍କର ରକ୍ତ ପାଣିପାଟି ଯାଉଛି, ଆଜି ତାଙ୍କର ଆଉ ଶେଷ ଦିନ ନୁହେଁ ତ ! ମହେନ୍ଦ୍ର ବାବୁ ନିରବ ।

ଦଲାଇ କିଛିକ୍ଷଣ ତାଙ୍କ ମୁହଁ ଆଡ଼େ ଅନାଇଁ କହିଲା— "କ'ଣ ଭାବୁଛନ୍ତି ? ଆପଣ ସ୍ୱାମୀବାବାଙ୍କ ପାଖକୁ ଯିବାକୁ ତ ଭାରି ବ୍ୟସ୍ତ ହେଉଥିଲେ ।"

ମହେନ୍ଦ୍ର ବାବୁ ଟିକିଏ ଇତସ୍ତତଃ ହୋଇ ଦଲାଇ କଥାରେ ଆଗ୍ରହ ଦେଖାଇ କହିଲେ—"ହଁ, ସେଇ କଥାହିଁ ଭାବୁଥିଲି । ମୋର ଆଜି ବଡ଼ ଭାଗ୍ୟ । ସ୍ୱାମୀବାବାଙ୍କର ମୋଠାରେ ଖୁବ୍ ଦୟା । ତୁମେ ବି ମୋ ପାଖେ ପାଖେ ରହି ସବୁ କଥାରେ ସାହାଯ୍ୟ କରି-ଥିବାରୁ ତୁମକୁ ମୋର ଧନ୍ୟବାଦ ।"

ଦଲାଇ ମହେନ୍ଦ୍ର ବାବୁଙ୍କ ଠାରୁ ଧନ୍ୟବାଦ ପାଇବାରୁ ମନେ ମନେ ଖୁସି ହୋଇ କହିଲା—"ଆପଣ କିଛି ଭୟ କରନ୍ତୁ ନାହିଁ । ଆପଣଙ୍କ ସାଙ୍ଗରେ ମୁଁ ବି ଯିବି । କେବଳ ଏତିକି ମୋର ଆପଣଙ୍କୁ ଅନୁରୋଧ—ସ୍ୱାମୀବାବା ଯାହା ଦେବେ ବା ଯାହା କରିବାପାଇଁ କହିବେ ଆପଣ କେଉଁଥିରେ ଅମଙ୍ଗ ହେବେ ନାହିଁ । ତାହାହେଲେ ଆପଣଙ୍କ ଉପରକୁ କିଛି ବିପଦ ଆସିବ ନାହିଁ ଆପଣ ସ୍ୱାମୀବାବାଙ୍କର ସୁନା ପୁଅ ଭଳି ସେଠି ରହିବେ ।"

× × × ×

Digitized by srujanika@gmail.com

ସେହ୍ନଦନ ପ୍ରାୟ ରାତ୍ର ଦୁଇଟା । ଗୃହଆଡ଼ ନଶବ୍ଦ । ନଶା ପାଇଁ ପାଇଁ ଗର୍ଜୁଛି । ମଠ ଭିତରେ ପଙ୍ଗତ ବଢ଼ିଲା । ମହେନ୍ଦ୍ର ବାବୁ ସେଦନ ପାଇତାଇ ଗଣ୍ଡିଏ ଖାଇ ଆସି ଖଟ ଉପରେ ବସିଲେ । ଅଜଣା ବପଦ ଆଶଙ୍କାରେ ତାଙ୍କ ମନ ଛଟପଟ ହେଉଥାଏ । ହଠାତ୍ ଅପୂର୍ବ ବେଶରେ କୁମୁଦ ସେ ଘରେ ପହଞ୍ଚି ମହେନ୍ଦ୍ର ବାବୁଙ୍କ ହାତ ଧରି ପକାଇ ହସି ହସି କହିଲା—"କଣ ଆପଣ ଭାବୁଛନ୍ତି ? ଆପଣଙ୍କର ଆଜି ମନ ଖୁସି କରିବା କଥା । ମୁଁ ବି ଆଜି ଆପଣଙ୍କର ସଙ୍ଗରେ ଯିବି । ଆଉ ଭୟ କରନ୍ତୁ ନାହିଁ । ମା' ଆପଣଙ୍କର ସବୁ ମଙ୍ଗଳ କରିବେ । କିନ୍ତୁ ମୋର ଏତିକ କଥା ମନେ ରଖନ୍ତୁ — ସ୍ୱାମୀବାବା ଯାହା କରିବାପାଇଁ ଆପଣଙ୍କୁ କହିବେ, ଆପଣ ତାଙ୍କ କଥାରେ ହଁ ଭରିବା ଛଡ଼ା ଅନ୍ୟ କିଛି କହିବେ ନାହିଁ । ଏହା ତାଙ୍କର ପ୍ରଥମ ପରୀକ୍ଷା ।"

ମହେନ୍ଦ୍ର ବାବୁ କୁମୁଦ ମୁହଁ ଆଡ଼େ ସତୃଷ୍ଣ ନୟନରେ ଚାହିଁ କହିଲେ—"ମୁଁ ତ ନୂଆ ଲୋକ, ତୁମେ ଯାହା କହିବ ମୁଁ ତାହା କରିବି, ତୁମେ ମୋର ଭରସା ।" କୁମୁଦ ହସି ହସି ମହେନ୍ଦ୍ର ବାବୁଙ୍କ ଓଠକୁ ହଲାଇ ଦେଇ କହିଲା—"କିଛି ଭାବନ୍ତୁ ନାହିଁ । ଆପଣଙ୍କର କିଛି ବିପଦ ହେବ ନାହିଁ, ମୁଁ ତ ଆପଣଙ୍କ ସଙ୍ଗେ ସଙ୍ଗେ ଅଛି ।"

ହଠାତ୍ ଦଳାଇ ସେ ଘର ଭିତରକୁ ପଶି ଆସି କହିଲା— "ବେଶ୍; ସବୁ ସଜିଲ୍ ସରିଲାଣି । କୁମୁଦ, ତୁ ମହେନ୍ଦ୍ର ବାବୁଙ୍କୁ ନେଇ ଆ; ମୁଁ ମୋ ବାଡ଼ି ଖଣ୍ଡ ନେଇ ଆସୁଛି ।"

କୁମୁଦ ମହେନ୍ଦ୍ର ବାବୁଙ୍କ ହାତ ଧରି କହିଲା—"ଆଉ ଡେରି କରି ଲାଭ ନାହିଁ । ସ୍ୱାମୀବାବା ଏବଂ ଅନ୍ୟାନ୍ୟମାନେ ଏପର୍ଯ୍ୟନ୍ତ ଆମକୁ ଚାହିଁ ବସିଥିବେ । ମହେନ୍ଦ୍ର ବାବୁ କୁମୁଦ ପଛେ ପଛେ ଆସିଲେ ସତ, କିନ୍ତୁ ତାଙ୍କୁ ଲାଗୁଥିଲା—ତାଙ୍କୁ ଯେପରି କିଏ ଫାଶି ଖୁଣ୍ଟ ଉପରକୁ ଟାଣି ଟାଣି ନେଉଛି । ଆଉ ମୁହୂର୍ତ୍ତିକ ପରେ ତାଙ୍କ ଜୀବନ ଦୀପ ଲିଭିଯିବ ।

Digitized by srujanika@gmail.com

କୁମୁଦ ବାହାର ଅଗଣାକୁ ଆସି ତାଙ୍କପାଇଁ ରଖା ହୋଇଥିବା ଗୋଟିଏ ଶବାର ଦରଜାକୁ ଖୋଲି ଦେଲା । ମହେନ୍ଦ୍ର ବାବୁଙ୍କୁ ହାତ ଦେଖାଇ କହିଲା—"ଆପଣ ତା ଭିତରକୁ ଆଗ ପଶନ୍ତୁ । ମହେନ୍ଦ୍ର ବାବୁ ଥର ୨ ପାଦରେ ତା' ଭିତରେ ପଶିଲେ । ତାଙ୍କ କଲିଜାଟା ଖୁବ୍ ଜୋରରେ ଉଠୁଥିଲା ପଡୁଥିଲା । ନିଶ୍ୱାସ ପ୍ରଶ୍ୱାସ ଚାଲୁଥିଲା ଖୁବ୍ ଜୋରରେ ।"

ମହେନ୍ଦ୍ର ବାବୁ ବସିବା ସଙ୍ଗେ ସଙ୍ଗେ କୁମୁଦ ତା ଭିତରକୁ ପଶିଯାଇଁ ଗୋଟାଏ ପାଖକୁ ବସିଲା । ମହେନ୍ଦ୍ର ବାବୁଙ୍କ ଏଭଳି ନିର୍ଜୀବ ଭଳି ବସିଥିବାର ଦେଖି କୁମୁଦ ମୁରୁକି ହସି କହିଲା—"ଆପଣ ଏପରି ଭୟ ପାଇଲା ଭଳି ଚୁପ୍ ହୋଇ ବସିଛନ୍ତି କାହିଁକି ? ଖୁସି ଗପ କରନ୍ତୁ ।"

ଦଳାଇ ତା'ର ଚଟାଏ ଉଚର ଠେଙ୍ଗା ଖଣ୍ଡିକ ହାତରେ ଧରି ଶବାର ଦୁଆର ମୁହଁରେ ଠିଆ ହୋଇ ଶବାର ଭିତରକୁ ମୁହଁ ଗଳାଇ କହିଲା—"ଆପଣ କିଛି ଭୟ କରନ୍ତୁ ନାହିଁ । ଆପଣଙ୍କର କିଛି ବିପଦ ଘଟିବ ନାହିଁ । କୁମୁଦ ସହିତ ବସି ଖୁସି ଗପସପ ହୁଅନ୍ତୁ ।"ଦଳାଇ କବାଟ ବନ୍ଦକରି ଦୁଇ ପାଖରେ ତାଲା ପକାଇ ଦେଲା । ତା'ପରେ ଶବାର ଉଠାଇ ବାହକମାନେ ଚାଲିଲେ କେଉଁଆଡ଼େ ।

ନିଶିଦ ରାତି । ଶବାଟି ଏପରି ନିବୁଜଭାବରେ ତିଆର ହୋଇଛି ଯେ, ବାହାରର ଟିକିଏ ଝାପ୍ସା ଆଲୁଅ ବି ତା' ଭିତରେ ପ୍ରବେଶ କରି ପାରିବ ନାହିଁ । ମହେନ୍ଦ୍ର ବାବୁ ଉପରି ମନରେ ବାଧ୍ୟ ହୋଇ କୁମୁଦ ସହିତ ଏଣ୍ଡୁ ତେଣ୍ଡୁ ଗପସପ ହେବାକୁ ଲାଗିଲେ ।

ଶବାଟି ସେହି ଜଙ୍ଗଲେ ଜଙ୍ଗଲେ ଆଗେଇ ମାଡ଼ି ଚାଲିଛି । ଆହୁରି କେତେଦୂର ଯିବ, ତାର ଠିକଣା ନାହିଁ । ମହେନ୍ଦ୍ର ବାବୁ କୁମୁଦ ସହିତ ଚୁପ୍ ଚାପ୍ ହୋଇ ଏଣ୍ଡୁ ତେଣ୍ଡୁ କଥାବାର୍ତ୍ତା ହେଉ ହେଉ ପଚାରିଲେ—"ଆଉ କେତେ ବାଟ ?"

Digitized by srujanika@gmail.com

କୁମୁଦ ସେହି ଅନ୍ଧାର ଭିତରେ ତାଙ୍କ ହାତକୁ ଟିପି ଦେଇ କହିଲା—"କାହିଁକି ? ଆପଣ ତ ଶବାରରେ ବେଶ୍ ମଉଜରେ ବସିଛନ୍ତି । ମୋର ଇଚ୍ଛା—ଇମିତି ଶବାର ରାତିଟା ଯାକ ଚାଲନ୍ତା କି ତାହାହେଲେ ଖୁବ୍ ମଜା ହୁଅନ୍ତା । କିନ୍ତୁ ଆଉ ବେଶି ବାଟ ନୁହେଁ, ଖୁବ୍ ହେଲେ ଆଉ ପନ୍ଦର ମିନିଟ୍ ଲାଗିବ ।"

ବଡ଼ପଦ ଆହୁରି ନିକଟ ହୋଇ ଆସୁଛି । ମହେନ୍ଦ୍ର ବାବୁଙ୍କ ଛାତିଟା ଆହୁରି ଜୋର୍‌ରେ ଥରିବାକୁ ଲାଗିଲା ।

ହଠାତ୍ ଗୋଟାଏ ଜାଗାରେ ଶବାର ଅଟକିଲା । ମହେନ୍ଦ୍ର ବାବୁ କୁମୁଦକୁ ଚୁପ୍‌କରି ପଚାରିଲେ—"ସ୍ୱାମୀ ବାବାଙ୍କ ପାଖରେ ବୋଧହୁଏ ଆମେ ପହଞ୍ଚି ଯାଇଛେ, ନୁହେଁ ?"

କୁମୁଦ କହିଲା—"ନା ଆମେ ପହଞ୍ଚି ନାହୁଁ, ଆଉ ଅଳ୍ପ ବାଟ ଅଛି ।"

ବାହାରେ ଶବାରର ଅଳ୍ପ ଦୂରରେ କ'ଣ ଉଠାଉଠି କଲାଭଳି ଶୁଭୁଥାଏ । ମହେନ୍ଦ୍ର ବାବୁ ଭାବିନେଲେ, ବୋଧହୁଏ ଏମାନଙ୍କର ଭିତରି ହୋଇ ଯାଉଛି ବୋଲି ସେମାନେ କବାଟଦେଇ ଦେଇଛନ୍ତି । ଏମାନେ କବାଟରେ ହାତ ମାରି ବୋଧହୁଏ ସେମାନଙ୍କୁ ଉଠାଇ-ବାକୁ ଚେଷ୍ଟା କରୁଛନ୍ତି ।

ଟିକିଏ ପରେ, ଶବାର ପୁନର୍ବାର ଉଠିଲା । ପ୍ରାୟ ଦୁଇ ମିନିଟ୍ ପରେ ମହେନ୍ଦ୍ର ବାବୁ ହଠାତ୍ ନିଜ ବସିବା ସ୍ଥାନରୁ ପଛରୁ ଗୋଟାଏ ଧକ୍‌କା ବାଜିଲା ଭଳି କୁମୁଦ ଉପରେ ହାମୁଡ଼ାଇ ପଡ଼ିଲେ । କୁମୁଦ ହସି ହସି ତାଙ୍କୁ ଧରି ପକାଇଲା । କିଛିକ୍ଷଣ ପରେ କୁମୁଦ କହିଲା—"ଏଥର ସିଧାହୋଇ ବସନ୍ତୁ, ଆଉ କିଛି ଅସୁବିଧା ହେବ ନାହିଁ ।

Digitized by srujanika@gmail.com

ମହେନ୍ଦ୍ର ବାବୁ ସିଧା ହୋଇ ବସିଲେ; କିନ୍ତୁ ତଥାପି ତାଙ୍କୁ ବଡ଼ ଗଡ଼ାଣିଆ ବୋଧ ହେଉଥାଏ । ମହେନ୍ଦ୍ର ବାବୁ ଅନୁମାନ କରି- ନେଲେ ମାଳଣ୍ଡ ଯେଉଁ ପାହାଡ଼ ତଳେ ସ୍ୱାମୀବାବାଙ୍କ ଆଶ୍ରମ କଥା କହୁଥିଲା ଏ ବୋଧହୁଏ ସେହି । ଶଗଡ଼ ଆସ୍ତେ ଆସ୍ତେ ପାହାଡ଼ ଭିତର ଦେଇ ଉପରୁ ତଳକୁ ଯାଉଛି । ମହେନ୍ଦ୍ର ବାବୁ ଆତୁର ହତାଶ ହୋଇ ମନେ ମନେ ଡାକିଲେ "ହେ ଭଗବାନ ! ତୁମେ ଏକା ମୋର ଭରସା !"

ଉପରୁ ତଳକୁ ଡ଼ିଲ୍‌ହୋଇ ଶଗଡ଼ ପ୍ରାୟ ଦଶ ମିନିଟ୍ ଚାଲିଲା । ଏଥି ଭିତରେ ପ୍ରାୟ ୩।୪ ଥର ମହେନ୍ଦ୍ର ବାବୁ କୁମୁଦ ଉପରେ ଢଳିପଡ଼ି ସିଧାହୋଇ ବସିଲେଣି ।

ହଠାତ୍ ଶଗଡ଼ ଗୋଟାଏ ସମତଳ ଜାଗାରେ ରହିଲା । ମହେନ୍ଦ୍ର ବାବୁ ଚୁପ୍‌କିରି କୁମୁଦକୁ ପଚାରିଲେ—"ସ୍ୱାମୀବାବାଙ୍କ ଆଶ୍ରମ ବୋଧହୁଏ ହୋଇ ଯାଇଛି?" କୁମୁଦ କହିଲା—'ହଁ'। ସେତେ- ବେଳେ ମହେନ୍ଦ୍ର ବାବୁଙ୍କ ମନର ଅବସ୍ଥା କହିଲେ ନ ସରେ । ତାଙ୍କ ଆଗରେ ଝଲସି ଉଠିଲା—"ଏକ ବଡ଼ ଝିକ୍‌ମିକ ମାରୁଥିବା ଖଡ଼୍‌ଗ । ଆଉ ମୁହୂର୍ତ୍ତକ ପରେ ତାଙ୍କ ବେକରେ ତା ବସିବ ନାହିଁ ତ !" ମହେନ୍ଦ୍ର ବାବୁ ପାଟିରୁ କଥା ଶେଷ ନ ହେଉଣୁ, ଜଣେ କିଏ ଶଗଡ଼ କବାଟ ଖୋଲିଦେଲା । ମହେନ୍ଦ୍ର ବାବୁ ଅନାଇଁଦେଲେ ସେ ଆଉ କିଏ ନୁହେଁ ଦଳାଇ । ଦଳାଇ ଲନ୍ଟନ୍ ଶଗଡ଼ ଭିତରକୁ ଦେଖାଇ ମହେନ୍ଦ୍ର ବାବୁଙ୍କୁ କହିଲା—"ଆପଣ ଆସନ୍ତୁ ।"

ମହେନ୍ଦ୍ର ବାବୁ ନିର୍ଜୀବ ଭଳି ଶଗଡ଼ରୁ ଓହ୍ଲାଇ ଆସିଲେ, ତାଙ୍କ ପଛେ ପଛେ କୁମୁଦ । ମହେନ୍ଦ୍ର ବାବୁ ତଳକୁ ଓହ୍ଲାଇ ସଳଖି ଠିଆହୋଇ ଦେଖିଲେ—ଦଳାଇ ପଛରେ ଆଉ କେତେଜଣ ସବଳକାୟ ପୁରୁଷ ଏବଂ କେତେଜଣ ଅତି ସୁନ୍ଦରୀ ଯୁବତୀ । ସମସ୍ତଙ୍କ

Digitized by srujanika@gmail.com

ମୁହଁରେ ପ୍ରାଣ ଉଚ୍ଛୁଳା ହସ । କୁମୁଦକୁ ଅନ୍ୟ ଯୁବକଗୁଡ଼ିକ ଦେଖି କୁଣ୍ଢାଇ ପକାଇ ଖସି ଗପସପ ହେବାକୁ ଲାଗିଲେ । ମହେନ୍ଦ୍ର ବାବୁ ଦଣ୍ଡେମାତ୍ର ତାଙ୍କ ଗୃହ ପାଖରେ ରୁଣ୍ଡ ହୋଇଥିବା ଲୋକମାନଙ୍କୁ ଅନାଇଁ ଉପରକୁ ଅନାଇଁଲେ; କାହିଁ ସେହି ନୀଳ ଅନନ୍ତ ଆକାଶ, କାହିଁ ସେହି ତାରାପୁଞ୍ଜ ? କୁଆଡ଼େ କଠିନ ପଥରର ଗୁମ୍ଫା । ତାର ଭିତର ଦେଇ କେଉଁ ବାଟେ ପବନ ଆସୁଥିବାର ସୁସୁ ଗର୍ଜନ । ମହେନ୍ଦ୍ର ବାବୁଙ୍କ ଛାତି ହଠାତ୍ ଓ ଦ୍ରୁତଗତିରେ ଥରିବାକୁ ଲାଗିଲା । ତାଙ୍କୁ ଜଣାଗଲା—"ସେ ଯେପରି ଗୋଟାଏ ଦୁନିଆରୁ ଅନ୍ୟ ଦୁନିଆକୁ ଆସିଛନ୍ତି ।"

ତାଙ୍କର ଏହି ଆବାକାବା ଚାହାଣିରେ ଅନ୍ୟମାନେ ଦେଖି ହସିବାକୁ ଲାଗିଲେ । ଦଳାଇ କହିଲା—"ଏମାନେ ସମସ୍ତେ ଆଜିଠାରୁ ଆପଣଙ୍କର ସାଥି । ପରେ ସବୁ ଦେଖିବେ; ବର୍ତ୍ତମାନ ବହୁତ ରାତି ହେଲାଣି, ସ୍ୱାମୀବାବା ଅନାଇଁ ବସିଛନ୍ତି ଯେ !"

ଦଳାଇ ଓ ତାଙ୍କ ପାଖରେ ରୁଣ୍ଡ ହୋଇଥିବା ସମସ୍ତ ସ୍ତ୍ରୀ ପୁରୁଷ ତାଙ୍କୁ ମଝିରେ ପୂରାଇ ଆଗକୁ ଚାଲିଲେ । ମହେନ୍ଦ୍ର ବାବୁଙ୍କର କୌଣସି କଥା ପଚାରି ପକାଇବାପରି ଉପାୟରେ ତାଙ୍କ ତୁଣ୍ଡ ଫିଟୁ ନ ଥାଏ । ଗୁମ୍ଫା ପରେ ଗୁମ୍ଫା, କେତେ ଗୁମ୍ଫା, କେତେ ଗଳି ଦେଇ ଯେ ମହେନ୍ଦ୍ର ବାବୁଙ୍କୁ ସେମାନେ ଆଗେଇ ନେଲେ, ତାହା ମହେନ୍ଦ୍ର ବାବୁ କିଛି ବୁଝି ପାରିଲେ ନାହିଁ । ଗୁମ୍ଫା ଗୁଡ଼ିକ ପାହାଡ଼ ତଳେ ତଳେ ହୋଇଥିଲେ ବି ଆଲୁଅର ବେଶ୍ ବ୍ୟବସ୍ଥା ଥିଲା ।

ମହେନ୍ଦ୍ର ବାବୁ ଯେମାନଙ୍କ ସହିତ ଚାଲି ଚାଲି ଗୋଟିଏ ଖୁବ୍ ବଡ଼ ଗୁମ୍ଫା ଭିତରେ ପହଞ୍ଚି ଗଲେ । ସେ ଗୁମ୍ଫାଟି ପ୍ରାୟ ପାଞ୍ଚ ବଖରା ବଡ଼ ଘର ସଙ୍ଗେ ସମାନ ହେବ । ଧୂପ ଏବଂ ଲଣ୍ଠନ୍ ଦ୍ୱାରା ଘରଆଡ଼ ବେଶ୍ ଆଲୋକିତ । ମହେନ୍ଦ୍ର ବାବୁ କେବଳ ସ୍ୱପ୍ନ ଦେଖୁଥିଲା ଭଳି ସେ ପ୍ରକାଣ୍ଡ ଗୁମ୍ଫାଟିର ଚାରିଆଡ଼େ ଥରେ ଆଖି

Digitized by srujanika@gmail.com

ବୁଲାଇ ଆଣି ଦେଖିଲେ—"ଗୋଟାଏ ପାଖକୁ ମୁଗୁନି ପ୍ରସ୍ତରର ବରାଟ ଖଡ଼୍‌ଗଧାରିଣୀ କାଳୀମୂର୍ତ୍ତି । ବେକରେ ରକ୍ତମନ୍ଦାରଫୁଲର ମାଳ! । ତାଙ୍କ ମନ ହେଉଥିଲା ବଳି ପଡ଼ିବା ପୂର୍ବରୁ ଖୁବ୍ ଜୋରରେ ଚିତ୍କାର କରି ଟିକିଏ ହେଲେ ଶାନ୍ତିରେ ମରିବେ । କିନ୍ତୁ ସେ ବୃଥା ଚିତ୍କାର ଶୁଣିବ କିଏ ? ଏହି ପାତାଳ ପୁରୀରେ ବୃଥା ଚିତ୍କାର, ଏହି ପାତାଳ ପୁରୀରେହିଁ ଆବଦ୍ଧ ରହିବ ।

ମହେନ୍ଦ୍ର ବାବୁଙ୍କର ମନର ଭାବନାକୁ ଭାଙ୍ଗି ଦଳାଇ କହିଲା—"ଆପଣଙ୍କର ତ ଏ ଆଜିଠାରୁ ଘର, ଆଉ ଭାବୁଛନ୍ତି କଣ ? ମା'ଙ୍କ ଚରଣତଳେ ମୁଣ୍ଡ ଲଗାଇ ସ୍ୱାମୀ ବାବାଙ୍କୁ ନମସ୍କାର କରନ୍ତୁ ।" ଦଳାଇ ଆଗେ ଆଗେ ଗଲା, ମହେନ୍ଦ୍ର ବାବୁ ଦଳାଇ ପଛେ ପଛେ ଏବଂ ତାଙ୍କ ପଛରେ ଅନେକ ସ୍ତ୍ରୀ ଓ ପୁରୁଷ ।

ମା' ଖଡ଼୍‌ଗଧାରିଣୀଙ୍କ ଆଗରେ ଯେଉଁ କାପାଳିକ ଜଣକ ବସିଥିଲେ, ସେ ଅତି ବୃଦ୍ଧ ହେଲେ ବି ବେଶ୍ ସତେଜ ଦେଖା ଯାଉଥିଲେ । ମହେନ୍ଦ୍ର ବାବୁ ଦଳାଇର ନିର୍ଦ୍ଦେଶରେ ମା'ଙ୍କ ପାଖରେ ମୁଣ୍ଡ ଲଗାଇ, ସ୍ୱାମୀବାବାଙ୍କ ଚରଣ ତଳେ ମୁଣ୍ଡ ଲଗାଇଲେ । ସ୍ୱାମୀବାବା ଅତି ସ୍ନେହରେ ତାଙ୍କର ମୁଣ୍ଡରେ ହାତ ବୁଲାଇ କହିଲେ—"ଉଠ ବାବା !" ମହେନ୍ଦ୍ର ବାବୁ ଗୋଟାଏ ସାହସରେ ପକେଟରୁ କାଳୀ ଫଟଟି ଓ ଆଗରୁ କିଣି ରଖିଥିବା ଖଣ୍ଡେ ଲୁଗାକାଟି ତା'ଙ୍କ ପାଦ ପାଖରେ ରଖି ଦେଇ ଚୁପ୍ ହୋଇ ବସି ରହିଲେ ।

କ୍ଷଣକ ପାଇଁ ସ୍ୱାମୀବାବାଙ୍କ ମୁହଁରେ ହସ ଫୁଟିଉଠିଲା । ଘରଟି ଏକାବେଳକେ ନିଶବ୍ଦ । ଯେତେ ରହିଥିବା ସବୁ ପୁରୁଷ ସ୍ତ୍ରୀ ଚୁପ୍ ହୋଇ ବସିରହି ମହେନ୍ଦ୍ର ବାବୁଙ୍କ ଆଡ଼କୁ ଚାହିଁ ରହିଥାନ୍ତି । ଏଭଳି ନିଶବ୍ଦତା ଦେଖି ମହେନ୍ଦ୍ର ବାବୁଙ୍କୁ ଲାଗୁଥାଏ—ସ୍ୱାମୀ ବାବାଙ୍କ

Digitized by srujanika@gmail.com

ଆଦେଶକୁ ଯେପରି ଏମାନେ ଅନାଇଁ ବସିଛନ୍ତି । ସ୍ୱାମୀବାବାଙ୍କ ଆଦେଶ ପାଇଲା ମାତ୍ରେ ସ୍ତ୍ରୀଙ୍କ ଭିତରୁ ଜଣେ ଦୁଇଜଣ ତାଙ୍କୁ ଟାଣି ଟାଣି ନେଇ ଚଣ୍ଡୀଙ୍କ ଆଗରେ ଯୋଡ଼ା ହୋଇଥିବା ବଡ଼ ଅର୍ଗଳି ଭିତରେ ଯବରଦସ୍ତି ତାଙ୍କ ବେକକୁ ପୂରାଇ ଦେବ । ତା'ପରେ ଶେଷ··· । ଏମାନେ ସେହି ବିଭତ୍ସ ଦୃଶ୍ୟ ଦେଖିବାକୁ ଚାହିଁ ରହିଛନ୍ତି ।

ସ୍ୱାମୀବାବା ଖାଲି ଫଟଟି ଏବଂ ଛୁରିଟିକୁ ନେଇ ପାଖରେ ରଖିଲେ । ତା'ପରେ ସେ ଗୋଟିଏ ମୁଣି ଭିତରେ ହାତ ପୂରାଇ ମହେନ୍ଦ୍ର ବାବୁଙ୍କ ଆଡ଼େ ଅନାଇଁ କହିଲେ—"ବାବା, ତୁମେ ମୋର ଶିଷ୍ୟ ହେବାକୁ ଆସିଛ, ମୁଁ ଭାରି ଖୁସି ହେଲି । କିନ୍ତୁ ମୁଁ ଯାହା କରିବାକୁ କହିବି, ତୁମେ ତାହା କରି ପାରିବ ?"

ମହେନ୍ଦ୍ର ବାବୁଙ୍କର ସେ ଦିନ ମାଳଣୀ ତାଙ୍କୁ ଉପଦେଶ ଦେଇ ସତର୍କ କରି ଦେଇଥିବା ଗୋଟି ଗୋଟି ହୋଇ ମନେ ପଡ଼ିଗଲା । ସେ ଆଉ କ୍ଷଣେ ମାତ୍ର ବିଳମ୍ବ ନ କରି ବଡ଼ ସାହସରେ କହିଲେ— "ମୁଁ ଯେତେବେଳେ ଘର ଦ୍ୱାର ଛାଡ଼ି ମାଳଣୀଠାରୁ ଆପଣଙ୍କ ମହିମା ଶୁଣି ଶିଷ୍ୟ ହେବାକୁ ଆସିଛି, ସେତେବେଳେ ଆପଣ ଯାହା କହିବେ ମୁଁ ନିର୍ଭୟରେ ତାହା କରିବି ।"

ସ୍ୱାମୀବାବା ହାତରେ ଧୂଳି ଭଳି ସାମାନ୍ୟ ଟିକିଏ ଗୁଣ୍ଡ ଧରି ମହେନ୍ଦ୍ର ବାବୁଙ୍କୁ ହାତ ଦେଖାଇବାକୁ କହିଲେ । ମହେନ୍ଦ୍ର ବାବୁ ଡାହାଣ ହାତ ଚକଟରେ ତା'ନେଇ ସାରିଲା ପରେ, ସ୍ୱାମୀବାବା କହିଲେ—"ସେ କ'ଣ ବାବା ଜାଣ ? ସେ ହେଉଛି ହଳାହଳ ବିଷ । ପାଟିରେ ପକାଇଲା ମାତ୍ରେ ଜୀବନବାୟୁ ଉଡ଼ିଯିବ । ମୁଁ ଯଦି କହିବି—ତୁମେ ଏହାକୁ ପାଟିରେ ପକାଇ ଦିଅ, ତାହାହେଲେ ତୁମେ ପାରିବ ?"

Digitized by srujanika@gmail.com

ମହେନ୍ଦ୍ର ବାବୁ ମନରେ ଅତି ସାହସ ବାନ୍ଧି ନିର୍ଭୟରେ କହିଲେ—"ଏହି ସାମାନ୍ୟ କଥା ? ମଣିଷ ଥରେ ମାତ୍ର ମରେ, ଦୁଇଥର ମରେ ନାହିଁ । ଆପଣ ଆଦେଶ କରନ୍ତୁ—ଏହି ଦେଖନ୍ତୁ—ମୁଁ ପାଟିରେ ପକାଇଲି ।" ମହେନ୍ଦ୍ର ବାବୁ ସ୍ୱାମୀବାବାଙ୍କ ଆଦେଶକୁ ଅପେକ୍ଷା ନ କରି ହାତକୁ ପାଟି ପାଖକୁ ନେଲା କ୍ଷଣି, ସ୍ୱାମୀବାବା ତାଙ୍କ ହାତକୁ ହସି ହସି ଧରି ପକାଇ କହିଲେ—"ତୁମର ପରୀକ୍ଷା ଶେଷ ହୋଇଛି, ତୁମଭଳି ନିର୍ଭୟରେ ଜୀବନକୁ ମମତା ନ ରଖି ଏ ଭଳି କଥା କେହି କେବେ କହି ନାହିଁ, ତୁମେ ଆଜିଠାରୁ ମୋର ପ୍ରିୟପାତ୍ର ହେଲ । ସ୍ୱାମୀବାବା ମହେନ୍ଦ୍ର ବାବୁଙ୍କ ମୁଣ୍ଡରେ ହାତ ବୁଲାଇ ହସିବାକୁ ଲାଗିଲେ । ତାଙ୍କ ସଙ୍ଗେ ସଙ୍ଗେ ଏ ସବୁ ଘଟଣାକୁ ଅପେକ୍ଷା କରି ରହିଥିବା ସ୍ତ୍ରୀ ପୁରୁଷମାନଙ୍କର ଆନନ୍ଦ କୋଳାହଳରେ ପାହାଡ଼ ତଳେ ଥିବା ସେହି ବିରାଟ ଗୁମ୍ଫାଟି କମ୍ପିବାକୁ ଲାଗିଲା ।"

ଏତେବେଳେ ମହେନ୍ଦ୍ର ବାବୁଙ୍କ ମନରେ ଟିକିଏ ସାହସ ଆସିଲା । ସେ ଗୋଟାଏ ଦୀର୍ଘନିଶ୍ୱାସ ମାରି ମନେ ମନେ ଭାବିଲେ — ବଡ଼ ବିପଦରୁ ସେ ଉଦ୍ଧରିଛନ୍ତି । ମାଳତୀ ତାଙ୍କୁ ଖୁବ୍ ସାହାଯ୍ୟ କରିଛି । ସେ ଏ କଥା ମୂଳରୁ ତାଙ୍କୁ ନ ବତାଇଥିଲେ, ହୁଏତ ତାଙ୍କ ଗଣ୍ଡି ସଙ୍ଗରେ ମୁଣ୍ଡଟା ନ ଥାନ୍ତା ।

କିଛି ସମୟ ଆନନ୍ଦ କୋଳାହଳ ପରେ ସ୍ୱାମୀବାବା ଆଦେଶ ଦେଲେ—"ଆଜି ଡେରି କାହିଁକି ? ହୁଏତ ଡେରି ଆଜି ହୋଇ ଗଲାଣି, ପଙ୍ଗତ ବଢ଼ାଅ ।"

ସ୍ୱାମୀବାବାଙ୍କ ଆଦେଶ ପାଇବା ମାତ୍ରେ ସେଇଠି ଗୋଟାଏ ଧାଡ଼ିରେ ପୁରୁଷ ଏବଂ ଅନ୍ୟ ଧାଡ଼ିରେ ସ୍ତ୍ରୀମାନେ ବସିଗଲେ । ଅନ୍ୟ ଗୋଟିଏ ଗୁମ୍ଫାରୁ କୋଡ଼ିଏ ଜଣ ପୁଝାରୀ ପ୍ରାୟ କୋଡ଼ି ଛ'ଟି ହାଣ୍ଡିରେ ପ୍ରସାଦ ଆଣି ମଝିରେ ରଖିଲେ । ପଲଉ ଓ ମାଂସର ବାସନାରେ ସେହି ଗୁମ୍ଫାଟି

Digitized by srujanika@gmail.com

ମନ୍ଦକି ଗଲା । ମନଇଚ୍ଛା ସମସ୍ତଙ୍କ ପାଖରେ ତାହା ଦିଆଗଲା । ପ୍ରକୃତରେ ମହେନ୍ଦ୍ର ବାବୁ ଏଭଳି ଭଲ ଖାଦ୍ୟ ଅନ୍ୟ କେଉଁଠି ଖାଇଥିବେ ବୋଲି ତାଙ୍କର କାହିଁକି ମନେ ହେଲା ନାହିଁ । ସେହି ଖାଇବା ଭିତରେ ମହେନ୍ଦ୍ର ବାବୁ ତାଙ୍କ ଆଗ ଧାଡ଼ିରେ ବସିଥିବା ଯୁବତୀ ଗୁଡ଼ିକୁ ଚାହିଁବାରେ ଲାଗିଥାନ୍ତି । ସମସ୍ତେ ପ୍ରାୟ ସୁନ୍ଦରୀ ଯୁବତୀ । ମହେନ୍ଦ୍ର ବାବୁଙ୍କର ଅନାଇଁବାର ପ୍ରଧାନ ଉଦ୍ଦେଶ୍ୟ ଥାଏ—"ଉର୍ମିଳା ଏହା ଭିତରେ କିଏ ?" ହଠାତ୍ ଗୋଟିଏ ଯୁବତୀ ଉପରୁ ଥରକୁ ଥର ତାଙ୍କ ଆଖି ଫେରି ଆସିଲା । ତାଙ୍କର ମନେ ହେଲା—ପ୍ରାଣଧନ ବାବୁଙ୍କ ଘରେ ଟାଙ୍ଗି ତାଙ୍କୁ ଯେଉଁ ଫଟୋ ଦେଖାଇ ଥିଲା, ସେ ଚେହେରା ସଙ୍ଗରେ ଏ ଚେହେରା ପ୍ରାୟ ମିଶି ଯାଉଛି । କିନ୍ତୁ ସେ ଫଟୋ ଅପେକ୍ଷା ଏହାର ଚେହେରା ବର୍ତ୍ତମାନ ଆହୁରି ସୁନ୍ଦର ହୋଇ ଗଲାଣି ।

ତରୁଣୀଟିର ସେହି ରୂପ କାନ୍ତି; ମହେନ୍ଦ୍ର ବାବୁ ପ୍ରାଣଧନ ବାବୁଙ୍କ ଘରେ ଦେଖିଥିବା ଫଟୋଟି ସହିତ କେତେକ ପରିମାଣରେ ଖାପ ଖାଉ ନ ଥିଲେବି, ସେ ଯେ ନିଶ୍ଚୟ ପ୍ରାଣଧନ ବାବୁଙ୍କ ବିଧବା-ଝିଅ ଉର୍ମିଳା, ଏଥିରେ ତାଙ୍କର ଟିକିଏ ହେଲେ ସନ୍ଦେହ ରହିଲା ନାହିଁ । ମହେନ୍ଦ୍ର ବାବୁ ଭାବିନେଲେ—ତାର ରୂପରେ ଏପରି ପରିବର୍ତ୍ତନ ହେବାର ହୁଏତ ପ୍ରଧାନ ଉପାୟ ହେଉଛି, ସେ ଘର ଅପେକ୍ଷା ଏଠି ବେଶି ସୁଖ ଶାନ୍ତିରେ ଅଛି ।

ପଙ୍କ୍ତି ବର୍ତ୍ତିଲା । ସମସ୍ତେ ଉଠି ହାତ ଧୋଇଲେ । ମହେନ୍ଦ୍ର ବାବୁ ହାତ ଧୋଇବା ସଙ୍ଗେ ସଙ୍ଗେ ଦଳାଇ ମହେନ୍ଦ୍ର ବାବୁଙ୍କ ପାଖକୁ ଆସି କହିଲା—"ଆପଣ ବହୁତ ଅନିଦ୍ରା ହେଲେଣି, ଶୋଇବେ ଆସନ୍ତୁ ।" ଅନ୍ୟମାନେ ବି ମହେନ୍ଦ୍ର ବାବୁଙ୍କୁ ଦଳାଇ ସହିତ ଛଡ଼ି ପଠାଇ ଦେଲେ । ମହେନ୍ଦ୍ର ବାବୁ ଦଳାଇ ପଛେ ପଛେ ଯାଉଁ ଯାଉଁ ଭାବୁଥାନ୍ତି—ସମସ୍ତଙ୍କର ତାଙ୍କ ପ୍ରତି ଏତେ ଆଦର, ଏତେ ସ୍ନେହ କାହିଁକି ? ତାଙ୍କ ଦ୍ୱାରା ସେମାନଙ୍କର ଆଉ କି ଉପକାର ହେବ ।

Digitized by srujanika@gmail.com

ଦଲାଇ ମହେନ୍ଦ୍ର ବାବୁଙ୍କୁ ନେଇ କୁମୁଦ ପାଖରେ ଛାଡ଼ି ଦେଇ କହିଲା—"ନିଅ, ଏଙ୍କର ଶୋଇବାର ବନ୍ଦୋବସ୍ତ କରିଦିଅ ।" କୁମୁଦ ହସି ହସି ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ ଡାକିଲା—'ଆସନ୍ତୁ' । ମହେନ୍ଦ୍ର ବାବୁ ତା' ମୁହଁକୁ ଅନାଇଁ ହସିଦେଇ କହିଲେ —'ଚାଲ' ।

କୁମୁଦ ମହେନ୍ଦ୍ର ବାବୁଙ୍କ ପାଖକୁ ଲାଗି ଯାଉଁ ଯାଉଁ ହଠାତ୍ ମହେନ୍ଦ୍ର ବାବୁଙ୍କ ହାତକୁ ଟିପିଦେଇ କହିଲା—"ତମେ ପରା ମାଳଣି ଯେଉଁ ଉର୍ମିଳା କଥା କହୁଥିଲ ତାକୁ ଖୋଜୁଥିଲ ? ତାକୁ ବର୍ତ୍ତମାନ ତୁମ ପାଖକୁ ଡାକଦେବ ?"

ମହେନ୍ଦ୍ର ବାବୁ ଟିକଏ ନୀରବ ରହି ଆଦରରେ କୁମୁଦର ବାହାକୁ ଟିକଏ ଟିପିଦେଇ କହିଲେ -"ନା, ସେ କେଉଁଠି ଅଛି ବୋଲି ତୁମକୁ ପଚାରୁଥିଲି ନା ! ମୋର ତା ସହିତ ବର୍ତ୍ତମାନ କି କାମ ! ନିଦ ବି ଏହିକ୍ଷଣି ଖୁବ୍ ବେଶି ମାଡ଼ିଲାଣି, ତୁମେ ଯେଉଁଠି ରହିବ, ମୋତେ ସେଇଠି ଖଣ୍ଡେ ବିଛଣା ପାରିଦିଅ ।"

କୁମୁଦ କହିଲା—"ହଉ ଆସ ।" ମହେନ୍ଦ୍ର ବାବୁ ତା ପଛେ ପଛେ ଚାଲିଲେ । କୁମୁଦ ଗୋଟିଏ କୋଠରୀ ଭିତରକୁ ପଶିଗଲା । ମହେନ୍ଦ୍ର ବାବୁ ତା ଭିତରକୁ ପଶିଯିବା ସଙ୍ଗେ ସଙ୍ଗେ ଦେଖିଲେ—ଚାରିଜଣ ଯୁବତୀ ତାଙ୍କୁ ଦେଖି ବସିବାଠାରୁ ଉଠି ମୁହଁରେ ଲୁଗା ଦେଇ ତାଙ୍କ ଆଡ଼କୁ ଅନାଇଁ ହସୁଛନ୍ତି । ମହେନ୍ଦ୍ର ବାବୁ ଟିକଏ ସଙ୍କୋଚ ବୋଧ କଲାକ୍ଷଣି, କୁମୁଦ ଧୀରେ ଧୀରେ ତାଙ୍କ ପଛଆଡ଼କୁ ଆସି ମହେନ୍ଦ୍ର ବାବୁଙ୍କୁ ଏପରି ଠେଲିଦେଲା ଯେ, ମହେନ୍ଦ୍ର ବାବୁ ଏକରକମ ସେ ଯୁବତୀଗୁଡ଼ିକଙ୍କ ଉପରେ ଆଉଜି ପଡ଼ିଲେ । ମହେନ୍ଦ୍ର ବାବୁ ତରତର ହୋଇ ଉଠିପଡ଼ି ଲଜ୍ଜାରେ ବଡ଼ ବିବ୍ରତ ହୋଇ କୁମୁଦ ଆଡ଼େ ଅନାଇଁ କହିଲେ—"ତୁମେ କୁମୁଦ ଏଠି ବଡ଼ ଦୁଷ୍ଟ ହେଲଣି ।" ଅନ୍ୟ ଯୁବତୀଗୁଡ଼ିକ ଫେଁ ଫେଁ ହୋଇ ହସି ଉଠିଲେ ।

Digitized by srujanika@gmail.com

କୁମୁଦ ମହେନ୍ଦ୍ର ବାବୁଙ୍କ ଆଡ଼େ ଚାହିଁ କହିଲା—"ଏଇଠି ସେଇ-ମାନଙ୍କ ସଙ୍ଗରେ ହସି ଖୁସି ତୁମ ଦିନ ଆନନ୍ଦରେ କାଟିବ। ଏଠି ଏତେ ଲାଜକଲେ ଚଳିବ ନାହିଁ।" ମହେନ୍ଦ୍ର ବାବୁ ତଳକୁ ମୁଣ୍ଡ ପୋତି ହସି ହସି କହିଲେ—"ତା, ବୋଲି ଯେ···।"

କୁମୁଦ ମହେନ୍ଦ୍ର ବାବୁଙ୍କ ହାତ ଧରି କହିଲା—"ସେଇ ଖଟରେ ତୁମଲାଗି ବିଛଣା ହୋଇଛି, ଯାଇଁ ଶୁଅନ୍ତୁ। ମହେନ୍ଦ୍ର ବାବୁ ଯାଇଁ ତା' ଉପରେ ଗଡ଼ି ପଡ଼ିଲେ। କୁମୁଦ ଓ ଅନ୍ୟ ଯୁବତୀଗୁଡ଼ିକ କଣ ଚପ୍ ଚପ୍ କଥା ବାର୍ତ୍ତା ହୋଇ ଟିକି ଖିଲ୍ ହୋଇ ହସୁଥାନ୍ତି। କିନ୍ତୁ ମହେନ୍ଦ୍ର ବାବୁ ବେଶି ସମୟ ଆଉ ସେମାନଙ୍କର ଗପସପ ହସଦେଖି ପାରିଲେ ନାହିଁ। ସେ ଏତେ ଆଧିକ୍ୟ ବୋଧ କରୁଥିଲେ ଯେ ବିଛଣାରେ ପଡ଼ିବାର ଅଳ୍ପ ସମୟ ମଧ୍ୟରେ ନିଦଘୋଡ଼ି ନିଦରେ ଶୋଇପଡ଼ିଲେ। × × ×

ମହେନ୍ଦ୍ର ବାବୁ ପ୍ରାଣଧନ ବାବୁଙ୍କ ଘରୁ ଯିବାର ପ୍ରାୟ ଏକ-ମାସରୁ ବେଶି ହୋଇଗଲାଣି। ବେଳେ ବେଳେ ସୁରବାଳା ଝିଅ, ପ୍ରାଣଧନ ବାବୁଙ୍କୁ ପଚାରନ୍ତି—"ମହେନ୍ଦ୍ର ବାବୁ ପନ୍ଦରଦିନ ପାଇଁ କାମରେ କଲିକତା ଯାଇଥିଲେ, କାହିଁକି ଆଜଯାଏ ବି ତ ଫେରିଲେ ନାହିଁ?" ପ୍ରାଣଧନ ବାବୁ ବଡ଼ ଗମ୍ଭୀର ହୋଇ କହନ୍ତି—"ମୁଁ ତ କିଛି ଖବର ପାଉନାହିଁ। ଶୁଣିଲି, ସେ ସିଆଡ଼େ ସିଆଡ଼େ ବୁଲିକେଇ ଘରକୁ ଯାଉଛନ୍ତି। ଫେରିବା'କୁ ତାଙ୍କର ଡେରି ହୋଇ ପାରେ।" ମାଳତୀ କେଉଁଠି ଥାଏ, ଆସି ପହଞ୍ଚିଯାଇ କହେ ଏତେଦିନ ହେଲା କୁଆଡ଼େ ଯାଇଛନ୍ତି କେଜାଣି। ତାଙ୍କ ବାକ୍ସରେ ଉଇ ଧରି ଯାଇ-ଥିଲା। ମୁଁ ଆଜି ସକାଳେ ଘର ଓଳାଉ ଓଳାଉ ଦେଖିଲି। ବାକ୍ସ ଗୁଡ଼ାପାଖ ଝଡ଼ାଝଡ଼ି କରି ଅନ୍ୟ ଜାଗାରେ ଥୋଇଛି। ପ୍ରାଣଧନ ବାବୁ ଏ କଥା କହି ଅଫିସ୍ ଘରକୁ ଚାଲିଯାଆନ୍ତି। ମାଳତୀ ମନେମନେ ଖୁବ୍ ଖୁସି ହୋଇ ଧୀରେ ବେଶ୍ ହୋଇଛି। ମୋର କୌଶଳ ଏମାନେ କେହି ମାତ୍ର କେହି ଜାଣି ନାହାନ୍ତି। × × ×

Digitized by srujanika@gmail.com

ମହେନ୍ଦ୍ର ବାବୁଙ୍କର ତନ୍ଦ୍ରାଁ ଆରମ୍ଭ ଯେତେବେଳେ ନିଦ ଭାଙ୍ଗିଲା; ସେତେବେଳେ ସେ ଖଟ ଉପରେ ଉଠି ବସି ଅନୁମାନ କଲେ ବୋଧହୁଏ ଅନେକ ବେଳ ହୋଇ ଗଲାଣି । କିନ୍ତୁ ସୂର୍ଯ୍ୟ କିରଣ ତା' ଭିତରେ କେଉଁଠି ପଡ଼ୁଥିବାର ତାଙ୍କ ଆଖି ଆଗରେ ପଡ଼ିଲା ନାହିଁ । କେବଳ ମେଘୁଆପାଗ ଭଳି ଗୃହଆଡ଼ ଝାପ୍‌ସା ଅନ୍ଧାର । ମହେନ୍ଦ୍ର ବାବୁ କ୍ଷଣକାଳ ଏଣୁତେଣୁ ବସି ଭାବୁଛନ୍ତି । କୁମୁଦ ସେ ଘରକୁ ପଶି ଆସିଲା, ତା' ସଙ୍ଗେ ସଙ୍ଗେ ଆଉ ଗୋଟିଏ ଯୁବତୀ । ମହେନ୍ଦ୍ର ବାବୁ ସେ ଯୁବତୀଟି ଆଡ଼େ ଅନାଇଁ ଅନୁମାନ କରିନେଲେ, ସେ ଆଉ କେହି ନୁହେଁ—କାଲି ସେ ଯାହାକୁ ଊର୍ମିଳା ବୋଲି ଭାବିଥିଲେ, ଏ ହେଉଛି ସେହି ନିଶ୍ଚୟ । ସମସ୍ତେ ଗାଧୋଇ ସାରି ମୁଣ୍ଡ କୁଣ୍ଡାଇ ବଡ଼ ଚହଟିକା ଦେଖା ଯାଉଥାନ୍ତି ।

କୁମୁଦ ମହେନ୍ଦ୍ରବାବୁଙ୍କ ପାଖରେ ଠିଆ ହୋଇ ଯାଇଁ କହିଲା—"ଏମାନଙ୍କୁ ଦେଖି ଆପଣଙ୍କୁ ଲାଜ ମାଡ଼ୁଛି, ନୁହେଁ ?" ମହେନ୍ଦ୍ର ବାବୁ ଅନ୍ୟ ଯୁବତୀ ଦୁଇଟିଙ୍କ ଆଡ଼କୁ କଣେଇ ଚାହିଁ ମୃଦୁକ ହସି କହିଲେ—"ନା, ମୁଁ ତ ଏମାନଙ୍କୁ ଦେଖି ଲାଜ କରୁ ନାହିଁ । ମୁଁ ତ ବେଶ୍ ଜାଣିଛି—ଏମାନଙ୍କ ସହିତ ମୋତେ ସବୁ ଦିନପାଇଁ ଚଳିବାକୁ ପଡ଼ିବ । ତେବେ ନୂଆଲୋକ ଯେତେବେଳେ·····"

କୁମୁଦ କହିଲା—"ଏଇକ୍ଷଣି ତମର ଏ ନୂଆଲୋକଙ୍କ ସହିତ ଗପସପ କରିବେ, ନା ଗାଧୋଇ ଯିବେ ? ଦିନ ବହୁତ ହେଲାଣି ।"

ମହେନ୍ଦ୍ର ବାବୁ କହିଲେ—"ମୁଁ ତ ଦିନ ଏଠି କେତେ ଜାଣି ପାରୁନାହିଁ । ମୁଁ ତ ବହୁତ ସମୟ ଶୋଇ ପଡ଼ିଲି । ଆଗେ ଗାଧୋଇ ସ୍ୱାମୀବାବାଙ୍କ ଦର୍ଶନ କରି ଆସିଲେ, ତା ପରେ ଯାଇଁ ଯେଉଁ କଥା ।"

କୁମୁଦ କହିଲା—"ଉଠି, ଆସନ୍ତୁ ।"

Digitized by srujanika@gmail.com

ମହେନ୍ଦ୍ର ବାବୁ ଅନ୍ୟ ଦୁଇଟି ଯୁବତୀଙ୍କ ଆଡ଼କୁ ଅନାଇଁ କହିଲେ—"କିଛି ଭାବିବ ନାହିଁ, ନିଶ୍ଚୟ ଖାଇବେଳକୁ ଆସିବ, ମୁଁ ଏକବାରେ ଏଠି ନୂଆଲୋକ, ଗପସପ ନ ହେଲେ ଆଦୌ ଭଲ ଲାଗିବ ନାହିଁ।"

ତରୁଣୀ ଦୁଇଟି ମୁହଁରେ ଲୁଗା ଦେଇ ହସି ହସି କହିଲେ—"ନିଶ୍ଚୟ ଆସିବୁ।" ମହେନ୍ଦ୍ର ବାବୁ ସେ ଦୁଇଜଣଙ୍କ ଭିତରୁ ଜଣକୁ ଥରକୁଥର ଅନାଇଁ ଅନୁମାନ କରୁଥିଲେ ଯେ ଏ ନିଶ୍ଚୟ ପ୍ରାଣଧନ ବାବୁଙ୍କ ଝିଅ ଉର୍ମିଳା ଛଡ଼ା ଅନ୍ୟ କେହି ନୁହେଁ। ଏଠି କେବଳ ମନର ଆନନ୍ଦରେ ତାହାର ଚେହେରା ଏତେ ସୁନ୍ଦର ହୋଇ ଯାଇଛି।

କୁମୁଦ ଆଗେ ଆଗେ ଚାଲିଲା। ମହେନ୍ଦ୍ର ବାବୁ ପଛେ ପଛେ ଚାଲିଲେ। ପାହାଡ଼ତଳେ କେତେ ଗଳିବାଟ ତା'ର ଠିକଣା ନାହିଁ। ମହେନ୍ଦ୍ର ବାବୁଙ୍କୁ ଲାଗୁଥାଏ—"ସତେ ଯେପରି ସେ ଦୁନିଆ ଛାଡ଼ି ଅନ୍ୟ ଏକ ଦୁନିଆକୁ ଆସିଛନ୍ତି। ମହେନ୍ଦ୍ର ବାବୁ ଯାଉଁ ଯାଉଁ କେତେ ସ୍ତ୍ରୀଲୋକ ମଧ୍ୟ ତାଙ୍କୁ ଦେଖି କୁମୁଦକୁ କହୁଥାନ୍ତି—"ଏ ବାବୁଙ୍କୁ କେଉଁଠୁ ଆଣିଛୁ? ଏତେ ଭାରି ଲାଜକୁଳା, କାହା ସହିତ କଥାବାର୍ତ୍ତା କରୁ ନାହାନ୍ତି।"

କୁମୁଦ କହେ—"ସେ ଲାଜକୁଳା କାହିଁକି ହେବେ? ନୂଆ ଲୋକ, କାଲି ରାତିରେ ତ ଆସିଛନ୍ତି। ଯାଉ ଦୁଇ ତିନି ଦିନ, ଦିନରାତି ଯଦି ତୁମ କାନ ଧରି ନ ଟାଣିବେ, ତାହାହେଲେ ମୋତେ କହିବ।" ସମସ୍ତେ କର୍ କର୍ ହୋଇ ହସି ଉଠନ୍ତି। ମହେନ୍ଦ୍ର ବାବୁ ଆବାକାବା ହୋଇ ତଳକୁ ମୁହଁ ପୋତି ବାଧହୋଇ ଟିକିଏ ହସି ଚାଲିଥାନ୍ତି କୁମୁଦ ପଛେ ପଛେ।

ହଠାତ୍ କୁମୁଦ ଠିଆ ହୋଇ ଯାଇ କହିଲା—"ଆପଣ ନିଜର କାମ ସାରନ୍ତୁ। ଏଇବାଟେ ପାଇଖାନା, ନିଅନ୍ତୁ—ହେଇ ଦାନ୍ତକାଠି।"

Digitized by srujanika@gmail.com

ମହେନ୍ଦ୍ର ବାବୁ ଦାନ୍ତକାଠି ଖଣ୍ଡିକ କୁମୁଦ ହାତରୁ ଆଣି ଆଗକୁ ଅନାଇଁଲେ—"ପଥର କଟାହୋଇ ଖୁବ୍ ଗୋଟାଏ କୁଣ୍ଡଭଳି ହୋଇଛି, ଆଉ କୁଣ୍ଡ ଭିତରେ ସେହି ପାହାଡ଼ର ଏକ ଶ୍ରେଷ୍ଠ ଝରଣାରୁ ପାଣି ଅନବରତ ଗୁପ୍ ଗୁପ୍ ହୋଇ ପଡ଼ୁଛି ।

ମହେନ୍ଦ୍ର ବାବୁ ଝରଣାଟି କେଉଁଠୁ ବହି ଆସିଛି ଜାଣିବାକୁ ଖୁବ୍ ନିରୀକ୍ଷଣ କରି ଉପରକୁ ଚାହିଁଲେ କିନ୍ତୁ କିଛି ଦେଖାଗଲା ନାହିଁ, ଉପରକୁ ଉପର ଅନ୍ଧାର । ଶେଷକୁ ନିଜର ନିତ୍ୟକର୍ମ ସାରି କୁମୁଦ ସଙ୍ଗରେ ଫେରି ଆସିଲେ ।

ପ୍ରାୟ ଦିନ ଦୁଇଟା ବେଳ ହେବ । ମହେନ୍ଦ୍ର ବାବୁ ନିଜର ଘଡ଼ିଟାକୁ ଦେଖି ସମୟ ଜାଣିବା ଛଡ଼ା ଅନ୍ୟ ଉପାୟରେ ସମୟ ଜାଣିବାର ଆଉ କୌଣସି ଉପାୟ ନ ଥିଲା । ସବୁବେଳେ ସେ ସବୁ ଗୁମ୍ଫାଗୁଡ଼ିକ ଏକରକମ ଝାପ୍‌ସା ଅନ୍ଧାରିଆ । ମହେନ୍ଦ୍ର ବାବୁ ଖାଇସାରି ସେଇ ଶୋଇବା ଖଟ ଉପରେ ପଡ଼ି ଗଡ଼ପଡ଼ ହେଉଛନ୍ତି । କଳ୍ପନାରେ ତାଙ୍କ ମନ ଦୋହଲିଯାଉ । କିପରି ସେ ଏହି ଡକାୟତ ଦଳକୁ ଧରାଇ ପକାଇବେ; ସେହି ଉପାୟ ଖୋଜିବାରେ ସେ ଲାଗି ପଡ଼ିଛନ୍ତି । ହଠାତ୍ ତାଙ୍କର ଭାବନାକୁ ଭଙ୍ଗି ସକାଳେ ଯେଉଁ ଦୁଇଜଣ ଯୁବତୀ ତାଙ୍କ ପାଖକୁ ଆସିଥିଲେ ସେହି ଦୁଇଜଣ ଯାକ ଘର ଭିତରକୁ ହସ ହସ ମୁହଁରେ ପଶି ଆସିଲେ । ମହେନ୍ଦ୍ର ବାବୁ ସେ ଦୁହିଁଙ୍କ ଭିତରୁ ଜଣକର ନାମ ଯେ ଊର୍ମିଳା; ଏଥିରେ ତାଙ୍କର ତିଳେ ମାତ୍ର ସନ୍ଦେହ ନ ଥିଲା । ଅନ୍ୟ ଜଣକର ନାଁ ସେ ଜାଣି ନ ଥିଲେ ।

ଦୁଇଜଣଯାକ ଯୁବତୀ ତାଙ୍କ ଖଟ ପାଖରେ ଠିଆ ହେବା ସଙ୍ଗେ ସଙ୍ଗେ ମହେନ୍ଦ୍ର ବାବୁ ମୁରୁକି ହସି କହିଲେ—"ଠିଆ ହେଲ କାହିଁକି ? ଖଟ ଉପରେ ଆସି ବସୁ ନା ।" ଜଣେ ଜଣକୁ ଠେଲା ଠେଲି ହୋଇ ଦୁହେଁଯାକ ଯାଇଁ ମହେନ୍ଦ୍ର ବାବୁଙ୍କ ଦୁଇପାଖରେ

Digitized by srujanika@gmail.com

ବସିଲେ । ମହେନ୍ଦ୍ର ବାବୁ ଦୁଇପାଖଙ୍କୁ ଦୁହିଁଙ୍କ ମୁହଁକୁ ଚାହିଁ କହିଲେ— "ମୋର ଜୀବନ ଆଜି ତମମାନଙ୍କ ପାଇଁ ସାର୍ଥକ ହୋଇଛି । ଆଗରୁ ଯଦି ଏତେ ସୁଖ ଶାନ୍ତି ଅଛି ବୋଲି ମୁଁ ଖବର ପାଇଥାନ୍ତି, ତାହା-ହେଲେ ଆହୁରି ଆଗରୁ ଏଠିକୁ ଚାଲି ଆସିଥାନ୍ତି । ଦୁଇଟିଯାକ ଯୁବତୀ କରି କରି ହୋଇ ହସିବାକୁ ଲାଗିଲେ ।"

କୁମୁଦ ହଠାତ୍ ସେ ଘରେ ପହଞ୍ଚି ଯାଇଁ ହସି ହସି କହିଲା— "ବାଃ, ଇମିତି ସବୁ ବସିବାକୁ ସାହସ ହୋଇଗଲାଣି ନା ? ହଉ, ତମେ ବସ, ଏହା କହି ମହେନ୍ଦ୍ର ବାବୁଙ୍କ ବାଁ ପାଖରେ ବସିଥିବା ତରୁଣୀଟିକୁ ହାତ ଠାରି ଏଠୁ ଆସିବାକୁ ଡାକିଲା ।" ତରୁଣୀଟି ହସି ହସି ସେଠୁ ପଦାକୁ ବାହାରି ଆସିବା ସଙ୍ଗେ ସଙ୍ଗେ କୁମୁଦ କବାଟ ଆଉଜେଇ ଦେଇ ଅନ୍ୟଆଡ଼େ ଦୁହେଁଯାକ ସାଙ୍ଗ ହୋଇ ଚାଲିଗଲେ ।

ମହେନ୍ଦ୍ର ବାବୁ କୁମୁଦର ଏ ସବୁ ରହସ୍ୟ ଦେଖି ସାରି କହିଲେ—"ତମେ ମତେ ଚିହ୍ନିନା ? ମୁଁ ତ ତମକୁ ଚିହ୍ନିଛି, ମାଳତୀ ଠାରୁ ସବୁ କଥା ଶୁଣିଛି, ତମେ ଯାହା କରିଛ । ମଣିଷ ସୁଖ ଶାନ୍ତିରେ ରହିବାକୁ ଦୁନିଆକୁ ଆସି କାହିଁକି ଏତେ କଷ୍ଟ ପାଇବ ? କେବଳ ତମରି ପାଇଁ ମାଳତୀ କଥାରେ ପଡ଼ି ମୁଁ ଏଠାକୁ ଆସିଛି, ତୁମେ ମୋର ସବୁ ।"

ଉର୍ମିଳା ମହେନ୍ଦ୍ରବାବୁ ଆଡ଼କୁ କଡ଼େଇ ଚାହିଁ ହସି ହସି କହିଲା—"ତମେ ମିଛ କୁହ ବା ସତ କୁହ, ତମକୁ ଦେଖିଲା ବେଳୁ ମୋ ମନଟା ତୁମରି ଆଡ଼କୁ ଆଉଜି ଯାଉଛି ।" ମହେନ୍ଦ୍ର ବାବୁ କହିଲେ—"ତମ ମନ ଜାଣି ତମକୁ ସେଦିନ ପଙ୍ଗତରେ ଦେଖିବା-ବେଳଠୁ ତମରି ଆଡ଼କୁ ମୋ ମନ ଢଳି ପଡ଼ିଥିଲା । ମହେନ୍ଦ୍ର ବାବୁ ଉର୍ମିଳାକୁ ନିଜ ଆଡ଼କୁ ଆଉଜେଇ ଆଣିଲେ ।

× × × ×

Digitized by srujanika@gmail.com

ଆଠଦିନ ବିତି ଗଲାଣି । ଏଥି ମଧ୍ୟରେ ଦଳାଇ ମହେନ୍ଦ୍ର ବାବୁଙ୍କଠାରୁ ବିଦାୟ ନେଇ, ସେହି ମଠକୁ ଚାଲିଯାଇଛନ୍ତି । ସେ ଦିନ ଖିଆବେଳେ, ମହେନ୍ଦ୍ର ବାବୁ ଓ ଊର୍ମିଳା ଖଟ ଉପରେ ବସି ମଧୁର ଗପସପ ହେଉଛନ୍ତି । କୁମୁଦ ସେ ଘରକୁ ପଶି ଆସି ଖଟ ଉପରେ ଯାଇଁ ବସିଲା । ମହେନ୍ଦ୍ର ବାବୁ ଥଟ୍ଟାରେ ହସି ହସି କହିଲେ—"ତମେ କାହିଁକି ଏ ଘରକୁ ଆସିଲ ?" କୁମୁଦ ଟିକିଏ ହସି କହିଲା—"ଆଜି କେବଳ ଥରକ ପାଇଁ ତ ଆସୁଛି, ଆଉ କ'ଣ ଆସିବି ଯେ ! ମୁଁ ତ ଆଜି ଚାଲି ଯାଉଛି ।"

ମହେନ୍ଦ୍ର ବାବୁ ଶୋଇବା ଅବସ୍ଥାରୁ ଉଠି ଚଡ଼ କହିଲେ—"କୁଆଡ଼େ ଯିବ ?"

କୁମୁଦ କହିଲା—"ଯେଉଁଠୁ ଆସିଥିଲି, ସେଇଠିକୁ ଯିବି । ଆଠଦିନ ହେଲା ଆସିଲିଣି ଯେ ! ଆପଣଙ୍କ ଜିମା ଏ ଊର୍ମିଳାକୁ ରଖି ଦେଇଗଲି । ସେ ମୋର ଧର୍ମ ସାଙ୍ଗ ଆପଣଙ୍କର ସବୁ ଖବର ସେ ବୁଝିବ ଯେ ।"

ମହେନ୍ଦ୍ର ବାବୁ ମନରେ ଦୁଃଖ କଲାଭଳି କହିଲେ—"ତୁମେ ଚାଲିଯିବା କଥା ଶୁଣି ବଡ଼ ଦୁଃଖ ଲାଗୁଛି, ପୁଣି କେବେ ଆସିବ ?"

କୁମୁଦ ଊର୍ମିଳା ଆଡ଼କୁ ଅନାଇଁ କହିଲା—"ଗ୍ରହଣ କେବେ ଲାଗିବ, ସ୍ୱାମୀବାବାଙ୍କଠାରୁ କିଛି ଶୁଣିଥିଲୁ ଭଉଣୀ ?"

ଊର୍ମିଳା ଟିକିଏ ହସି ଦେଇ କହିଲା—"ହଁ ସେଦିନ ତ ସ୍ୱାମୀ-ବାବା କହୁଥିଲେ—ଆଉ ତେଣିକେ ଦେଢ଼ ମାସ ଅଛି । ସେଥିପାଇଁ ତ ଆଗରୁ ସବୁ ଯୋଗାଡ଼ ଆରମ୍ଭ ହୋଇଗଲାଣି ।"

କୁମୁଦ ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ କହିଲା—"ଦେଢ଼ ମାସ ପରେ ଆସିବି । ସେଦିନ ଏନାଭିଟାରେ ମଉଜ ମଜଲିସର ଧୂମ ଲାଗିବ । ଚନ୍ଦ୍ରଗ୍ରହଣ, ମାଆଙ୍କର ପୂଜା, ଦଳାଇ ବି ଆସିବ ଯେ !"

Digitized by srujanika@gmail.com

ମହେନ୍ଦ୍ରବାବୁ କୁମୁଦ ଓଠଟିକୁ ଧରି ପକାଇ କହିଲେ—"ତମରି ଇଚ୍ଛା, ତମେ ମୋତେ ସବୁ ବିପଦରୁ ରକ୍ଷା କରିଛ । ଯଦି ତମରି ମୁଁ ମନେ ଥିବ, ତାହାହେଲେ ଦସ୍ୟୁ କରି ନିଶ୍ଚୟ ଆସିବ ।"

କୁମୁଦ ହସି ହସି କହିଲା—"ତମେ ଉର୍ମିଳାକୁ ପାଇ ମୁଁ ମନେ ନ ରହିପାରେ । ମୁ କାହିଁକି ଭୁଲିଯିବି ?"

ମହେନ୍ଦ୍ର ବାବୁ ହସିଲେ ।

କୁମୁଦ କହିଲା—"ମୁଁ ଅନ୍ୟମାନଙ୍କ ପାଖରୁ ବିଦାୟ ନେଇ ଆସେ, ଯିବା ପୂର୍ବରୁ ପୁଣି ଥରେ ଆସିବି ଯେ ।"

କୁମୁଦ ଚାଲିଗଲା । ମହେନ୍ଦ୍ର ବାବୁ ଉର୍ମିଳାକୁ ପଚାରିଲେ ସେଦିନ ମାଆଙ୍କର କି ପୂଜା କି ? ମଉଜ ମଜଲିସ୍‌ରେ ଏଠି ଧୂମ୍ ଲାଗିବ ?

ଉର୍ମିଳା ଚୁପ୍‌ଚାପ୍ କହିଲା—"ସେ ସବୁ ବହୁତ କଥା, ଏଇକ୍ଷଣି କହିବା ବେଳ ନୁହେଁ । ଆପଣ ନୂଆଲୋକ, କାଲେ ଡରିଯିବେ । ସେଇଥିପାଇଁ ଆଜି ରାତିରେ ଶୋଇବାବେଳେ ମୁଁ କହିବି ।"

ମହେନ୍ଦ୍ର ବାବୁ କହିଲେ—'ହଉ ।'

× × × ×

ସେଦିନ ସନ୍ଧ୍ୟାବେଳେ ମାଆଙ୍କ ଓ ସ୍ୱାମୀବାବାଙ୍କର ଦର୍ଶନ କରି ଆସିବା ସଙ୍ଗେ ସଙ୍ଗେ ସେଠାରେ ଥିବା ଅନ୍ୟ ଲୋକମାନେ ତାଙ୍କୁ ଅନ୍ୟ ଏକ ଗୁମ୍ଫାକୁ ଡାକି ନେଇଗଲେ । ଖୁବ୍ ବଡ଼ ଗୁମ୍ଫାଟିଏ, ଆଲୁଅର ଭଲ ବ୍ୟବସ୍ଥା ଅଛି । ଗୁମ୍ଫାର ଗୋଟିଏ କଣ ପାଖକୁ ପୁରି ମଦ ବୋତଲ ଦଶ ବାରଟା ଥୁଆ ହୋଇଛି । ସେଇଠି ହମସ୍ତେ ବସିଲେ । ତା' ଭିତରୁ ଜଣେ ବିଶାଳକାୟ ଲୋକ ଆଗକରି ହସି ହସି କହିଲା—"ମୁଁ ବାବୁ ତମ କଥା ଆଗରୁ ଜାଣିଛି । ପ୍ରାଣଧନ ବାବୁ

Digitized by srujanika@gmail.com

ଘରକୁ ମୁଇଁ ଯାଇଥିଲି, ଟଙ୍କା ଗହଣାପତ୍ର ମୁଁ ନେଇ ଆସିଛି, ତମକୁ ତ କାହିଁକି ସେ ଦିନ ତାଙ୍କ ଘରେ ଦେଖିଲି ପରି ମନେ ହେଉ ନାହିଁ ?"

ମହେନ୍ଦ୍ର ବାବୁ ଦଣ୍ଡକେ ସବୁକଥା ବୁଝିନେଇ ମୁରୁକି ହସି କହିଲେ—"ମୁଁ ବୋଧହୁଏ ନ ଥିବି, ଟାଉନ୍ ବାହାରକୁ କୁଆଡ଼େ ଯାଇଥିବି । ଆପଣମାନଙ୍କ ଯିବା ଆଗରୁ ମାଳତୀ ସହିତ ମୋର ବେଶ୍ ପଡ଼ୁଥିଲା । ଗୁରୁଦିନ ପରେ ମୁଁ ଫେରିଆସି ସବୁ ଘଟଣା ଶୁଣିଲି ।ସେ-ଦିନ ରାତିରେ ମାଳତୀ ବି ସବୁକଥା ମୋ ଆଗରେ କହିଲା । ଯୋଗକୁ ମୁଁ ଯଦି ଥାଆନ୍ତି, ଆଉ ମାଳତୀ ମୋତେ ଟିକିଏ ସବୁ କଥା ଇସାରା ଦେଇଥାନ୍ତା; ତାହାହେଲେ ମୁଁ ତାଙ୍କର ଘରେ ଅସଲ ମାଲ ଯେଉଁଠି ଅଛି, ତା' ଦେଖାଇ ଦେଇଥାନ୍ତି ।" ସେମାନଙ୍କ ଭିତରୁ ଆଉ ଜଣେ ଗ୍ଲାସଟାରେ ମଦ ଢାଳି ତାଙ୍କ ହାତ ପାଖକୁ ବଢ଼ାଇ ଦେଇ କହିଲା—'ପିଅନ୍ତୁ ।' ମହେନ୍ଦ୍ରବାବୁ ଟିକିଏ ସଂକୋଚ ହେଲାରୁ ତାଙ୍କ ସଙ୍ଗରେ କଥାବାର୍ତ୍ତା କରୁଥିବା ଲୋକଟି କହିଲା—"ଏହି ସାମାନ୍ୟକୁ ଡରୁଛନ୍ତି ନା ? ପିଅନ୍ତୁ ।"

ମହେନ୍ଦ୍ର ବାବୁ ବଡ଼ ନରମ ଗଳାରେ କହିଲେ—ମୁଁ ତ ଆସ୍ତେ ଆସ୍ତେ ଅଭ୍ୟାସ କରୁଛି, ଆପଣ ପିଅନ୍ତୁ । ତା' ପରେ ମୋତେ ଆଉ ଥରେ ସାମାନ୍ୟ ଟିକିଏ ଦେବେ । ଯେ ଲୋକଟି ବଢ଼ାଇ ରହିଥିବା ଲୋକଟି ହସ୍ତରୁ ମଦ ଗ୍ଲାସଟି ନେଇ ମୁହୂର୍ତ୍ତକ ମଧ୍ୟରେ ଶେଷକରି ମୁଖ ବକ୍ରିତ କରି କହିଲା—"ମୋ ନାଁ କଣ ବାବୁ ଜାଣେ ? ତାରିଣି ହି ।" ସେଠି ଥୁଆ ହୋଇଥିବା ବୋତଲରୁ ଏକାଥରେ ଢୋକଟା ଉଠେଇ ଦେଇ—"ମୋର କଷ୍ଟ ହେବ ନାହିଁ, ଏମିତି ଭଲ କଥାବାର୍ତ୍ତା କରୁଥିବ ।"

ମହେନ୍ଦ୍ରବାବୁ ବିସ୍ମିତ ହୋଇ ହସିଲେ । ତା' ପରେ ମହେନ୍ଦ୍ର ବାବୁ ମଧ ବାଧ ହୋଇ ଟିକିଏ ପିଇସାରି କହିଲେ—"ସହରରେ

Digitized by srujanika@gmail.com

ଅନେକ ଜାଗାରେ ଅନେକ ବଡ଼ଲୋକଙ୍କ ଘରେ ବହୁତ ଧନ ସମ୍ପଦ ଅଛି । ଆପଣ ତାର ସନ୍ଧାନ ପାଇ ନାହାନ୍ତି, ମୁଁ ବତାଇ ଦେବି । ତାହାଶୁଣି ହସି ହସି ହାତ ହଲାଇ କହିଲା—"ମାଳଣିଠାରୁ ଏଇସବୁ ଶୁଣି ତ ଆପଣଙ୍କୁ ଆଣିବା ପାଇଁ ଏତେ ଯୋଗାଡ଼ଯନ୍ତ୍ର କରିଛୁ । ଯାହାହେଉ ମା'ଙ୍କ ଦୟାରୁ ଆମ ଆଶା ସଫଳ ହେବ ।"

ମହେନ୍ଦ୍ର ବାବୁ ବଡ଼ ଗମ୍ଭୀର ହୋଇ କହିଲେ—"ମୁଁ ଭଲକରି ଜାଣିଛି ଯେ, ବକ୍ସିବଜାରଟର ଜଣେ ଗୁଡ଼ିଆ ଘରେ ବହୁତ ସୁନା ରୂପା ନଗଦ ଟଙ୍କା ଅଛି । ତା ଛଡ଼ା ମହାନଦୀକୂଳେ ଜଣେ କଛି ଗୋଟାଏ ବଙ୍ଗଳା ଭଡ଼ା ନେଇଅଛି, ସେ ବଡ଼ ବଡ଼ କଣ୍ଟ୍ରାକ୍ଟର କାମ କରେ । ତା' ପାଖରେ କଣ କମ ଟଙ୍କା ଅଛି ! ଏଇ ଦୁଇ ଜାଗାରୁ ଆଣି ପାରିଲେ ଆମର ଯଥେଷ୍ଟ ହୋଇଯିବ । ମୋ ବିଚାରରେ ମହାନଦୀକୂଳେ ସେ କଛି ଘରଟାକୁ ଆଗେ ଦେଖିବା ଭଲ । ରାତିରେ ଆଲୁଅ ଜାଳି ଆଣିଲେ ବି କେହି କହିବାକୁ ନାହିଁ । ତା ଘରେ ପୁଅଝିଅ ଚାକର ମଧ୍ଯ ଛ' ସାତ ଜଣରୁ ବେଶି ପାଏ ନାହାନ୍ତି ।"

ମହେନ୍ଦ୍ର ବାବୁ ସେମାନଙ୍କୁ ମହାନଦୀକୂଳେ ଯେଉଁ କଛି କଣ୍ଟ୍ରାକ୍ଟର କଥା କହିଲେ ସେ ପ୍ରକୃତରେ କଛି ନୁହେଁ କି କଣ୍ଟ୍ରାକ୍ଟର ନୁହେଁ, ପୋଲିସ୍ ସାହେବଙ୍କ ଘର ।

ମହେନ୍ଦ୍ର ବାବୁ ଏକଥା କହିସାରି ମନେ ମନେ ଭାବି ନେଲେ—ଏମାନଙ୍କୁ ଯେଉଁ ସୁନା ରୂପାର ଲୋଭ ଦେଖାଇଲି ବୋଧହୁଏ ତାହା ବିଫଳ ହେବ ନାହିଁ । ଅନ୍ତତଃ କମ୍‌ରେ ସୁନାର ଗହଣା ଇତ୍ୟାଦି ମିଶାଇଲେ ନିଶ୍ଚୟ ଦଶ ହଜାର ଟଙ୍କାରୁ କମ୍ ମିଳିବ ନାହିଁ । ସେଇଠି ତାଙ୍କ କାମ ସେ କରିଦେଇ ଆସିବେ । ତେଣିକି ଭଗବାନ୍ ଭରସା ।

Digitized by srujanika@gmail.com

ସେତେବେଳେ ମଦ ଖାଇ ସମସ୍ତେ ଢଳୁଥିଲେ । କେତେ-ରକମ ବାହାଦୁରୀ କଥା ସେମାନଙ୍କ ପାଟିରୁ ଅନବରତ ବାହାରୁଥିଲା । ତାରସିଂହ ନିଶା ଜୋରରେ ନିଶରେ ହାତ ମାରି କହିଲା—"ମୁଁ ସର୍ଦ୍ଦାର । ତମର କଥା ବାବୁ ପ୍ରଥମ ଥର କରିବା, କ'ଣ ମିଳୁଛି ଦେଖାଯାଉ । ଏଇ ଦି' ଚାରିଦିନ ମଧ୍ୟରେ ଆଉ ଯାଇ ହେବ ନାହିଁ । ଅନ୍ୟଆଡ଼େ କାମ ଅଛି । କାଲି ତମେ ବାବୁ ଆମ ସଙ୍ଗରେ ଚାଲ, କେତେ କଥା ଶିଖିବ; ତମେ ନୂଆ ଲୋକ କି ନା ।"

ମହେନ୍ଦ୍ର ବାବୁ କହିଲେ —"ମୋତେ ତ ଇମିତି ବସି ରହିବାକୁ ସୁଖ ଲାଗୁ ନାହିଁ ।"

ତାରସିଂହ ନିଶରେ ହାତ ମାରି କହିଲା—"ତମେ ବାବୁ ଖୁବ୍ ଭଲଲୋକ ! କିଛିଦିନ ମଉଜ ମଜଲିସ୍‌ରେ ଦିନ କାଟ । ମାଆଙ୍କ ଦୟାରୁ ଆମର କ'ଣ ସମ୍ପତ୍ତି କମିଯାଉଛି ? ଖୁବ୍ ଦେଇଛନ୍ତି, ମାଆ ଆମକୁ ଖୁବ୍ ଦେଇଛନ୍ତି, ତୁମେ ମାଆଙ୍କର ଧନରତ୍ନ ଦେଖି ନାହିଁ ପରା ? ଆସ ମୋ ସଙ୍ଗରେ ।" ମହେନ୍ଦ୍ର ବାବୁ ପାହାଡ଼ ତଳେ ଏମାନେ କେତେ ଧନ ସମ୍ପତ୍ତି ରଖିଛନ୍ତି ଦେଖିବାକୁ ସେହି ତାରସିଂହ ପଛେ ପଛେ ଗଲେ । କେତେ ଅନ୍ଧାରିଆ ଗଳି ଭିତରେ ହାମୁଡ଼େଇ ହାମୁଡ଼େଇ ଯାଇଁ ଗୋଟାଏ ଜାଗାରେ ପହଞ୍ଚିଲେ । ସେଠି ବେଶ୍ ମୁଣ୍ଡ ଟେକ ଠିଆହୋଇ ହେବ । ତାରସିଂହ କହିଲା—"ଏଇ ଡିଆସିଲଟା ନେଇ ଗୋଟାଏ କାଠି ମାରିଲ ବାବୁ ?" ମହେନ୍ଦ୍ର ବାବୁ ତାହା ହାତରୁ ଡିଆସିଲଟା ନେଇ କାଠିଟାଏ ମାରିଦେଲେ । ଆଲୁଅରେ ସେହି ଗୁମ୍ଫାଟି ଆଲୋକିତ ହୋଇ ଉଠିଲା । ତାରସିଂହ ସେଠାରେ ତେଲ ପୂର୍ଣ୍ଣ ଗୋଟିଏ ଦୀପକୁ ନିର୍ଦ୍ଦେଶ କରି କହିଲା—"ସେଇଟି ଲଗାଇଦିଅ ।"

ମହେନ୍ଦ୍ର ବାବୁ ତରତର କରି ସେହି ଦୀପଟି ଲଗାଇ ଦେଲେ ।

Digitized by srujanika@gmail.com

ଗୁମ୍ଫାଟି ଆଲୋକିତ ହୋଇ ଉଠିବା ସଙ୍ଗେ ସଙ୍ଗେ ମହେନ୍ଦ୍ର ବାବୁ ଚାରିପାଖକୁ ଅନାଇଲେ ଖାଲି ମାଙ୍କଡ଼ା ପଥରକଟା ହୋଇ ଗୁମ୍ଫା ହୋଇଛି । ଆଗରେ ଗୋଟିଏ ଛୋଟ ଅନ୍ଧାରିଆ ସୁଡ଼ଙ୍ଗ ତାରସିଂହ ତାଙ୍କ ମୁହଁ ଆଡ଼କୁ ଅନାଇଁ ମୁରୁକି ହସି କହିଲା - "ଆଉ କ'ଣ ଦେଖୁଛନ୍ତି ବାବୁ ! ଔପଟି ନେଇ ଏଇ ସୁଡ଼ଙ୍ଗରେ ହାମୁଡ଼ି ହାମୁଡ଼ି ଦଶହାତ ଯିବାକୁ ହେବ । ମହେନ୍ଦ୍ର ବାବୁ ଔପଟି ଧରି କହିଲେ—"ହଉ ଚାଲ ।" ତାରସିଂହ ଆଗେ ଆଗେ ଚାଲିଲା ମହେନ୍ଦ୍ର ବାବୁ ପଛେ ପଛେ । ଦଶହାତ ପରେ ତାରସିଂହ ମୁଣ୍ଡ ଟେକି ଠିଆହେଲା, ମହେନ୍ଦ୍ର ବାବୁ ମଧ୍ୟ ଔପଟି ଧରି ଠିଆହେଲେ । ଔପ ଆଲୁଅରେ ଚାରିଆଡ଼ ଚକ୍ ଚକ୍ ଦେଖଯାଉ ଥାଏ ।

ତାରସିଂହ ହସି ହସି କହିଲା—"ସେମିତ ଠିଆ ହେଲ କାହିଁକି ? ଔପଟିକି ଟେକି ଦେଖ, ଏଇ ତାରସିଂହ କଣ କରିପାରେ—କେତେ ସମ୍ପତ୍ତି ସଂଗ୍ରହ କରିପାରେ ।"

ମହେନ୍ଦ୍ର ବାବୁ ଔପଟିକୁ ଟେକି ଦେଇ ଗୁମ୍ଫାର ଚାରିଆଡ଼କୁ ଅନାଇଲାକ୍ଷଣି ସେ ଏକରକମ ଅବାକ୍ ହୋଇଗଲେ । ବିସ୍ମୟରେ ତାଙ୍କ ଆଖି ଖୋସି ହୋଇଗଲା । କେଉଁଠି ଗଦାଗଦା ରୂପା ଓ ଟଙ୍କା ଚକ୍ ଚକ୍ କରୁଛି । କେଉଁଠି ନୋଟଗୁଡ଼ାକ ବଡ଼ାକୁ ବଡ଼ା ଗୋଟାଏ କଣକୁ ଆଉଜା ହୋଇଛି । କେଉଁଠି ରୂପାର ଅଳଙ୍କାର ଟୋକେଇ ଟୋକେଇ ଅଲଗା ଗଦାପରି କୁଢ଼ାହୋଇଛି । କେଉଁଠି ସଫା ସୁଭ୍ରବ ଜାଗାରେ ଅସଂଖ୍ୟ ସୁନାର ହାର, ସୁନା ଖଡ଼ୁ, ସୁନାକାଠି ଇତ୍ୟାଦି କୁଢ଼ାହୋଇଛି । ମହେନ୍ଦ୍ର ବାବୁ ଏ ସବୁ ଦେଖି ଦେଖି ସେ ନିଜକୁ କ୍ଷଣିକ ପାଇଁ ଭୁଲିଗଲେ । ସେ ସ୍ୱପ୍ନରେ ଏ ସବୁ ଦେଖୁଛନ୍ତି ନା ସତରେ ଏ ସବୁ ଦେଖୁଛନ୍ତି, ତାଙ୍କ ନିଜକୁ ତାଙ୍କର ବିଶ୍ୱାସ ହେଲା ନାହିଁ ।

ତାରସିଂହ ମହେନ୍ଦ୍ର ବାବୁଙ୍କ ପିଠିରେ ହାତମାରି କହିଲା— "ଶଏ ବର୍ଷ ଏ ସବୁ ବସି ଖାଇଲେ ଆମ୍ଭର ଏ ସବୁ କଦାପି

Digitized by srujanika@gmail.com

ସରବ ନାହିଁ । ମାଆ ତମକୁ ସୁବୁଦ୍ଧି ଦିଅନ୍ତୁ, ତମଦ୍ୱାରା ଏ କୋଠ-ରିଟି ପୂର୍ଣ୍ଣ ହୋଇଯାଉ ।" ମହେନ୍ଦ୍ର ବାବୁ ତା କଥା ବୁଝିପାରି କହିଲେ—"ମୁଁ ନିଶ୍ଚୟ ଏହାର ଅଧା ଜିନିସ ଯୋଗ କରିଦେବି ।" ତାରସିଂହ ତାଙ୍କ ପିଠିରେ ହାତ ମାରି କହିଲା—"ତମେ ବାବୁ, ଆମ ସ୍ୱାମୀବାବାଙ୍କର ଠିକ୍ ଶିଷ୍ୟ ହୋଇଛ ।"

ମହେନ୍ଦ୍ର ବାବୁ ଏ ସବୁ ଆହୁରି ଥରେ ଦେଖି ଦେଖି ପଚାରିଲେ ଏ ସବୁ ବାକ୍ସରେ ପୂରାଇ ତାଲା ଦେଇ ରଖୁନା ? କିଏ ଏଥିଭିତରୁ ନେଇଯିବ ନାହିଁତ ?

ତାରସିଂହ ମୁରୁକି ହସି କହିଲା—"କାହାର ସାଧ ଅଛି, କିଏ ଏଠୁ ନେବ ?" ଏଠି ଯେଉଁମାନେ ଅଛନ୍ତି—"ସେମାନେ ଏଥିକୁ ନେବେ ବା କାହିଁକି ! ସେମାନଙ୍କର ତ ଘର, ସେମାନଙ୍କର ଏ ସମ୍ପତ୍ତି ! ସେମାନେ ବାହାରୁ ଡକାୟତି କରି ଏଠି ଆଣି ଜମା-କରିବା ଛଡ଼ା ନବା କଥା ଭାବିବେ କାହିଁକି ?"

ମହେନ୍ଦ୍ର ବାବୁ ସେ ଘର ଭିତରୁ ବାହାରି ଆସୁ ଆସୁ କହିଲେ—"ହଁ ଠିକ୍ କଥା, ସେମାନେ ବା କାହିଁକି ଏ ସବୁ ଭାବିବେ ।"

ତାରସିଂହ ସେ ଘରଟି କିଳିଲା ଆଗେ ଆଗେ ନଇଁ ନଇଁ ଚାଲିଲା । ମହେନ୍ଦ୍ର ବାବୁ ପଛରେ ଆସୁ ଆସୁ ଭାବୁ ଥାଆନ୍ତି—"ଆହା, କିଏ କେତେ କଷ୍ଟରେ ଏ ସମ୍ପତ୍ତି ସଞ୍ଚୟ କରିଥିବ । କେଉଁ ଯୁବତୀ କେତେ ପେଟ ମାରି ତା ସ୍ୱାମୀ ସଙ୍ଗରେ ଲଗାଇ ହାରଟିଏ ତିଆରି କରିଥିବ କିନ୍ତୁ ଏମାନେ ସେ କଥା ଥରେ ନ ଭାବି ଡକାୟତି କରି ନେଇ ଆସିଛନ୍ତି । ସେମାନଙ୍କ ମନରେ କି କଷ୍ଟ ନ ହେଉଥିବ ।"

ମହେନ୍ଦ୍ର ବାବୁ ଏ ସବୁ ଭାବିବା ଭିତରେ ଗଳି ବାଟକୁ ମଧ୍ୟ ବେଶ୍ ଠଉରାଇ ନେଉଥାନ୍ତି ।

Digitized by srujanika@gmail.com

ସେଦିନ ପଞ୍ଚମ ବଡ଼ି ସାରିଲାପରେ ମହେନ୍ଦ୍ର ବାବୁଙ୍କୁ ତାରସିଂହ କହିଲା –"କାଲି ବାବୁ, ତମକୁ ଆମ ସଙ୍ଗରେ ଯିବାକୁ ହେବ । ପ୍ରଥମେ ପ୍ରଥମେ କମରି ଉଦ୍ଯାପିତ କରିବାକୁ ହୁଏ ନ ଶିଖିଲେ, ଅନେକ ସମୟରେ ନିଜ ଉପରକୁ ବଡ଼ ବିପଦ ଆସେ ।"

ମହେନ୍ଦ୍ର ବାବୁ ତାରସିଂହକୁ ଦଣ୍ଡେ ବିସ୍ମୟରେ ଅନାଇଁ କହିଲେ–"ନିଶ୍ଚୟ, ମୁଁ କାଲି ତମମାନଙ୍କ ସଙ୍ଗରେ ଯିବି ।"

ତା' ପରେ ମହେନ୍ଦ୍ର ବାବୁ ସବୁଦିନେ ଯେଉଁ ଗୁମ୍ଫା ଭିତରେ ଶୁଅନ୍ତି ସେହି ଗୁମ୍ଫା ଭିତରକୁ ଚାଲି ଆସିଲେ । ତାଙ୍କ ଆସିବା ଆଗରୁ ଊର୍ମିଳା ତାଙ୍କ ଖଟିଆ ଉପରେ ଡେଇଁ ଶୋଇଥିଲା । ମହେନ୍ଦ୍ର ବାବୁ ଆସ୍ତେ ଆସ୍ତେ ଖଟିଆ ଉପରେ ବସି ଊର୍ମିଳା ଉପରେ ହାତ ପକାଇଲା-କ୍ଷଣି ଊର୍ମିଳା ଖେ ଖେ ହୋଇ ହସି ଉଠିଲା । ମହେନ୍ଦ୍ର ବାବୁ ବି ହସିଲେ । ପ୍ରଥମେ କେତେ ଖୁସି ଗପସପ ପରେ ମହେନ୍ଦ୍ର ବାବୁ କହିଲେ—"କହୁଥିଲ ପରା, ରାତିରେ କହିବ ବୋଲି ?"

ଊର୍ମିଳା କହିଲା—"ହଁ କହିବି, ଡରିବ ନାହିଁ ତ ?"

ମହେନ୍ଦ୍ର ବାବୁ ବଡ଼ ଗମ୍ଭୀର ହୋଇ କହିଲେ—"ଏଁ, ତମେ ମାଇକିନା ସବୁ ନ ଡରି ଏଠି ରହିଛ, ଆଉ ମୁଁ ଡରିବି ?"

ଊର୍ମିଳା ମୁରୁକି ହସି କହିଲା—"ହଉ ମରଦଙ୍କର ସେ ଦିନ କେତେ ସାହସ ଦେଖିବା ଯେ । ଆମର ସେ ଗ୍ରହଣ ଲାଗିବା ଦିନ ବଡ଼ ପୂଜା ହୁଏ । ସେଦିନ ଏ ଦଳର ଯିଏ ଯେଉଁଠି ଅଛନ୍ତି ସମସ୍ତେ ଏଠିକୁ ଆସନ୍ତି । ମଦ ମାଂସ ମଉଜ ମଜଲିସ୍‌ରେ ଏ ସ୍ଥାନ ପୂରିଯାଏ । ଗ୍ରହଣ ଲାଗିଲା ବେଳେ ମାଆ ଏକରକମ ଜୀବନ୍ତମୂର୍ତ୍ତି ପାଲଟି ଯାଆନ୍ତି । ସେହି ଶୁଭ ମୁହୂର୍ତ୍ତରେ କ'ଣ ହୁଏ ଜାଣ ? ଊର୍ମିଳା ନୀରବ ରହିଲା ।"

ମହେନ୍ଦ୍ର ବାବୁ ବିସ୍ମୟରେ ପଚାରିଲେ—"କଣ ହୁଏ ?"

Digitized by srujanika@gmail.com

ଊର୍ମିଳା ଆଖି ତରାଟି ଫୁସ୍ ଫୁସ୍ କରି କହିଲା—"ମାଆଙ୍କୁ ନରବଳି ଦିଆଯାଏ, ଗୋଟିଏ ନୁହେଁ ଛଅ ଜଣ । ସେ ସବୁ ପୁରୁଷ ନୁହନ୍ତି ସ୍ତ୍ରୀ । ଯେଉଁମାନେ ବିଭା ନ ହୋଇ ଥିବେ ସେହିମାନଙ୍କୁ !"

ଭୟରେ ମହେନ୍ଦ୍ର ବାବୁ ଥରିବାକୁ ଲାଗିଲେ । ନରବଳି ? ଅବିବାହିତା ବାଳିକା ? ମହେନ୍ଦ୍ର ବାବୁଙ୍କ ମୁଣ୍ଡ ଘୂରିବାକୁ ଲାଗିଲା । ତାଙ୍କୁ ଲାଗୁଥାଏ ପାହାଡ଼ ଉପରେ ଯେପରି କିଏ ତାଣ୍ଡବ ନୃତ୍ୟ କଲାଣି, ଆଉ ମୁହୂର୍ତ୍ତିକ ପରେ ମୁଣ୍ଡ ଉପରେ ଥିବା ଖଣ୍ଡିଏ ପ୍ରସ୍ତର ଭାଙ୍ଗି ସର୍ଙ୍ଗାରୁଡି କୁଢ଼େଇ ହୋଇ ପଡ଼ିବ । ସେ ନିର୍ବାକ ହୋଇ ଅନେକ ସମୟ ବସି ରହିଲେ ।

ଊର୍ମିଳା ମୁରୁକି ହସି କହିଲା—"କାହିଁ ଆପଣଙ୍କର ତ ଜଣେ ପୁରୁଷର ସାହସ ଥିଲା ପରି ଜଣା ଯାଉନାହିଁ । ଏ କଥା ଶୁଣୁ ଶୁଣୁ ଆପଣଙ୍କର କଲିଜା ଯେ ଥରିଲାଣି, ଏହା ଆପଣଙ୍କ ମୁହଁରୁ ସଫା ଜଣା ପଡ଼ୁଛି । ଆପଣତ ଏ କଥା ଶୁଣି ଭୟ ପାଉଛନ୍ତି, ଯଦି ସେଦିନ ଆପଣଙ୍କୁ ମାଆଙ୍କ ଆଗରେ ବଳି ଦେବାପାଇଁ କୁହାଯାଏ, ତାହାହେଲେ ତ ଆପଣ ସେଠି ମୂର୍ଚ୍ଛା ହୋଇଯିବେ ।

ମହେନ୍ଦ୍ର ବାବୁ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କହିଲେ— "ହେ ଭଗବାନ୍ ! ନିରୀହ ବାଳିକାଗୁଡ଼ିକୁ ବଳି ପକାଇ ଲାଭ କ'ଣ ? ସେମାନଙ୍କୁ କିଏ ଏଠିକି ନେଇ ଆସେ ?"

ଊର୍ମିଳା ତାଙ୍କ ପାଟିରେ ହାତ ଦେଇ କହିଲା—"ସେମିତି କହନ୍ତୁ ନାହିଁ ।" ତାହା ପୂଜାରି ବାପା । କିଏ ଯଦି ଶୁଣିବ ଆପଣ ଏ କଥା ପଚାରିବାକୁ ଯଣା କରୁଛନ୍ତି, ତାହାହେଲେ ସ୍ୱାମୀବାବା ନାହିଁ କି ଏଠି ଯେଉଁମାନେ ଅଛନ୍ତି, ସେମାନେ ଆଉ ଆପଣଙ୍କୁ ସୁଖ ପାଇବେ ନାହିଁ । ସେଥିରେ ଆପଣଙ୍କର ଯାଏ ଆସେ କେତେ ।

Digitized by srujanika@gmail.com

କେବଳ ଦେଖିବା କଥା, ଯଦି ଆପଣ ଆଗରୁ ବାହାରି ବଳି ପକାଇବାକୁ ଇଚ୍ଛା କରନ୍ତି, ତାହା ହେଲେ ସମସ୍ତେ ଘର ଖୁସି ହେବେ ।"

ମହେନ୍ଦ୍ର ବାବୁଙ୍କୁ ଘରଆଡ଼ ଅନ୍ଧାର ଦିଶୁଥିଲା, ଉର୍ମିଳା କଥାରେ ସେ କେଉଁ ସ୍ୱପ୍ନରାଜ୍ୟରୁ ଫେରି ଆସିଲା ଭଳି କହିଲେ— "ମୁଁ ନିଜେ ଏ ସବୁ ପାରିବି ନାହିଁ, ଦେଖି ପାରିବି କି ନାହିଁ ସନ୍ଦେହ ।"

ଉର୍ମିଳା ପୁନର୍ବାର ତାଙ୍କୁ ସତର୍କ କରିଦେଇ କହିଲା— "ସେମିତି କହନ୍ତୁ ନାହିଁ । ସେଦିନ ତ ଆପଣ ସ୍ୱାମୀବାବାଙ୍କ ଆଗରେ ସତ୍ୟ କରିଛନ୍ତି, କେଉଁ କାମକୁ ପଛୁଇବେ ନାହିଁ ? ସେ ବଳି ପଡ଼ିବା ସମୟରେ ଆପଣଙ୍କର ଯଦି ଭୟ ହେବ, ତାହାହେଲେ ସେଠି ନ ରହିଲେ ବି କିଏ ସେ ବେଳକୁ ଆପଣଙ୍କୁ ଖୋଜୁଛି ? ଅନ୍ୟଆଡ଼େ ଆପଣ ନିଜର ମଜଲିସରେ ମାତି ଯିବେ ।"

ମହେନ୍ଦ୍ର ବାବୁ ଗୋଟାଏ ଆଶ୍ୱସ୍ତି ନିଶ୍ୱାସ ମାରି କହିଲେ— "ହଁ ତାହାହିଁ ହେବ । ମୁଁ ବର୍ଷେ ଦୁଇବର୍ଷ ପରେ ଏଠାରେ ପୁରୁଣା ହୋଇଗଲେ ମୋତେ ଆଉ କେଉଁ କାମ ବଳାଇବ ନାହିଁ ।"

ଉର୍ମିଳା ତାଙ୍କ ଦେହକୁ ଆଉଜିପଡ଼ି ମୁରୁକି ହସି କହିଲା— "ବହୁତ ବଡ଼ ହେଲାଣି, ଶୁଣନ୍ତୁ ? ତମର ସାହସ ପଣିଆ ଖୁବ୍ ଜଣାଗଲା । ଏ କଥା ଶୁଣିଲା ବେଳଠୁଁ ମହେନ୍ଦ୍ର ବାବୁଙ୍କ ଆଖିକୁ ନିଦ ଟିକିଏ ହେଲେ ସ୍ପର୍ଶ କରୁ ନ ଥିଲା । ମହେନ୍ଦ୍ର ବାବୁ ବଡ଼ ଆଗ୍ରହରେ ପଚାରିଲେ—'ମାଳତୀ କ'ଣ ସେତିକି ବେଳକୁ ଆସିବ ?

ଉର୍ମିଳା କହିଲା —"ହଁ, ସେ ତ ନିଶ୍ଚୟ ଆସିବ । ସ୍ୱାମୀବାବା ତାକୁ ଖୁବ୍ ଭଲ ପାଆନ୍ତି । ମାଆଙ୍କ ପୂଜା ସମୟରେ ସେ ପ୍ରାୟ

Digitized by srujanika@gmail.com

ଅଭ୍ୟାଗ୍ତ ଝିଅ ଆଣି ଯୋଗାଏ । ଖବର ଆସି ପହଞ୍ଚି ସାଇଛି । ସେ ଗୋଟିଏ ଝିଅ ନେଇ ଏଠି ଆସି ପହଞ୍ଚିବ ।"

ମହେନ୍ଦ୍ର ବାବୁଙ୍କ ଆଖି ଉପରକୁ ଟେକି ହୋଇଗଲା । ସେ ବଡ଼ ଉଦ୍‌ବେଗରେ ପଚାରିଲେ —"ମାଳତୀ କହୁଥିଲା ତୁମର କୁଆଡ଼େ ଗୋଟିଏ ସୁନ୍ଦର ଅଭ୍ୟାଗ୍ତ ଭଉଣୀ ଅଛି ? ତାକୁ ଆଜ ନେଇ ଆସିବ ନାହିଁ ତ ?

"ଉର୍ମିଳା ଟିକିଏ ଗମ୍ଭୀର ହୋଇ କହିଲା—"ହଁ ମୋର ଗୋଟାଏ ଭଉଣୀ ଅଛି, ତାକୁ ଯଦି ମାଳତୀ ନେଇ ଆସେ, ତାହାହେଲେ ମୋର ଯାଏ ଆସେ କ'ଣ ! ତା ଉପରେ ଅନେକ ଦିନରୁ ମୋର ବଡ ରାଗ । ମା'ଆଙ୍କ ପୂଜାପାଇଁ ତାକୁ ଯଦି ସେ ଆଣିବ, ମୁଁ ଆଉ କ'ଣ କରିବ ? ଯେଉଁମାନଙ୍କୁ ଅଣାହୁଏ, ସେମାନଙ୍କୁ ଅନ୍ୟ କାହାର ସହିତ ଦେଖା କରିବା ଦିଆଯାଏ ନାହିଁ । ସେମାନଙ୍କୁ ଏକ ନିବୃତ ଘରେ ବନ୍ଦକରି ରଖାଯାଏ ।" ଉର୍ମିଳା ଚୁପ୍ ରହିଲା ।

ଏ କଥା ଶୁଣୁ ଶୁଣୁ ମହେନ୍ଦ୍ର ବାବୁଙ୍କର ଭିତରଟା ଉର୍ମିଳା ପ୍ରତି ରାଗରେ ଠକ୍ ଠକ୍ ଫୁଟୁଥିଲା । କେଡ଼େ ସ୍ୱାର୍ଥପର ଏ ବଦମାସ ମାଇକିନା ଟାଏ । ନିଜର ଭଉଣୀକୁ ଯଦି ବଳି ଦିଆଯାଏ, ତାହା-ହେଲେ ସ୍ତ୍ରୀ ମନରେ ବି ଟିକେ ମାତ୍ର କଷ୍ଟ ନାହିଁ । ତାଙ୍କର ମନେ ହେଉଥିଲା—ଗୋଟାଏ ଗୋଲିଟାରେ ଖଣ୍ଡେ ଉପରୁ ତଳକୁ ଫୋପାଡ଼ି ଦିଅନ୍ତେ; କିନ୍ତୁ ସେ ଯେ ଏ ସବୁ ଧରିବା ପାଇଁ ଆସି-ଛନ୍ତି; ସବୁ ରାଗକୁ ମନ ଭିତରେ ଗୁପି ରଖି କହିଲେ—"ମାଳତୀ ଆଉ କେବେ ଆସିବ ?" ଉର୍ମିଳା କହିଲା—"ପୂଜା ତିନି ଚାରିଦିନ ଥିବ ସେ କାଲିସୁଦ୍ଧା ଆସି ପହଞ୍ଚିବ ।"

ମହେନ୍ଦ୍ରବାବୁ ଆଉ କ'ଣ ପଚାରିବାକୁ ଇଚ୍ଛା କରୁଥିଲେ, ଉର୍ମିଳା ଆଳସ୍ୟ ଭାଙ୍ଗି କାଳିବଦେଇ କହିଲା —"ବହୁତ ରାତି ହେଲାଣି ଶୁଅନ୍ତୁ । ମହେନ୍ଦ୍ର ବାବୁ ବାଧ ହୋଇ ଶୋଇଲେ ।"

× × × ×

Digitized by srujanika@gmail.com

ଏଥି ମଧ୍ୟରେ ମହେନ୍ଦ୍ର ବାବୁ ଡକାୟତଦଳଙ୍କ ସହିତ ମିଶି ଅନେକ ଜାଗା ଡକାୟତି କରି ଯାଇଛନ୍ତି । ଡକାୟତି କରି ଗଲା-ବେଳେ କପଡ଼ କାଚ୍ଛ ମାରିବାକୁ ହୁଏ; କପାଳ ମୂର୍ଦ୍ଧରେ କଳା କନାର ମୁଖା, ହାତରେ ଛୁରୀ ଇତ୍ୟାଦି ଧରିବାକୁ ହୁଏ, ତାରସିଂହ ଓ ଦଳର ଅନ୍ୟମାନେ ତାଙ୍କୁ ଶିଖାଇ ସାରିଲେଣି । ତା' ଛଡ଼ା ମହେନ୍ଦ୍ର ବାବୁ ପ୍ରଥମେ ଯେଉଁ ମଠରେ ଆସି ଥିଲେ, ସେଠିକୁ ଦରକାର ପଡ଼ିଲେ ରାତିରେ ଯିବା ଆସିବାରେ ତାଙ୍କ ଉପରେ କୌଣସି କଟକଣା ନାହିଁ ।

ପନ୍ଦରଦିନ ବିତିଗଲା—ସେ ଦିନ ମଦ ପିଇବା ଆଡ୍ଡା ଭିତରେ ବସିଲାବେଳେ ତାରାସିଂହ ମହେନ୍ଦ୍ର ବାବୁଙ୍କ ଆଡ଼କୁ ଅନାଇଁ କହିଲା—"କାଲି ବାବୁ ତମ ପାଳି ପଡ଼ିବ । ମହାନଦୀକୂଳରେ ଯେଉଁ କଞ୍ଚି ଘର କଥା କହୁଥିଲ, ତାଙ୍କ ଘରୁ କଞ୍ଚ ମାଲ ଆଣିବାକୁ ପଡ଼ିବ ।"

ମହେନ୍ଦ୍ର ବାବୁ ହସି ହସି କହିଲେ—"କଞ୍ଚ ମାଲ ? ମା'ଆଙ୍କ ଦୟା ହେଲେ ଆମେ ସମସ୍ତେ ଖୁସି ହୋଇଯିବା ।" ତାରାସିଂହ ନିଶରେ ହାତମାରି କହିଲା—"ଦେଖ, ସେଠିକୁ ଯିବାକୁ ହେଲେ ସଙ୍ଗରେ ଦି' ତିନିଟା ପିସ୍ତଲ ନେଇଯିବାକୁ ପଡ଼ିବ ।" ମହେନ୍ଦ୍ର ବାବୁ କହିଲେ—"ନିଶ୍ଚୟ ନେଇ ଯିବା ଉଚିତ କିନ୍ତୁ ମୋର ଧାରଣା ମହାନଦୀକୂଳେ ନିଶା ଭିତରେ ସେପରି କିଛି ପ୍ରାୟ ବିପଦ ନାହିଁ ।"

ସେହିଦିନ ରାତି ଏଗାରଟା, ମହେନ୍ଦ୍ର ବାବୁଙ୍କର ମନ ଭାବନାରେ ଅସ୍ଥିର । ପଙ୍ଗତ ବଢ଼ି ସାରିଲା ପରେ ନିଜ ଶୋଇବା ସ୍ଥାନକୁ ଫେରି ଆସିଲେ । ସେ ଯେଉଁ କଞ୍ଚି ଘର କଥା ଡକାୟତ ଦଳଙ୍କୁ କହିଛନ୍ତି—ସେ ପ୍ରକୃତରେ କଞ୍ଚି ଘର ନୁହେଁ । ପୋଲିସ୍ ଏସ୍. ପି. ଙ୍କର ଘର ।

Digitized by srujanika@gmail.com

ଦୈବାତ୍ ସେଦିନ ଉର୍ମିଳାର କୌଣସି କାମ ଥିବାରୁ ଡେରିରେ ଆସିବାକୁ କହି ଯାଇଥିଲା । ମହେନ୍ଦ୍ରବାବୁଙ୍କୁ ନିବୋଳା ସମୟ ମିଳିବାରୁ ଖଣ୍ଡେ କାଗଜରେ ତରତର କରି ଲେଖି ପକାଇଲେ ।

ମହାଶୟ, ଆପଣଙ୍କ ଘରେ ଏ ଯେଉଁ ଚୋରି ହେଲା ସେଥି-ପାଇଁ ଚିନ୍ତା କରିବେ ନାହିଁ । ପରେ ସବୁ ମିଳିବ । ଖଣ୍ଡଗିରି କାପାଳୀ ମଠ କଥା ଆପଣ ଜାଣନ୍ତି । ସେଇଠି ଯେତେ ବାଟ ପରେ ପାହାଡ଼ ତଳକୁ ଯେଉଁ ବାଟ ଦେଇ ଯିବାକୁ ହେବ—ଏଥି ସହିତ ଥିବା ମାନଚିତ୍ର ଖଣ୍ଡିକରୁ ସବୁ ବୁଝିବେ, ସାବଧାନ ! ଆସନ୍ତା ଗ୍ରହଣ ଦିନ ଠିକ୍ ରାତି ଦୁଇଟା ବେଳେ ସମସ୍ତ ପୋଲିସ ସେଠି ଯେପରି ଛଦ୍ମ ବେଶରେ ପହଞ୍ଚନ୍ତି । ପାହାଡ଼ ତଳକୁ ଯେଉଁ ବାଟ ଦେଇ ଯିବାକୁ ହେବ, ସେହି ବାଟ ଦୁଆର ମୁହଁରେ ମୁଁ ତିନିଥର ଆଲୁଅ ଧପ୍ ଧପ୍ କରି ଜଳାଇବି । ଠିକ୍ ସମୟରେ ନ ପହଞ୍ଚିଲେ ସବୁ ବୃଥା ହେବ, ମୋ ଜୀବନ ବି ଯିବ ।

ଆପଣଙ୍କର

—ମହେନ୍ଦ୍ର—

ମହେନ୍ଦ୍ର ବାବୁ ଚିଠି ଖଣ୍ଡିକ ଏବଂ ମାନଚିତ୍ର ଖଣ୍ଡେ ଟେବୁଲ ଗାରେଲ ଦେଇ ତରତର କରି କାଗଜ ଦି ଖଣ୍ଡ ଛାତି ଅଣ୍ଟାରେ ଗୁଞ୍ଜି ଦେଲେ । ଠିକ୍ ଅଳ୍ପ ସମୟ ପରେ ଉର୍ମିଳା ଆସି ସେଠି ପହଞ୍ଚିଲା । ମହେନ୍ଦ୍ର ବାବୁଙ୍କୁ ପଚାରିଲା—"ଏତେବେଳଯାଏ ଶୋଇ ନାହାନ୍ତି ନା ?"

ମହେନ୍ଦ୍ର ବାବୁ ହସି ହସି କହିଲେ—"ତମେ ନ ଆସିବାରୁ ଆଖିକୁ ନିଦ ଆସୁ ନାହିଁ ।"

ଉର୍ମିଳା ହସିଲା—

Digitized by srujanika@gmail.com

ତହିଁ ଆରଦିନ ମୁହଁ ସଞ୍ଜ ହେଲା ବେଳକୁ ଖୁବ୍ ଭଦ୍ରଲୋକ ବେଶରେ ମହେନ୍ଦ୍ର ବାବୁଙ୍କୁ ମିଶାଇ ଦଶଜଣ ତେଲଙ୍ଗାବଜାରରେ ଥିବା ସେହି ବେଶ୍ୟାଘରେ ଆସି ପହଞ୍ଚିଲେ । ମହେନ୍ଦ୍ର ବାବୁ ଏତେଦିନ ପରେ ସେହି କାଠଯୋଡ଼ି ବାଲି, କଣ୍ଟକ ଏବଂ ଅଳ୍ପ ଦୂରରେ ସେହି ପ୍ରାଣଧନ ବାବୁଙ୍କ ଘର କଥା ଭାବି ତାଙ୍କ ମନ ଆନନ୍ଦରେ ନାଚି ଉଠୁଥାଏ । ମନ ହେଉଥାଏ—ଏହି ମୁହୂର୍ତ୍ତରେ ଦଉଡ଼ିଯାଇ ଏ ଡକାୟତ ଦଳଙ୍କୁ ଧରି ପକାଇଦେବେ । ପ୍ରାଣଧନ-ବାବୁଙ୍କ ଘରକୁ ଦଉଡ଼ିଯାଇଁ କହିଦେବେ --ସେ ତାଙ୍କ ଝିଅ ଟୁନିକୁ ଜଗି ରଖନ୍ତୁ, ନଚେତ୍ ମାଳଶ୍ରୀ ଶିଖାଇ ନେଇ କାଳୀ ପାଖରେ ବଳି ପକାଇବ । ମାଳଶ୍ରୀକୁ ବି ସେ ଏକ ମୁହୂର୍ତ୍ତରେ ଧରାଇ ଦେଲେ ସବୁ ଠିକ୍ ହୋଇ ଯାଆନ୍ତା, କିନ୍ତୁ ଏଥିରେ ତାଙ୍କର କ'ଣ ପୂର୍ବ ଉଦ୍ଦେଶ୍ୟ ପୂରଣ ହେବ ? ନା ସେ ଏ ସବୁ କରିବେ ନାହିଁ । ଶେଷ ପର୍ଯ୍ୟନ୍ତ ଜୀବନକୁ ପାଣି ଛଡ଼ାଇଦେବେ—'ଭଗବାନ୍ ତାଙ୍କର ଭରସା ।'

ଅନ୍ଧାର ରାତି । ଦୁଇଟାବେଳ······

ମହାନନ୍ଦ ବାଲି ଚଳୁ ଦଶଜଣ ଡକାୟତ ଗୋଡ଼ ଟିପିଟିପି ବାରଣ୍ଡା ଉପରକୁ ଉଠିଲେ । ଆଗରେ ତାରସିଂହ ସର୍ଦ୍ଦାର । ଦାଣ୍ଡ ବାରଣ୍ଡାରେ ଶୋଇଥିବା ତିନି ଚାରିଜଣ ଲୋକ ନିସୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଥାନ୍ତି ।

ତାରସିଂହ ସେମାନଙ୍କ ପାଖରେ ଆସ୍ତେ ଆସ୍ତେ ଯାଇ ଠିଆ-ହୋଇ ଶୋଇଥିବା ଲୋକ ତିନିଟାର ମୁହଁ ଓ ଗୋଡ଼ ହାତ ବାନ୍ଧି ପକାଇବାପାଇଁ ନିର୍ଦ୍ଦେଶ ଦେଲା ।

ତାରସିଂହର ନିର୍ଦ୍ଦେଶ ପାଇବା ମାତ୍ରେ ତାଙ୍କ ଭିତରୁ ଦୁ'ଜଣ ଲୋକ ହଠାତ୍ ଶୋଇଥିବା ଲୋକ ତିନିଟାଙ୍କ ମୁହଁକୁ ଏପରି ଭାବରେ

Digitized by srujanika@gmail.com

ଧରି ବାନ୍ଧି ପକାଇଲେ ଯେ, ସେମାନେ ଉଁ ଚୁଁ ହେବାର ଉପାୟ ନ ଥିଲା । ସଙ୍ଗେ ସଙ୍ଗେ ଗୋଡ଼ ହାତ ବାନ୍ଧି ଦିଆଗଲା ଏବଂ କାନ ପାଖରେ ଫୁସ୍ ଫୁସ୍ କରି କହି ଦିଆଗଲା—"ଯଦି ହଲ୍ ଚଲ୍ ହୋଇ ପାଟି କରି ତାହାହେଲେ କଲିଜା କାଢ଼ି ନିଆଯିବ । ସେମାନଙ୍କ ପାଖରେ ଜଣେ ତୀକ୍ଷ୍ଣ ଛୁରୀ ହାତରେ ଧରି ଜଗି ରହିଲା ।"

ତା' ପରେ ତାହିରସିଂହ ଭିତର ପାଖକୁ ଯିବାପାଇଁ ବାଟ ଖୋଜୁ ଖୋଜୁ ଗୋଟାଏ ଖୋଲା ଝରକା ପାଖରେ ଠିଆହୋଇ ହତିଆର ଆଣିବାକୁ ଜଣକୁ ନିର୍ଦ୍ଦେଶ ଦେଲା । ପାଞ୍ଚମିନିଟ୍ ପରେ ଝରକାଟା ଖୋଲା ହୋଇଗଲା, ସଙ୍ଗେ ସଙ୍ଗେ ଭିତରକୁ ସମସ୍ତେ ପଶିଗଲେ ।

ମହେନ୍ଦ୍ର ବାବୁ ତାହିରସିଂହ କାନ ପାଖରେ ଫୁସ୍ ଫୁସ୍ ହୋଇ କହିଲେ—"ଏଇ ଘରେ ସେ କାଳି ଶୁଏ, ମାଲ୍ ସେଇ ଘରେ ଅଛି ।"

ତାହିରସିଂହ ସେଇ ଘର କବାଟ ପାଖରେ ଠିଆହୋଇ କବାଟରେ ଠକ୍ ଠକ୍ କରି ହାତ ମାରିଲା ।

ସାତ ଆଠଥର ଠକ୍ ଠକ୍ ପରେ ଏସ୍, ପି, ରମନାରାୟଣ-ବାବୁ ଜବାବ ଦେଲେ—"କିଏ ?" ତାହିରସିଂହ ପିସ୍ତଲଟାକୁ ହାତରେ ସଜାଡ଼ି ଧରି ସ୍ୱର ବଦଳାଇ କହିଲା—"ଅଜ୍ଞା, ଘୋଡ଼ା ଗାଡ଼ିରେ କିଏ ଜଣେ ବାବୁ ଆସି ଦାଣ୍ଡରେ ଡାକୁଛନ୍ତି ।"

କୌଣସି ଭଦ୍ରଲୋକ ବିପଦରେ ପଡ଼ି ଏତେ ରାତିରେ ଆସି-ଥିବାରୁ ବୋଧହୁଏ ଡାକୁଛି ବୋଲି ରମନାରାୟଣ ବାବୁ ଆଲୁଅ ଟିକେ ଝିଞ୍ଜିରି ଫିଟାଇଲେ । କବାଟ ମୁକୁଳା କରିଦେଇ ଯାହା ଦେଖିଲେ, ସେଥିରେ ଯେ କୌଣସି ଲୋକର ରକ୍ତ ପାଣି ପାଟି ଯିବାର କଥା ।

କାଳିଆ ଭୂତପରି ନଅଟା ବଣମଣିଷ ମୂର୍ତ୍ତି ମୁହଁରେ କଳାକନାର ମୁଖା, କାହା ହାତରେ ପିସ୍ତଲ—କାହା ହାତରେ

Digitized by srujanika@gmail.com

ହାତେ ଲମ୍ବର ଛୁରୀ ଚକ୍ ଚକ୍ କରୁଛି । ରମନାରାୟଣ ବାବୁଙ୍କର ଏ ସବୁ ଦେଖି ପାଟି କରିବାକୁ ସାହସ ହେଲା ନାହିଁ । ତାଙ୍କ ଦେହ ଥରିବାକୁ ଲାଗିଲା ।

ତାରସିଂହ ପଛେ ପଛେ ଆଉ ନଅଜଣ ଘର ଭିତରକୁ ନିର୍ଭୟରେ ପଶିଗଲେ । ତାରା ସିଂହ ପିସ୍ତଲଟା ଅନ୍ୟ ହାତକୁ ବଦଳାଇଦେଇ ହଠାତ୍ ଚମକ ପରି ରମନାରାୟଣ ବାବୁଙ୍କ ପାଟି ମିଶା ନାକକୁ ଏପରି ଭାବରେ ନିଜର ଡାହାଣ ହାତରେ ଚିପି ଧରିଲା, ଯେପରି ତାଙ୍କର ଏକବାରକେ ନିଶ୍ବାସ ବନ୍ଦ ହୋଇଯିବ । ସେହି ଅବସ୍ଥାରେ ତାଙ୍କୁ ସମସ୍ତେ ଧରାଧରି କରି ନେଇ ଖଟ ଉପରେ ହୁଲ୍‌କନା କଚାଡ଼ି ଦେଲେ ।

ଖଟ ଉପରେ ଏପରି କଚାଡ଼ି ହୋଇ ପଡ଼ିବା ଶବ୍ଦ ଶୁଣି ତାଙ୍କ ସ୍ତ୍ରୀଙ୍କର ନି... ଘୁଞ୍ଚିକନା ଭାଙ୍ଗିଗଲା । ସେ ଅନାଇଁ ଦେଇ ଚିତ୍କାର କରି ଉଠିଥିଲେ, ତାଙ୍କ ପାଟିରେ ଜଣେ ହାତ ଦେଇ ଇମିତି ଏକ ଠେଲା ଦେଲା ଯେଉଁଥିରେ ସେ ସେଇଠି ମୂର୍ଚ୍ଛା ହୋଇ ପଡ଼ି ରହିଲେ । ତା' ପରେ ଅନ୍ୟମାନେ ତାଙ୍କର ଗୋଡ଼ ହାତକୁ ଦଉଡ଼ାରେ ବାନ୍ଧିପକାଇ ଘର ଖୋଜିବାକୁ ଲାଗିଲେ । ମହେନ୍ଦ୍ର ବାବୁ ସେମାନଙ୍କୁ କହିଲେ—"ଡେରେ ସବୁ ଭାଙ୍ଗି ତୁଜ କାଢ଼ିନିଅ । ଆଉ ଘରେ ଅନ୍ୟଲୋକ ବୋଧହୁଏ ଶୋଇଛନ୍ତି, ସେମାନଙ୍କୁ ବାହାରୁ କବାଟ ବନ୍ଦକରି ଆସ । ମୁଁ ଏଇଠି ଜଗିଛି, ଠିକ୍ ଏ ହଲ୍ ଚଲ୍ ହୋଇ ପାଟି ଫିଟାଇଲେ କଲିଜା ଉପାଡ଼ି ଦେବ । ସମସ୍ତେ ମହେନ୍ଦ୍ର ବାବୁଙ୍କୁ ସେଠି ଜଗାଇ ବାକ୍ସ ଇତ୍ୟାଦି ଭାଙ୍ଗିବାରେ ଲାଗିଗଲେ ।

ଠକ୍ ଠକ୍ ଋଣଖେଣ ପ୍ରାୟ ଅଧଘଣ୍ଟା ଚାଲିଲା । ଏଥିମଧ୍ୟରେ ମହେନ୍ଦ୍ର ବାବୁ ଛଟି ଖଣ୍ଡିକ ଅଣ୍ଟାରୁ ବାହାରି କରି ହାତରେ ଧରି ସାରିଲେଣି । ସବୁ ଦାମିକା ଗହଣା ଗାଣ୍ଠି, ଟଙ୍କା ସୁନା ବୋହି

Digitized by srujanika@gmail.com

ନେବା ପରେ ଡାକ୍ତସିଂହ ସେ ଘରୁ ଆଗରେ ଖୁବ ବେଗରେ ବାହାର ଯାଉ ଯାଉ ତାଙ୍କୁ ଚାଲି ଆସିବାକୁ ନିର୍ଦ୍ଦେଶ ଦେଲେ । ମହେନ୍ଦ୍ର ବାବୁ ସେ ଚିଠି ଖଣ୍ଡିକ ରମାନାଥପୁଣ ବାବୁଙ୍କ ହାତରେ ଗୁଞ୍ଜିଦେଇ ଖୁବ୍ ଜୋରରେ ହାତ ମୁଠାକୁ ଚିପିଦେଇ ସେ ଘରୁ ଅନ୍ତର ହୋଇଗଲେ ।

× × × ×

ସକାଳୁ ଏମ୍, ପି,ଙ୍କ ଘରୁ ଚୋରି ଯାଇଛି ବୋଲି ସହରରେ ଚହଳ ପଡ଼ିଗଲା । ପୁଲିସ୍ ବିଭାଗରେ ସବୁ ବଡ଼ ବଡ଼ ହାକିମ ତାଙ୍କର ବଙ୍ଗଳାରେ ରୁଣ୍ଡ ହୋଇଗଲେ । ରମନାଥପୁଣ ବାବୁ ରାତିରେ ଘଟିଥିବା ଘଟଣା ଶୁଣାଉ ଶୁଣାଉ ଖଟପାଖରେ ଖଣ୍ଡେମୋଡ଼ା ମୋଡ଼ ହୋଇ ପଡ଼ିଥିବା କାଗଜ ପ୍ରତି ତାଙ୍କର ନଜର ପଡ଼ିଲା । ତାଙ୍କର ଖିଆଲ ଆସିଲା ଶେଷ ବେଳକୁ ଏହି କାଗଜ ଭଳି କ'ଣ ଗୋଟାଏ ଜିନିସ ତାଙ୍କ ହାତରେ କିଏ ଗୁଞ୍ଜିଦେଇ ଯାଇଥିଲା । କୌତୁହଳରେ ସେ ଖଣ୍ଡିକ ଉଠାଇ ଫିଟାଇ ପକାଇ ପାଢ଼ା ପଢ଼ିଲେ, ସେ କ୍ଷଣକରେ ସବୁ କଥାକୁ ଭୁଲି ଆନନ୍ଦରେ କୁହୁଳି ଉଠିଲେ । ଏ ବିପଦ ବେଳେ ତାଙ୍କ ମୁହଁରେ ହସ ଦେଖି ସେ ଚିଠି ଖଣ୍ଡିକ ସମସ୍ତେ ଥରକୁ ଥର ପଢ଼ିବାକୁ ଲାଗିଲେ । ପଢ଼ିସାରି ମହେନ୍ଦ୍ର-ବାବୁଙ୍କର ପ୍ରଶଂସା ନ କରି କେହି ରହିପାରିଲେ ନାହିଁ । ପୋଲିସ ମହଲରେ ଚାଞ୍ଚଲ୍ୟ ଓ ସଙ୍ଗେ ସଙ୍ଗେ ଯୋଗାଡ଼ ମଧ୍ୟ ଲାଗିଗଲା ।

× × × ×

ପ୍ରାୟ ଦଶହଜାର ଟଙ୍କାର ଜିନିଷର ସନ୍ଧାନ ମହେନ୍ଦ୍ର ବାବୁ ପ୍ରଥମ ଥର ବତାଇ ଦେଇଥିବାରୁ ସ୍ୱାମୀବାବା ତାଙ୍କ ଉପରେ ଯେତିକ ସନ୍ତୁଷ୍ଟ ଅନ୍ୟମାନେ ବି ସେତିକି । ବର୍ତ୍ତମାନ ସମସ୍ତଙ୍କ ଆଗରେ ମହେନ୍ଦ୍ରବାବୁ ଖୁବ୍ ବିଶ୍ୱାସୀ । ସେଥିପାଇଁ ସେଠାରେ କୌଣସି ଗୁପ୍ତ ଜିନିଷ ଆଉ ତାଙ୍କୁ ଅଛପା ନାହିଁ ।

Digitized by srujanika@gmail.com

ଗ୍ରହଣ ରାତ୍ତି ରହିଲା ମୋଟେ ତିନଦିନ । ସେଥିପାଇଁ ସେମାନଙ୍କ ଭିତରେ ଖୁବ୍ ଉତ୍ସାହ ଓ ଆନନ୍ଦ ଖେଳି ଯାଇଛି । ଅନେକଆଡ଼ୁ ଅନେକ ସେଠିକାର ଗୁପ୍ତଚର ମଧ୍ୟ ଧନ ସମ୍ପତ୍ତି ଆଣି ସେଠାରେ ରୁଣ୍ଡ ହୋଇ ଗଲେଣି । ଦୁଇଟି ବାଳିକା ମଧ୍ୟ ଅଣାହୋଇ ବଳି ଉଦ୍ଦେଶ୍ୟରେ ନିଭୃତ୍ତ କୋଠରୀରେ ରଖାଯାଇଛନ୍ତି ।

ସେଦିନ ମହେନ୍ଦ୍ରବାବୁ ତାଙ୍କ ଖଟିଆ ଉପରେ ବସି ଏଣୁ ତେଣୁ କେତେ କଥା ଭାବୁଛନ୍ତି । ଗ୍ରହଣ ଦିନ ରାତ୍ତି ଦୁଇଟାବେଳେ ତାଙ୍କ ଜୀବନରେ ଯେ କି ମୁହୂର୍ତ୍ତ ହେବ, ସେଇ କଥା ତାଙ୍କ ମନକୁ ଅସ୍ଥିର କରି ପକାଉଛି । ହଠାତ୍ ଉର୍ମିଳା ସେ ଘରକୁ ପଶି ଆସି କହିଲା—"ଶୋଇ ନାହାନ୍ତି ନା ? କ'ଣ ଭାବୁଛନ୍ତି ?"

ମହେନ୍ଦ୍ରବାବୁ କହିଲେ—"ଆଉ ଭାବିବି କ'ଣ ? ସେହି କଟକରେ ଜଣଙ୍କ ଘରେ ୨୦ ହଜାର ଟଙ୍କା ନଗଦ ପୋତା ହୋଇଅଛି ବୋଲି ମୁଁ ଖବର ରଖିଛି । ସେଇତକ କପରି କୌଶଳରେ ହାତ ପକାଇବାକୁ ହେବ, ସେଇ କଥାହିଁ ଭାବୁଛି । ତୁମେ ପରା କହୁଥିଲ ଉର୍ମିଳା—ମାଳତୀ ନିଶ୍ଚୟ ଆସିବ, କାହିଁ ଏପର୍ଯ୍ୟନ୍ତ ଆସିଲା ନାହିଁ ?"

ଉର୍ମିଳା କହିଲା—"ମାଳତୀ ନିଶ୍ଚୟ ଆସିବ, ଆଜି ରାତିରେ ନ ହେଲେ କାଲି ନିଶ୍ଚୟ ଆସି ପହଞ୍ଚିବ । ତା' ପାଇଁ ଏତେ ବ୍ୟସ୍ତ କାହିଁକି ?" ଉର୍ମିଳା ମୁରୁକି ହସିଲା ।

ମହେନ୍ଦ୍ରବାବୁ କହିଲେ—"ବିଗୁଣୀ ଖୁବ୍ ଭଲ ମଣିଷଟିଏ ।"

ତହିଁ ଆରଦିନ ସକାଳୁ ମହେନ୍ଦ୍ରବାବୁ ଉଠି ନାହାନ୍ତି, ମାଳତୀ ଆସି ତାଙ୍କୁ ହଲାଇ ଦେଲା । ମହେନ୍ଦ୍ରବାବୁ ନିଦ ଗର ଗର ହୋଇ ଅନାଇଁ ଦେଲେ ତାଙ୍କ ଆଗରେ ମାଳତୀ ! ତାଙ୍କର ହଠାତ୍ ବିଶ୍ୱାସ ହେଲା ନାହିଁ । ସେ ଖଟ ଉପରେ ବସିପଡ଼ି ଆଖି ମଳି ଅନାଇଁଲେ, ସେ ଅନ୍ୟ କେହି ନୁହେଁ—ମାଳତୀ ।

Digitized by srujanika@gmail.com

ମାଳତୀ ତାଙ୍କ ମୁହଁକୁ ଅନାଇଁ ହସିଲା ।

ମହେନ୍ଦ୍ର ବାବୁ ହସି ହସି ତାକୁ ପାଖକୁ ଆଉଜେଇ ଆଣି କହିଲେ—"ବେଶ୍, ତମେ ମୋତେ ଏଠି ଛାଡ଼ି ଦେଇ, ନିଶ୍ଚିନ୍ତରେ ସେଠାରେ ରହିଛ, ନୁହେଁ ? ମୁଁ ପ୍ରାୟ ସବୁଦିନେ ତମ କଥା ପଚାରେ ।"

ମାଳତୀ ମୁରୁକି ହସୁ ହସୁ କହିଲା—"ମୁଁ କ'ଣ ନିତି ମନେ ପକାଏ ନାହିଁ ? ଏଥର କଣ ମୁଁ ଆଉ ସେଠିକୁ ଯିବି ! ମୋର କାମ ସେଠୁ ଶେଷ ହୋଇ ଯାଇଛି ।"

ମହେନ୍ଦ୍ର ବାବୁ ତା' କାନ ପାଖରେ ଫୁସ୍ ଫୁସ୍ କରି କହିଲେ—"ମା'ଙ୍କ ପୂଜାପାଇଁ ତ ମୋଟେ ଯୋଡ଼ିଏ ଝିଅ ଆସିଛନ୍ତି । ତୁମ ଉପରେ ଆଉ ଗୋଟିଏ ଆଣିବାର ଭାର ଥିଲା । ପ୍ରାଣଧନ ବାବୁଙ୍କ ଝିଅ ସେ ଟୋକୀକୁ କୌଶଳରେ ନେଇ ଆସିଲ ନାହିଁ ? ମାଆଙ୍କ ପୂଜା ପାଇଁ ବେଶ୍ ହୋଇଥାନ୍ତା ।"

ମାଳତୀର ମୁହଁରେ ହସ ଫୁଟି ଉଠିଲା । ସଙ୍ଗେ ସଙ୍ଗେ କହିଲା—"ସେ କଥା କ'ଣ ଆଉ ମାଳତୀକୁ ଶିଖାଇବାକୁ ହେବ ? ସେ ଟୋକୀକୁ ନେଇ ଆସିଛି । ଯେଉଁ କୋଠରୀରେ ଅନ୍ୟ ଦି'ଜଣ ଅଛନ୍ତି, ତାକୁ ସେଇ ଘରେ ରଖା ଯାଇଛି ।"

ମହେନ୍ଦ୍ର ବାବୁ ଏ କଥା ଶୁଣିଲାକ୍ଷଣି ତାଙ୍କୁ ଲାଗୁଥିଲା, ସେ ଯେପରି ଏ କଥା ଶୁଣୁ ନାହାନ୍ତି, ସ୍ୱପ୍ନ ଦେଖୁଛନ୍ତି । ମହେନ୍ଦ୍ର ବାବୁ ନୀରବ । ମାଳତୀ ହସି ହସି କହିଲା—"ସେ ବଳି ପଡ଼ିବ ବୋଲି କ'ଣ ତମ ମନରେ ରାଗ ଆସୁଛି ?"

ମହେନ୍ଦ୍ର ବାବୁ କହିଲେ—"ନା, ଦୁଃଖ ନୁହେଁ ଯେ, ତୁମେ କପରି କୌଶଳରେ ତାକୁ ଆଣିଲ—ସେଇ କଥାହିଁ ଭାବୁଥିଲି ।"

ମାଳତୀ କହିଲା—"ଏଥିରେ କୌଶଳ କ'ଣ ରହିଲା ? ଆପଣ ଯେପରି ନିଶ୍ଚିନ୍ତ ଚିତ୍ତରେ ଶବାଗରେ ଅସିଲେ, ଠିକ୍ ସେହିପରି ।"

Digitized by srujanika@gmail.com

ଆପଣ ଯେଉଁ ମଠରେ ଆଗ୍ନି ପ୍ରଥମେ ରହୁଥିଲେ, ସେହି ମଠରୁ ୧୦ ଜଣ ଲୋକ ଯାଇଥିଲେ । ଆସିବା ଦିନ ମୁଁ ଟୁନି ଘରେ ଶୋଇଥିଲି, ରାତି ଅଧରେ କବାଟ ଫିଟାଇ ଦେଲି । ଏମାନେ ଆଗେ ମୁହଁକୁ ମାଡ଼ବସି ପାଟି ବନ୍ଦ କରିଦେଲେ, ତା ପରେ ଟେକି ଆଣିଲେ । କାଲି ରାତି ଦୁଇଟାବେଳେ ଆମେ ସବୁ ଏଠି ଆସି ପହଞ୍ଚିଲୁ ।"

ମହେନ୍ଦ୍ର ବାବୁଙ୍କ ଗୁଣ୍ଡ ଏ କଥା ଶୁଣି ଧପ୍ ଧପ୍ ହୋଇ ଉଠିଲା । ତାଙ୍କ ଆଖିରୁ ଅଗ୍ନି କଣା ବାହାରୁ ଥିବାଭଳି ଲାଗୁଥିଲା । ସବୁ କଥାକୁ ମନ ଭିତରେ ଗୁପିରଖି ମହେନ୍ଦ୍ର ବାବୁ ମାଳଞ୍ଚ ମୁହଁ ଆଡ଼େ ଅନାଇଁ କହିଲେ—"ତମପରି କୌଶଳ କେହି କରି ପାରିବେ ନାହିଁ । ଏଇଥିପାଇଁ ସ୍ୱାମୀବାବା ତମକୁ ଏତେ ଭଲ ପାଆନ୍ତି ।"

× × × ×

ମାଳଞ୍ଚ ହସିଲା ।

ଗ୍ରହଣ ଲାଗିବ ସାଢ଼େ ଦୁଇଟାରେ । ସେହି ସମୟକୁ ମାଆଙ୍କ ଆଗରେ ଛନୋଟି ବଳି ଦିଆଯିବ । ମନ୍ଦାର ଫୁଲ ମାଳ ପିନ୍ଧି ଆଜି କାଳୀମୂର୍ତ୍ତି ଠିକ୍ ଜୀବନ୍ତ ଦେଖା ଯାଉଛନ୍ତି । ତାଙ୍କ ହାତରେ ଥିବା ଖଡ଼୍ଗଟି ଆଲୁଅରେ ଚକ୍ ଚକ୍ ମାରୁଛି । ବଳିପଡ଼ିବା ଅର୍ଗଳି ଉପରେ ମନ୍ଦାରଫୁଲ ଓ ସୁନ୍ଦର ଦିଆଯାଇଛି । ସେହି ଅର୍ଗଳିକୁ ଲାଗି ଡେରି ହୋଇଛି ବିରାଟ ଖଡ଼୍ଗ, ଯାହାକୁ ଦେଖିଲେ ମନୁଷ୍ୟର ରକ୍ତ ପାଣି ଫାଟିଯିବ । ସ୍ୱାମୀବାବା ଧ୍ୟାନରେ ବସିଛନ୍ତି, ଧ୍ୟାନରୁ ଉଠିଲା ସଙ୍ଗେ ସଙ୍ଗେ ବଳି ଦିଆଯିବ । ପାଖରେ ମଣିଷ ମୁଣ୍ଡ ଖୋଳରେ ଛନୋଟି ପାତ୍ରରେ ମଦ ଥୁଆ ଯାଇଛି ।

Digitized by srujanika@gmail.com

ସେଦିନ ସେଠାରେ ଥିବା ସମସ୍ତ ସ୍ତ୍ରୀ ପୁରୁଷମାନଙ୍କର ଆନନ୍ଦର ସୀମା ନାହିଁ । ଏକବ ମିଶି ଆକଣ୍ଠ ମଦ ମାଂସ ଖାଇ ମାତାଲ ହୋଇ ଏଣେ ତେଣେ ପଡ଼ୁଛନ୍ତି । କଏ ବଳି ଦେଖିବାପାଇଁ ଢୋଳେଇ ଢୋଳେଇ ସେହିଆଡ଼କୁ ଅନାଉଛନ୍ତି ।

ମହେନ୍ଦ୍ର ବାବୁ ବାଧହୋଇ ସାମାନ୍ୟ ମଦ ଖାଇଥିଲେ ବି ତାଙ୍କର ବେଶ୍ ଚେତା ଥିଲା । ତାରିସିଂହ ଖୁବ୍ ମଦ ପିଇ ଚିତ୍-ହୋଇ କୁମ୍ଭକର୍ଣ୍ଣ ପରି ନିକଟରେ ପଡ଼ିଛି—ତା' ଅଳ୍ପ ଦୂରରେ ତାର ଅସ୍ତ୍ର ଶସ୍ତ୍ର ଘରର ଗୃହଚାବି ପଡ଼ିଛି । ତାରିସିଂହ ସେ ଗୃହଚାବି କାହାକୁ ଭୁଲରେ ବି ଦିନେ ଦେଇ ନାହିଁ, ମହେନ୍ଦ୍ରବାବୁ ମିଛି-ମିଛିକା ତାରି ପାଖରେ ଶୋଇ ଗୃହଚାବି ହସ୍ତଗତ କରି ନେଲେ ।

ଦୁଇଟା ବାଜିଲା । ମହେନ୍ଦ୍ରବାବୁ ଜାଣିଥିଲେ—"ସ୍ୱାମୀବି ବା ଅଢ଼େଇଟା ପୂର୍ବରୁ କେବେ ଉଠିବେ ନାହିଁ । ଅନ୍ୟମାନଙ୍କର ଏକେରକମ ଚେତା ନାହିଁ; ସେତେବେଳେ କଏ କାହାକୁ ବା ଖୋଜୁଛି ? ଆଉ ମୋଟେ ତିରିଶଟି ମିନିଟ ବାକି ଅଛି, ହୁଏତ ସେହି ସମୟ ଭିତରେ ମରିବେ—ନଚେତ୍ ଏହି ଡକାୟତଦଳଙ୍କୁ ସମୂଳେ ବିନାଶ କରିବେ । ହାତରେ ଗ୍ଲୋବ ଟର୍ଚ୍ଚଲାଇଟ ନେଇ ବଡ଼ ସତର୍କରେ ଗୁମ୍ଫାପରେ ଗୁମ୍ଫା ପାର ହେବାକୁ ଲାଗିଲେ । ଅଜଣା ଆଶଙ୍କାରେ ତାଙ୍କ ଛାତି ଥରୁଥାଏ । ସେହି କେତେ ଘଣ୍ଟାକ ପାଇଁ ସେଦିନ କେବଳ ପାହାଡ଼ ତଳକୁ ପ୍ରବେଶ ଦ୍ୱାର ମୁକ୍ତ ଥିଲା ।

ମହେନ୍ଦ୍ର ବାବୁ ପ୍ରବେଶ ଦ୍ୱାରରେ ଠିଆହୋଇ ଗୁମ୍ଫାଆଡ଼କୁ ଥରେ ଅନାଇଁଲେ । ତା' ପରେ ମନେ ମନେ ଭାବିଲେ—"ଯଦି ଦୈବାତ୍ କେହି ନ ଆସିଥାନ୍ତି, ତାହାହେଲେ ସର୍ବନାଶ ହେବ । ଅକାରଣରେ ତିନୋଟି ନିଷ୍ପାପ ବାଳିକା ବଳି ପଡ଼ିବେ । ଭଗବାନଙ୍କୁ ଡାକି ତିନିଥର ଆଲୁଅ ଦେଖାଇବାକୁ ଲାଗିଲେ ।"

Digitized by srujanika@gmail.com

ରାମନାରାୟଣ ବାବୁ କମ୍ ସୁଚତୁର ନୁହନ୍ତି । ସେ ଯେପରି ସବୁ କଥା ଜାଣି ଖୁବ୍ ଅଳ୍ପ ଦୂରରେ ଅପେକ୍ଷା କରି ରହିଥିଲେ । ଆଲୁଅ ଲିଭିବାର ପ୍ରାୟ ଦୁଇମିନିଟ ପରେ ନକେ ରାମନାରାୟଣ ବାବୁ ଏବଂ ତାଙ୍କର ଅନ୍ୟାନ୍ୟ ସୁଚତୁର ୨୩ ଜଣ ପୋଲିସ୍ ସେଠାରେ ରୁଣ୍ଡ ହୋଇଗଲେ । ସମସ୍ତଙ୍କର କଳା ପୋଷାକ, ହାତରେ ଏକାଥରେ ୧୪ ଥର ଗୁଳି ଫୁଟିବାର ପିସ୍ତଲ ।

ସମସ୍ତେ ମହେନ୍ଦ୍ର ବାବୁଙ୍କ ପାଖରେ ପହଞ୍ଚିବା ସଙ୍ଗେ ସଙ୍ଗେ ଆଉ ମୁହୂର୍ତ୍ତେ କାଳ ବିଳମ୍ବ ନ କରି ମହେନ୍ଦ୍ର ବାବୁ ସେମାନଙ୍କୁ ତା' ଭିତରକୁ ନେଇ ବଡ଼ ସାବଧାନରେ ତିନି ଜାଗା ଲୁଚାଇ ରଖିଲେ ଏବଂ ମହେନ୍ଦ୍ର ବାବୁ ଓ ନାରାୟଣ ବାବୁ ବଳି ପଡ଼ିବା ସ୍ଥାନ ଦେଖାଯାଉଥିବା ଗୋଟାଏ ନିହାତି ଅନ୍ଧାରିଆ ଜାଗାରେ ଅପେକ୍ଷା କରି ରହିଲେ । ରାମନାରାୟଣ ବାବୁ ପକେଟରୁ ଆଉ ଗୋଟାଏ ଅଧିକା ପିସ୍ତଲ ମହେନ୍ଦ୍ର ବାବୁଙ୍କ ହାତକୁ ବଢ଼ାଇ ଦେଇ ଚୁପ୍ ଚୁପ୍ କାନ ପାଖରେ କହିଲେ—"ଆପଣ ସୁବିଧା ଦେଖି ପିସ୍ତଲ ବ୍ୟବହାର କରିପାରନ୍ତି ।" ମହେନ୍ଦ୍ର ବାବୁ ସେ ପିସ୍ତଲଟି ଲୁଚାଇ ରଖି କହିଲେ—"ତାହାହେଲେ ଆପଣ ଏଠି ରହନ୍ତୁ । ମୁଁ ଅନ୍ୟ ପାଖକୁ ଯାଉଛି—ମୋର ପିସ୍ତଲ ଫୁଟିଲେ ଆପଣ ହୁଇସିଲ୍ ଦେବେ ।"

ସାଢ଼େ ଦୁଇଟା । ସ୍ୱାମୀବାବା ଧ୍ୟାନରୁ ଉଠି ଚାରିଆଡ଼େ ଅନାଇଲେ । ତା' ପରେ ପାଖରେ ବସି ଢୋଳାଉଥିବା ଜଣକ ଦେହରେ ହାତ ମାରିଦେବା ସଙ୍ଗେ ସଙ୍ଗେ ସେ ଜଣକ ଉଠି ଅନ୍ୟମାନଙ୍କୁ ଉଠାଇ ଦେଲା । ସେଥିମଧ୍ୟରୁ ପ୍ରାୟ ଅଧିକାଂଶ ଉଠି ଠିଆ ହୋଇ ପଡ଼ିଲେ ।

ସ୍ୱାମୀବାବା ସଙ୍କେତ ଦେଲେ—'ବଳି ଏଇକ୍ଷଣି ପଡ଼ିବ' । ସଙ୍ଗେ ସଙ୍ଗେ ପ୍ରାୟ ଚାରିଜଣ ଲୋକ ଗୋଟାଏ ବାଳିକାକୁ ମୁହଁ

Digitized by srujanika@gmail.com

ହାତ ବାନ୍ଧି ଟେକିନେଇ ଆସି ଅର୍ଗଳି ଭିତରେ ପୂରାଇ ଦେଲେ । ଘାତୁକ ଜଣକର ସେହି ଲମ୍ବା ଖଡ଼୍‌ଗଟି ଠିକ୍ ସ୍ୱାମୀବାବାଙ୍କ ଆଦେଶକୁ ଅପେକ୍ଷା କରି ରହିଥିଲା ।

ମହେନ୍ଦ୍ରବାବୁ ଦେଖିଲେ, ସେ ବାଳକଟି ଆଉ କେହି ନୁହେଁ,—'ଟୁନି' । ତାର ଗୋଡ଼ ହାତ ହଲାଇବାକୁ ଆଉ ଉପାୟ ନ ଥିଲା; ମହେନ୍ଦ୍ରବାବୁଙ୍କ ଟିପ ପିସ୍ତଲ ଘୋଡ଼ାଆ ଉପରେ ଠକ୍ ଠକ୍ ହେଉଥାଏ ।

ସ୍ୱାମୀବାବା ମନ୍ତ୍ର ପଢ଼ି ବେଲପତ୍ର ପକାଇଲେ—ଆହୁରି ବି ପୂଜା ବାକି; ମହେନ୍ଦ୍ରବାବୁ ଶେଷ ପୂଜା ସମୟକୁ ଅପେକ୍ଷା ନ କରି ସେହି ଘାତୁକକୁ ଲକ୍ଷ୍ୟ କରି ପିସ୍ତଲ ଛୁଟାଇଲେ । ଆଖି ପିଛୁଳାକେ ଘାତୁକଟା ଗଛ କାଟିଲା ପରି ତଳେ ପଡ଼ି ବାଡ଼େଇପିଟି ହେବାକୁ ଲାଗିଲା । ରମନାରାୟଣ ବାବୁ ହୁଇସିଲ୍ ମାରି, ପିସ୍ତଲ ଧରି କହି ଉଠିଲେ—"ଏମାନଙ୍କୁ ଗ୍ରେପ୍ତା କରି ଦେବାପାଇଁ ସମସ୍ତେ ପିସ୍ତଲ ଚଳାଅ । ପିସ୍ତଲ ଆବାଜରେ ପାହାଡ଼ ତଳ କମ୍ପିବାକୁ ଲାଗିଲା ।"

ସେଠି ମଦ ପିଇ ପଡ଼ିଥିବା ସମସ୍ତ ଡକାୟତ ଦଳ ଉଠି ଆକ୍ରମଣ କରିବାକୁ ଲାଗିଲେ, କିନ୍ତୁ ସବୁ ବୃଥା ହେଲା । ତାରସିଂହ ହଠାତ୍ ତା ଅସ୍ତ୍ର ଶସ୍ତ୍ର ଥିବା ଘରଟାକୁ ପଳାଇବା ପାଇଁ ଗୁରୁ ଖୋଜି-ଲାକ୍ଷଣି, ଗୁରୁ ସେ ଅଞ୍ଚଳରେ ନାହିଁ—ଆଉ ଉପାୟ ! ତାକୁ ଚାରିଆଡ଼ ଅନ୍ଧକାର ଦେଖାଗଲା । ସେ ଖର ବେଗରେ ଜଣେ ପୋଲିସ୍ ଉପରେ ଚଢ଼ାଉ କଲାକ୍ଷଣି, ରମନାରାୟଣ ବାବୁ ଲକ୍ଷ୍ୟ କରି ତା ଗୁଣ୍ଡିକୁ ପିସ୍ତଲ ମାରିଦେଲେ । ଚିତ୍କାର କରି ଲୋକଟା ତଳେ ପଡ଼ିଗଲା । ମହେନ୍ଦ୍ର-ବାବୁ ତର ତର କରି ଟୁନିକୁ ଅର୍ଗଳି ଭିତରୁ ବାହାର କରିଦେଲେ; ଟୁନି ଆବା କାବା ହୋଇ ଗୋଟିପଣ ଥରୁଥାଏ ।

ମହେନ୍ଦ୍ରବାବୁ ଟୁନିକୁ ପିଠାଇ ସ୍ୱାମୀବାବାଙ୍କ ଆଡ଼କୁ ଅନାଇଁଲେ, କାହାନ୍ତି ସେ ? କାହିଁ ତାଙ୍କର କାଳୀମୂର୍ତ୍ତି ? ତା' ବଦଳରେ ସେଠି

Digitized by srujanika@gmail.com

ପଡ଼ିଯାଇଛି ଗୋଟାଏ ବଡ଼ବଡ଼ କାଣ୍ଡ । ଏଥି ମଧ୍ୟରେ ବଞ୍ଚିଥିବା ଲୋକଗୁଡ଼ାଙ୍କୁ ପୋଲିସ ହାତକଡ଼ି ଦେବାରେ ଲାଗିଥାନ୍ତି ।

ମହେନ୍ଦ୍ର ବାବୁ, ରମାନାଥପୂର୍ଣ ବାବୁଙ୍କୁ ଧରି ସ୍ତ୍ରୀଲୋକମାନେ ଯେଉଁଠି ଥାଆନ୍ତି ସେଇଠିକୁ ଦଉଡ଼ିଗଲେ । କିନ୍ତୁ ଯାହା ଦେଖିଲେ—ସେଥିରେ ତାଙ୍କ ଆଖି ଖୋସି ହୋଇଗଲା । ସମସ୍ତେ ଶୋଇଛନ୍ତି କିନ୍ତୁ ସେମାନଙ୍କ ଦେହରେ ଆଉ ଜୀବନ ନାହିଁ । ଊର୍ମିଳା ତା ଭିତରେ ମଧ୍ୟ ମରି ଶୋଇଛି । ସେ ସମସ୍ତଙ୍କୁ ଦେଖି ଦେଖି ମହେନ୍ଦ୍ର ବାବୁ କହିଲେ—"ଏମାନଙ୍କ ପାଖରେ ଏକରକମ ହଳାହଳ ବିଷ ଥାଏ । ବିପଦ ପଡ଼ିଲେ ପାଟିରେ ଦେଇ ମରିଯିବା ପାଇଁ ସ୍ୱାମୀବାବାଙ୍କ ଆଦେଶ ପାଳନ କରନ୍ତି ।"

ରାତି ପାହିଲା ବେଳକୁ ସମସ୍ତ କାମ ଶେଷ ହୋଇଗଲା । ମହେନ୍ଦ୍ର ବାବୁ ଟୁନିକୁ ସାଙ୍ଗରେ ଧରି ହସି ହସି କହିଲେ—"ମୋତେ ବୋଧହୁଏ ଚିହ୍ନି ପାରିବ ନାହିଁ । ମୁଁ ମହେନ୍ଦ୍ର ବାବୁ; ସି, ଆଇ, ଡ଼ି—ଏ ଡକାୟତ ଦଳଙ୍କୁ ଧରିବାପାଇଁ ଏଠିକି ଆସିଥିଲି । ତମ ଭଉଣୀଙ୍କୁ ଦେଖିବ ଚାଲ । ସେ ଲଜ୍ଜାରେ ଆପେ ଆପେ ବିଷ ଖାଇ ମରିଛି । ସେହି ତମକୁ ବଳି ଦେବାପାଇଁ ଷଡ଼ଯନ୍ତ୍ର କରିଥିଲା ।"

ଭୟରେ ଟୁନିର ବୁଦ୍ଧି ବୃତ୍ତି ଲୋପ ପାଇଯାଇ ଥିଲା । ମହେନ୍ଦ୍ର ବାବୁଙ୍କୁ ଚିହ୍ନି ପାରି ତାଙ୍କର ମୁହଁକୁ କେବଳ ଛଳ ଛଳ ନେତ୍ରରେ ଅନାଇଲା । ମହେନ୍ଦ୍ର ବାବୁ ଅତି ସୋହାଗରେ ତା ଓଠକୁ ହଲାଇ-ଦେଇ କହିଲେ—"କିଛି ଭୟ ଆଉ ନାହିଁ, ମୁଁ ଅଛି ପରା ।"

ସକାଳୁ ସକାଳୁ ପାହାଡ଼ ଆଖ ପାଖରେ ଚହଳ ପଡ଼ିଗଲା । କଟକରୁ ବହୁତ ପୋଲିସ ଆସି ବି ସେଠାରେ ପହଞ୍ଚି ଗଲେ । ଗାଡ଼ି ଗାଡ଼ି ସୁନା, ରୁପା, ଟଙ୍କା ମଲ୍ଲି ମୁର୍ଦ୍ଧାର ଏବଂ ପ୍ରାୟ ୧୫ ଜଣ ସରିକ ଡକାୟତ ବନ୍ଧାହୋଇ କଟକ ଅଣା ହେଲେ ।

Digitized by srujanika@gmail.com

କିନ୍ତୁ ସମସ୍ତଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା ସ୍ୱାମୀବାବା, କାଳୀମୂର୍ତ୍ତି ଏବଂ ମାଳତୀ ଉଭାନ ହେବା କଥା । ଯେତେ ତନ୍ନ ତନ୍ନ କରି ଖୋଜିଲେ ମଧ୍ୟ କେଉଁଠି କିଛି ପତ୍ତା ମିଳିଲା ନାହିଁ ।

ସେଦିନ ଖଣ୍ଡଗିରି ରୋଡ଼୍ ଷ୍ଟେସନରେ ଗୋଟାଏ ବଳଦ ଗାଡ଼ିରେ ରମନାରାୟଣ ବାବୁ, ମହେନ୍ଦ୍ର ବାବୁ ଏବଂ ଟୁନି ସହିତ ଅନ୍ୟ ଦୁଇଟି ବାଳିକା ପହଞ୍ଚିଲାବେଳକୁ ଗାଡ଼ି ସମୟ ହୋଇ ଯାଇଥିଲା । ସମସ୍ତେ କଟକ ଫେରି ଆସିଲେ । ସେ ଦିନ ଟାଉନ ସାରା, ରାସ୍ତା ଘାଟ ବଜାର ପାନ-ଦୋକାନ ସବୁଠି ସେହି ଡକାୟତ ଦଳର କଥା । ମହେନ୍ଦ୍ର ବାବୁଙ୍କର ସବୁଠି ପ୍ରଶଂସା ।

ପ୍ରାଣଧନ ବାବୁଙ୍କ ଘରେ ସେହିଦିନ ହେଲା ଟୁନି ହରଣହେଲା ଦିନଠୁଁ ଚୁଲି ଜଳାଯାଇ ନ ଥିଲା । ପ୍ରାଣଧନ ବାବୁ ଯେମିତି ଶୁଣିଲେ ଡକାୟତଦଳରୁ ଟୁନିକୁ ମହେନ୍ଦ୍ର ବାବୁ ଉଦ୍ଧାର କରି ଆଣିଛନ୍ତି, ସେମିତି ସେ ମଟର ନେଇ ପୋଲିସ୍ ସାହେବଙ୍କ ଘରକୁ ଦଉଡ଼ିଗଲେ ।

ଟୁନି ପ୍ରାଣଧନ ବାବୁଙ୍କୁ ଦେଖି କୁଣ୍ଢାଇ ପକାଇଲା । ରମନାରା-ୟଣ ବାବୁ ବଳି ପଡ଼ିବା ଅବସ୍ଥାରୁ କିପରି ଟୁନି ଉଦ୍ଧାର ପାଇଲା, ସବୁ ଗୋଟି ଗୋଟି କରି କହି ମହେନ୍ଦ୍ର ବାବୁଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ପ୍ରାଣଧନ ବାବୁ ଆନନ୍ଦରେ ମହେନ୍ଦ୍ର ବାବୁଙ୍କୁ କୁଣ୍ଢାଇ ପକାଇ କହିଲେ—"ବାବା, ତମେ ତାକୁ ମରଣ ମୁହଁରୁ ଉଦ୍ଧାର କରିଛ—ସେ ତମର ସବୁଦିନ ହୋଇ ରହିଲା ।" ରମନାରାୟଣବାବୁ ଖଣ୍ଡେ ସିଗାରେଟ ଲଗାଇ ମୁରୁକି ହସି କହିଲେ--"ପ୍ରାଣଧନ ବାବୁ ଠିକ୍ ବିଚାର କରିଛନ୍ତି ।" ମହେନ୍ଦ୍ର ବାବୁ ତଳକୁ ମୁହଁ ପୋତିଲେ, ଟୁନି ଆଉ ସିଆଡ଼କୁ ଚାହିଁଲା ନାହିଁ ।

Digitized by srujanika@gmail.com

ଡକାୟୁତଦଳଙ୍କୁ ଯାବତ୍‌ଜୀବନ, କାହାକୁ କୋଡ଼ିଏ ବର୍ଷ କରି କଠିନ ଜେଲଦଣ୍ଡ ଦିଆଗଲା—କିନ୍ତୁ ବହୁବାର ଚେଷ୍ଟାରେ ସୁଦ୍ଧା ସ୍ୱାମୀବାବା ଆଉ ମାଳଖରର ପତ୍ତା ମିଳିଲା ନାହିଁ । ଅନ୍ୟ ଝିଅ ଦୁଇଟିଙ୍କୁ ସେମାନଙ୍କର ବାପ ମାଆ ଆସି ନେଇଗଲେ ଏବଂ ଗ୍ରେଫ୍‌ଯାଇଥିବା ଅଳଙ୍କାର ପତ୍ର ପ୍ରମାଣ ନେଇ ଯେଝାଁ ଜିନିଷ ଯେଝାକୁ ଫେରାଇ ଦିଆଗଲା ।

ତା ଛଡ଼ା ଯେଉଁ ବେଶ୍ୟାମାନଙ୍କ ସାହାଯ୍ୟରେ ଡକାୟୁତଦଳ ସହରରେ କାରବାର କରୁଥିଲେ, ପୋଲିସ୍ ହାତରେ ସେମାନଙ୍କୁ କଠିନ ଦଣ୍ଡ ଏବଂ କହୁତ ବର୍ଷ ଧରି ସଶ୍ରମ ଜେଲ ଦେବାର ଆଉ ବାକି ରହିଲା ନାହିଁ ।

× × × ×

ସନ୍ଧ୍ୟା ପାଞ୍ଚଟା । କାଠଯୋଡ଼ିରୁ ଶୀତଳ ପବନ ଝିଲ ଝିଲ ହୋଇ ବହି ଆସୁଥିଲା । ପ୍ରାଣଧନ ବାବୁ ଅଫିସ୍ ଘରେ ବସି ଖବାହ ସାମଗ୍ରୀର ଆଗରୁ ତାଲିକା କରୁଥିଲେ । ମହେନ୍ଦ୍ର ବାବୁ ଅଫିସ ଭିତରକୁ ପଶିଯାଇ ପ୍ରାଣଧନ ବାବୁଙ୍କୁ ନମସ୍କାର କଲେ ।

ପ୍ରାଣଧନ ବାବୁ ଆନନ୍ଦ ପ୍ରକାଶକରି କହିଲେ—"ଭିତରକୁ ଯାଅ ବାବା, ତମର ତ ଏ ଘର । ଲଜ୍ଜ ଆଉ କାହାକୁ ?"

ମହେନ୍ଦ୍ର ବାବୁ ଗୁକରକୁ ପଚାରିଲେ—"ଝିନ ଦେଇ କାହାନ୍ତି ?" ଗୁକର କହିଲା—"ଉପରେ ସେ କଣ ଘରେ ବସି କ ବହି ପଢ଼ୁଛନ୍ତି ।" ମହେନ୍ଦ୍ର ବାବୁ ଚୁପ୍ ଚୁପ୍ ସେହି ଘରକୁ ପଶିଗଲେ ।

Digitized by srujanika@gmail.com

ଟୁନି ବୋଧହୁଏ ଆଗରୁ ତାଙ୍କୁ ଦେଖିଥିଲା । ମହେନ୍ଦ୍ର ବାବୁ ଘର ଭିତରକୁ ପଶିଯିବା ସଙ୍ଗେ ସଙ୍ଗେ ଟୁନି ଲାଜ ଲାଜ ହୋଇ ହସି କହିଲା—"ତମେ ଏଠୁ ଯା, ତମକୁ ଲାଜ ନାହିଁ—ତଥିପରା ରହିଲା···" ଟୁନି ହସି ହସି ସେ ଘରୁ ବାହାରି ଯାଉଥିଲା, ମହେନ୍ଦ୍ର ବାବୁ ହସି ହସି ବାଟ ଓଗାଳି କହିଲେ—"କୁଆଡ଼େ ଯାଉଛ ? ରୁହ । ତମେ ଆଜିକାଲି ବଡ଼ ଅଭଦ୍ର ହେଲଣି ।"

ଟୁନି ତାଙ୍କ ମୁହଁକୁ ଚାହିଁ, ମୁରୁକି ମୁରୁକି ଦୁଷ୍ଟାମୀ ହସ ହସୁଥିଲା ।

———

ମୁଦ୍ରାକର—ଶ୍ରୀ ଅରକ୍ଷିତ ଦାସ
ଦାଶରଥି ପ୍ରେସ, ବାଲୁବଜାର, କଟକ—୧୯୬୪

Digitized by srujanika@gmail.com

ଦ୍ୱିତୀୟ ଭାଗ

Digitized by srujanika@gmail.com